R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୬
ତିଥି : ଚତୁର୍ଦ୍ଦଶୀ
୦୧ ଏପ୍ରିଲ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 176
01 April 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବିରୋଧୀଙ୍କୁ ଦୁଇ ଭାଇ ଏକାଠି କହି କଟାକ୍ଷ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧ ।୩ (ସବ୍ୟୁ): ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଛି, ଯାହାକି ବିଗତ ବର୍ଷର ବଜେଟ୍ ଅଟକଳ ଠାରୁ ପ୍ରାୟ ୭ ପ୍ରତିଶତ ଅଧିକ । ଏହି ବଜେଟ୍ ଅଟକଳ ମଧ୍ୟରୁ ପ୍ରସ୍ତାବିତ କାର୍ଯ୍ୟକ୍ରମ ଖର୍ଚ୍ଚ ହେଉଛି ୧ ଲକ୍ଷ ୮୦ ହଜାର କୋଟି ଟଙ୍କା । ଏହା ମୋଟ ବଜେଟ୍ ଅଟକଳର ୫୮ ପ୍ରତିଶତ । ଚଳିତ ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ମୋଟ୍ ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।



ବ୍ୟୟମଞ୍ଜୁରୀ ବିଲ୍ ପାରିତ

ଦୁଇ ଦଳ ମିଶିଗଲେ ହେଲେ ୧୧ ବିଧାୟକଙ୍କ ବିଶ୍ୱାସ ଜିତିଲେନି

କଳାବଜାରୀ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ମହଜୁଦ ଅଛି

ମଙ୍ଗଳବାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲରେ (୯ ପୃଷ୍ଠାରେ)

## ବିଜୁଙ୍କୁ ନେଇ କମ୍ପିଲା ଗୃହ

- ବିଜୁ ବାବୁଙ୍କୁ ଅପମାନ, ଜବାବ ଦେବେ ଓଡ଼ିଶାବାସୀ
- ନିନ୍ଦା ପ୍ରସ୍ତାବ ଆଲୋଚନା ପାଇଁ ବିରୋଧୀ ଦେଲେ ନୋଟିସ
- ଦୁବେଙ୍କ ମନ୍ତବ୍ୟ ଓଡ଼ିଆଙ୍କୁ ଆଘାତ ଦେଇଛି: ବିଜେଡି
- ସ୍ୱାଧୀନତା ସଂଗ୍ରାମୀଙ୍କୁ ସାଂସଦ ଅପମାନ ଦେଉଛନ୍ତି : କଂଗ୍ରେସ
- ବିଜୁ ବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି : ବିଜେପି

ଭୁବନେଶ୍ୱର, ୩୧ ।୩ (ସବ୍ୟୁ) : ଆଧୁନିକ ଓଡ଼ିଶା ନିର୍ମାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅଶାଳୀନ, ଅସତ୍ୟ ଓ ଭିତ୍ତିହୀନ ମନ୍ତବ୍ୟ ଭାରତ ବର୍ଷକୁ ଦୋହଲାଇ ଦେଇଛି । ଓଡ଼ିଶାବାସୀଙ୍କୁ ପ୍ରଚଣ୍ଡ ଆଘାତ ମଧ୍ୟ ଦେଇଛି । ସେହିପରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦିଲ୍ଲୀରେ ସାଂସଦ ଶ୍ରୀ ଦୁବେ ବାରମ୍ବାର ଅପମାନ ଦେଉଛନ୍ତି । ଭାରତର ଆତ୍ମା ଉପରେ ପ୍ରହାର କରୁଛି ବିଜେପି । ଯାହା ଦେଶ କେବେ କ୍ଷମା ଦେବନି । ଏପରି ଶାଣିତ ଆକ୍ରମଣ କରିଛନ୍ତି ବିରୋଧୀ (୯ ପୃଷ୍ଠାରେ)

## ସରିଲା ବିଧାନସଭା

ଭୁବନେଶ୍ୱର, ୩୧ ।୩ (ସବ୍ୟୁ) : ବିଧାନସଭାର ବଜେଟ୍ ଅଧିବେଶନ ଶେଷ ହୋଇଛି । ୫ କାର୍ଯ୍ୟ ଦିବସ ପୂର୍ବରୁ ଏହି ଅଧିବେଶନ ଆଗୁଆ ବନ୍ଦ ହୋଇଛି । ଫେବୃଆରୀ ୧୭ରୁ ୨୪ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ ଯାଏ ଚାଲିବାର ଥିଲା । ମାତ୍ର କୌଣସି ସରକାରୀ କାର୍ଯ୍ୟ ନଥିବାରୁ ସରକାରୀ ଦଳ ମୁଖ୍ୟ ସଚେତକ ବିଧାନସଭା ବନ୍ଦ ପାଇଁ ପ୍ରସ୍ତାବ ଆଗତ କରିଥିଲେ ।

ଏଥର ବିଧାନସଭା ଅଧିବେଶନ ବେଶ୍ ସରଗରମ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଅଧିବେଶନ ଚାଷୀଙ୍କ ଧାନ କିଣା ନ ଯାଉଥିବା ପ୍ରସଙ୍ଗରେ (୯ ପୃଷ୍ଠାରେ)

## ପୋଷଣ, ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା

### ସିଏଜି ରିପୋର୍ଟ

ସ୍କୁଲ ନଥାଇ ଉଠୁଛି ଚାଉଳ

ବରାଦ ହୋଇଥିବା ଅର୍ଥ ଖର୍ଚ୍ଚ ହୋଇନି

ଓଜନରେ ଚାଉଳ କମ୍ ଥିବାରୁ ୨୦.୮୫ କୋଟି ଲୁଟ୍

ଭୁବନେଶ୍ୱର, ୩୧ ।୩ (ସବ୍ୟୁ) : ସମନ୍ୱିତ ଶିଶୁ ବିକାଶ ସେବା ଓ ମଧ୍ୟାହ୍ନ ଭୋଜନ ସମେତ ପୋଷଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି । ଏଥିପାଇଁ ଉଦ୍ଦିଷ୍ଟ ପାଣ୍ଠି ଖର୍ଚ୍ଚ ନ ହେବା ସହ ଶିଶୁ, ଗର୍ଭବତୀ, ପ୍ରସୂତୀ ମହିଳା ଓ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟରେ କୋଟି କୋଟି ଟଙ୍କାର ଆର୍ଥିକ ହେରଫେର ହୋଇଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି । ୨.୧୯ କୋଟି ଶିଶୁ ଓ ମହିଳାଙ୍କ ଖାଦ୍ୟ ଲୁଟ୍ ହୋଇଥିବାବେଳେ ସ୍କୁଲ ନଥାଇ ବି ଚାଉଳ ଉଠିଛି ।

ଆଜି ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା । ରିପୋର୍ଟ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ, ବରିଷ୍ଠ ଉପମହାଲେଖାକାର ଭରତ ଚନ୍ଦ୍ର ବେହେରା, ଉପମହାଲେଖାକାର କେ ମଧୁବାଲା, ସଞ୍ଜୟ କୁମାର, ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଏ ବାଲକ୍ରିଷ୍ଣା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା, ବିଚିତ୍ରା ନନ୍ଦ ସାହୁ, ଭାସ୍କର ଚନ୍ଦ୍ର ରାଉଳ, ରଙ୍କନାଥ ମଲ୍ଲିକ, ଜଗତାନନ୍ଦ ମାଝୀ ପ୍ରମୁଖ ସୂଚନା ଦେଇଥିଲେ । ରିପୋର୍ଟ ଅନୁଯାୟୀ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟ ମହିଳା ଶିଶୁ ବିଭାଗ ବିକାଶ ବିଭାଗ ପାଖରେ ୫୧୨୮.୯୫ କୋଟି ଟଙ୍କାର ପାଣ୍ଠି ଥିଲେ ମଧ୍ୟ ୩୮୧.୪୧ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା । ବର୍ଷୱାରୀ ପାଣ୍ଠି ଖର୍ଚ୍ଚ ୭୧.୩୨%ରୁ ୯୭.୨୫% ରହିଥିଲା । ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାରେ ବିଳମ୍ବ ଯୋଗୁ ୩୩୯.୨ କୋଟି ଟଙ୍କାର ଅନୁଦାନ କେନ୍ଦ୍ର ସରକାର କାଟିଦେଇଥିଲେ । ୪୧୬ ଦିନ ବିଳମ୍ବରେ ବିନିଯୋଗ ପ୍ରମାଣପତ୍ର ଦିଆଯାଇଥିଲା । ସେହିଭଳି ପୋଷଣ ଅଭିଯାନରେ (୯ ପୃଷ୍ଠାରେ)




15001/13/2526



ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଓଡ଼ିଶା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/25-26/0013



# ଉତ୍କଳ ଦିବସ

**ଏପ୍ରିଲ ୧ରେ ଓଡ଼ିଶା ପାଇଥିଲା ତାର ନିଜସ୍ୱ ପରିଚୟ, ଯେଉଁ ଦିନକୁ ପ୍ରତି ଓଡ଼ିଆ ଉତ୍କଳ ଦିବସ ଭାବେ ପାଳନ କରେ । ଉତ୍କଳ ଦିବସ ହେଉଛି ଆମ ଓଡ଼ିଆ ଜାତିର ଅସ୍ମିତା, ସଂସ୍କୃତି ଏବଂ ବରପୁତ୍ରମାନଙ୍କ ଅତୁଳନୀୟ ତ୍ୟାଗର ପ୍ରତୀକ ।**

# ଖାଦ୍ୟ ପସରା



ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏହାର ସମୃଦ୍ଧ ସଂସ୍କୃତି ଏବଂ ଶ୍ରୀଜଗନ୍ନାଥଙ୍କ ସହିତ ଜଡ଼ିତ ଆଧ୍ୟାତ୍ମିକ ପରମ୍ପରାର ପ୍ରତିଫଳନ, ଯାହା ସ୍ୱଳ୍ପ ତେଲ ଓ ମସଲାର ବ୍ୟବହାର ଯୋଗୁଁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ । ଓଡ଼ିଆ ଭୋଜନରେ 'ପଖାଳ' ଏକ ମୁଖ୍ୟ ଆହାର, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ପ୍ରଦାନ କରିବା ସହ ବଡ଼ି ଚୂରା, ଶାଗ ଭଜା ଏବଂ ମାଛ ଭଜା ଭଳି ଅନେକ ବ୍ୟଞ୍ଜନ ସହିତ ପରିବେଷଣ କରାଯାଏ । ଡାଲି ଏବଂ ବିଭିନ୍ନ ପନିପରିବାକୁ ନେଇ ପ୍ରସ୍ତୁତ 'ଡାଲମା' ହେଉଛି ଓଡ଼ିଶାର ଘରେ ଘରେ ପରିଚିତ ସବୁଠାରୁ ଲୋକପ୍ରିୟ ବ୍ୟଞ୍ଜନ, ଯାହା ଭାତ କିମ୍ବା ଚକୁଳି ପିଠା ସହିତ ଖୁବ୍ ଭଲ ଲାଗେ । ଓଡ଼ିଆ ମିଷ୍ଟାନ୍ନ ମଧ୍ୟରେ 'ଛେନାପୋଡ଼' ବିଶ୍ୱପ୍ରସିଦ୍ଧ । ସେହିଭଳି ଓଡ଼ିଶାର ଲୋକ ମିଠାପ୍ରିୟ ତେଣୁ ଏଠାରେ ମିଳୁଥିବା ରସଗୋଲା, ରସାବଳି ଓ ଖିରିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପର୍ବପର୍ବାଣି ସମୟରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାର ପିଠା ଯଥା- ପୋଡ଼ ପିଠା, ଏଣ୍ଡୁରି ପିଠା, କାକରା ଏବଂ ଆରିସା ପିଠା ଓଡ଼ିଶାର ରାନ୍ଧଣା ଶୈଳୀର ବିବିଧତାକୁ ଦର୍ଶାଏ । ପୁରୀ ଶ୍ରୀମନ୍ଦିରର 'ଅବଢ଼ା' ବା ମହାପ୍ରସାଦ ଓଡ଼ିଶାର ସର୍ବଶ୍ରେଷ୍ଠ ପାରମ୍ପରିକ ଭୋଜନ ଭାବେ ପରିଚିତ, ଯାହା ମାଟି ପାତ୍ରରେ ପ୍ରସ୍ତୁତ ହୋଇଥାଏ ଏବଂ ଏହାର ଅନନ୍ୟ ସ୍ୱାଦ ଓ ସୁଗନ୍ଧ ପ୍ରତିଟି ଓଡ଼ିଆକୁ ଗର୍ବିତ କରେ ।

୧୯୩୬ ଅପ୍ରେଲ ୧ ତାରିଖ ଦିନ ଏକ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଭାବେ ନବଗଠିତ ହେବା ସ୍ମୃତିରେ ଅପ୍ରେଲ ମାସ ୧ ତାରିଖ ଦିନ ଉତ୍କଳ ଦିବସ ପାଳନ କରାଯାଇଥାଏ । ୧୫୬୮ରେ ଶେଷ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଏକ "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ" ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ଆଦିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା । ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ଗଠନ କରାଯାଇଥିଲା । ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୁଖ୍ୟ ବିପ୍ଳବ ଉତ୍କଳ ସମ୍ମିଳନୀ ଗଠନ ଦିନଠାରୁ ତିନି ଦଶନ୍ଧି ଧରି ଲାଗିରହିଥିଲା ଓ ଏହା ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ମୂଳଦୁଆ ସ୍ଥାପନକରିଥିଲା । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଆଦିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଧିକ ତୀବ୍ର ହୋଇଥିଲା । ସାର ଅଷ୍ଟିନ ହବାକ ଓଡ଼ିଶାର ପହିଲା ରାଜ୍ୟପାଳ ଭାବରେ ଶପଥ ନେଇଥିଲେ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା । ଏହି ସମୟରେ ରାଜ୍ୟର ନାମ ରହିଥିଲା ଉତ୍କଳ । ସ୍ୱତନ୍ତ୍ର ଓ ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା । ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ନାମରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଇଥାଏ । ସେହିଭଳି ଓଡ଼ିଶୀ ନୃତ୍ୟ ଏବଂ ପଟ୍ଟଚିତ୍ର ହେଉଛି ଓଡ଼ିଆ ଅସ୍ମିତା ଓ ସାଂସ୍କୃତିକ ଐତିହ୍ୟର ଦୁଇଟି ଅମୂଲ୍ୟ ରତ୍ନ, ଯାହା ବିଶ୍ୱ ଦରବାରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଓଡ଼ିଶୀ ନୃତ୍ୟ ହେଉଛି ଭାରତର ଅନ୍ୟତମ ପ୍ରାଚୀନ ଶାସ୍ତ୍ରୀୟ ନୃତ୍ୟ ଶୈଳୀ, ଯାହାର ମୂଳ ଭିତ୍ତି ଶ୍ରୀମନ୍ଦିରର ମହାରୀ ସେବା ଓ କୋଣାର୍କର ଶିଳ୍ପକଳାରେ ଦେଖିବାକୁ ମିଳେ ଏବଂ ଏହା ନିଜର ଅନନ୍ୟ 'ତ୍ରିଭଙ୍ଗୀ' ଭଙ୍ଗୀ ତଥା ମନୋମୁଗ୍ଧକର ଅଭିନୟ ପାଇଁ ଆନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି । ଅନ୍ୟପଟେ, ପଟ୍ଟଚିତ୍ର ହେଉଛି ଓଡ଼ିଶାର ଏକ ପାରମ୍ପରିକ ଓ ନିଖୁଣ ଚିତ୍ରକଳା, ଯେଉଁଥିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରି କପଡ଼ା ବା ତାଳପତ୍ର ଉପରେ ଜଗନ୍ନାଥ ସଂସ୍କୃତି ଓ ପୁରାଣର ବିଭିନ୍ନ କାହାଣୀକୁ ଅତି ସୂକ୍ଷ୍ମ ଭାବେ ଚିତ୍ରିତ କରାଯାଏ । ଏହି ଦୁଇଟି କଳା ମୁଖ୍ୟତଃ ପୁରୀ ଓ ରଘୁରାଜପୁର ଭଳି ଅଞ୍ଚଳରେ ଜୀବନ୍ତ ହୋଇ ରହିଥିବା ବେଳେ, ଏହା ଓଡ଼ିଶାର କଳାତ୍ମକ ନୈପୁଣ୍ୟ ଏବଂ ଶତାବ୍ଦୀ ଶତାବ୍ଦୀର ପୁରୁଣା ପରମ୍ପରାକୁ ପରବର୍ତ୍ତୀ ପିଢ଼ି ପାଇଁ ସୁରକ୍ଷିତ କରି ରଖିଛି ।



# ସୁଦୃଢ଼ କରିଛି ପରିଚୟ



ଓଡ଼ିଶାର କଳା, ସଂସ୍କୃତି ଏବଂ ଖାଦ୍ୟପେୟର ସ୍ୱତନ୍ତ୍ରତା ପାଇଁ ଅନେକ ଦ୍ରବ୍ୟକୁ ଭାରତ ସରକାରଙ୍କ ପକ୍ଷରୁ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗ ପ୍ରଦାନ କରାଯାଇଛି । ଯାହା ଓଡ଼ିଶାର ପରିଚୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆହୁରି ସୁଦୃଢ଼ କରିଛି ।

**ଓଡ଼ିଶା ରସଗୋଲା:** ଓଡ଼ିଶାର ପାରମ୍ପରିକ ମିଷ୍ଟାନ୍ନ ରସଗୋଲାକୁ ୨୦୧୯ରେ ଜିଆ ଟ୍ୟାଗ ପ୍ରାପ୍ତ ହୋଇଛି ।

କନ୍ଧମାଳ ହଳଦୀ: ଏହାର ଔଷଧୀୟ ଗୁଣ ଏବଂ ପ୍ରାକୃତିକ ସୁଗନ୍ଧ ପାଇଁ ଏହା ବିଶ୍ୱପ୍ରସିଦ୍ଧ ।

**ମୟୂରଭଞ୍ଜ କାଇ ଚଟଣି:** ନାଲି ପିମ୍ପୁଡ଼ିରେ ପ୍ରସ୍ତୁତ ଏହି ଚଟଣି ନିକଟରେ ଜିଆଇ ଟ୍ୟାଗ୍ ପାଇ ଓଡ଼ିଶାର ଆଦିବାସୀ ପରମ୍ପରାକୁ ଗୌରବାନ୍ୱିତ କରିଛି ।

ନୟାଗଡ଼ କଣ୍ଟିଆମୁଣ୍ଡି ବାଇଗଣ: ଏହି ବାଇଗଣର ସ୍ୱାଦ ଏବଂ କମ୍ ମଞ୍ଜି ଯୋଗୁଁ ଏହା ସ୍ୱତନ୍ତ୍ର ।

**ସମ୍ବଲପୁରୀ ବାନ୍ଧ ଶାଢ଼ୀ:** ଏହାର ଅନନ୍ୟ ବୁଣାକାରି ଶୈଳୀ ଏବଂ 'ଇକତ୍' ଡିଜାଇନ୍ ପାଇଁ ଏହା ସାରା ବିଶ୍ୱରେ ପରିଚିତ ।

**ଖଣ୍ଡୁଆ ପାଟ:** ପ୍ରଭୁ ଜଗନ୍ନାଥଙ୍କ ପାଖରେ ଲାଗି ହେଉଥିବା ଏହି ପାଟ ବସ୍ତ୍ରରେ ଶ୍ଳୋକ ଖୋଦିତ ହୋଇଥାଏ ।

କୋଟପାଡ଼ ହସ୍ତତନ୍ତ ବସ୍ତ୍ର: କୋରାପୁଟର ଆଦିବାସୀ ଶୈଳୀରେ ପ୍ରସ୍ତୁତ ଏହି ବସ୍ତ୍ରରେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ ।

**ବୋମକେଇ ଶାଢ଼ୀ:** ଗଞ୍ଜାମ ଜିଲ୍ଲାର ଏହି କଳାତ୍ମକ ବୁଣାକାରି ଶୈଳୀ ବହୁତ ପୁରୁଣା ଓ ଆକର୍ଷଣୀୟ ।

**ବ୍ରହ୍ମପୁରୀ ପାଟ:** ଏହାକୁ 'ଫୋଢ଼ା କୁମ୍ଭ' ଶାଢ଼ୀ ମଧ୍ୟ କୁହାଯାଏ, ଯାହା ଗଞ୍ଜାମର ଅନନ୍ୟ କଳା ।

**ପିପିଲି ଚାନ୍ଦୁଆ :** ବିଭିନ୍ନ ରଙ୍ଗର କପଡ଼ାକୁ କାଟି ସୁନ୍ଦର କଳାକୃତି ପ୍ରସ୍ତୁତ କରାଯାଏ, ଯାହା ବିଶେଷ କରି ରଥଯାତ୍ରା ସମୟରେ ବ୍ୟବହାର ହୁଏ ।

କୋଣାର୍କ ପଥର ଖୋଦେଇ: ଶିଳ୍ପୀଙ୍କ ନିହାଣ ମୁନରେ ପଥର ଉପରେ ଜୀବନ୍ତ କଳାକୃତି ପାଇଁ ଓଡ଼ିଶାର ଏହି ଶିଳ୍ପ ଜିଆଇ ଟ୍ୟାଗ୍ ପାଇଛି ।

**ପଟ୍ଟଚିତ୍ର:** ରଘୁରାଜପୁରର ପାରମ୍ପରିକ ରଙ୍ଗରେ କପଡ଼ା ବା ତାଳପତ୍ର ଉପରେ କରାଯାଉଥିବା ଚିତ୍ରକଳା ।

ଗଞ୍ଜାମ କେତକୀ ଫୁଲ କାମ: କେତକୀ ଫୁଲକୁ ବ୍ୟବହାର କରି ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ କରାଯାଏ ।

**ଗଞ୍ଜାମ କେଉଡ଼ା ଫୁଲ ଓ ରସ:** ଏଥିରୁ ଅତର ଏବଂ ବିଭିନ୍ନ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତ କରାଯାଏ ।

# ସଂଗ୍ରାମୀଙ୍କ ମାଟି

ଓଡ଼ିଶାର ସ୍ୱତନ୍ତ୍ରପ୍ରଦେଶ ଗଠନର ଇତିହାସ କେବଳ ଏକ ସଂଘର୍ଷର କାହାଣୀ ନୁହେଁ, ବରଂ ଏହା ହେଉଛି ଅଦମ୍ୟ ସାହସ, ଅତୁଳନୀୟ ବଳିଦାନ ଏବଂ ମାତୃଭୂମି ପ୍ରତି ଅଖଣ୍ଡ ମମତାର ଏକ ଜ୍ୱଳନ୍ତ ପ୍ରତୀକ, ଯାହା ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ବ୍ରିଟିଶ ବିରୋଧୀ ସଶସ୍ତ୍ର ବିଦ୍ରୋହରୁ ଆରମ୍ଭ ହୋଇଥିଲା । ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଙ୍ଗଠିତ 'ପାଇକ ବିଦ୍ରୋହ'କୁ ଅନେକ ଐତିହାସିକ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଅଭିହିତ କରନ୍ତି, ଯେଉଁଥିରେ ଖୋର୍ଦ୍ଧାର ପାଇକ ବୀରମାନେ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶକ୍ତିଶାଳୀ ଇଂରେଜ ବାହିନୀକୁ କଡ଼ା ଜବାବ ଦେଇଥିଲେ । ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ ସମ୍ବଲପୁରର ହୀରାଖଣ୍ଡ ଦୁର୍ଗରୁ ଯେଉଁ ଗରିଲା ଯୁଦ୍ଧର ସୂତ୍ରପାତ କରିଥିଲେ, ତାହା ଦୀର୍ଘ ଦଶନ୍ଧି ଧରି ବ୍ରିଟିଶ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ 'ସତ୍ୟବାଦୀ' ଚିନ୍ତାଧାରା ଓ 'ସମାଜ' ସମ୍ବାଦପତ୍ର ମାଧ୍ୟମରେ ଓଡ଼ିଶାରେ ଜାତୀୟତାବାଦର ଏକ ନୂତନ ଲହର ଖେଳିଯାଇଥିଲା, ଯାହା ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନକୁ ଅଧିକ ବେଗବାନ କରିଥିଲା । ଏହି ସଂଗ୍ରାମରେ କୋରାପୁଟର ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ନିର୍ଭୀକତା, ମାତ୍ର ୧୨ ବର୍ଷ ବୟସରେ ବ୍ରାହ୍ମଣୀ ନଦୀ କୂଳରେ ଶହୀଦ ହୋଇଥିବା ବାଜି ରାଉତଙ୍କ ବୀରତ୍ୱ ଏବଂ ଇରମର 'ରକ୍ତତୀର୍ଥ' ଘଟଣା ଓଡ଼ିଶାର ମାଟିକୁ ରକ୍ତରଞ୍ଜିତ କରିଥିଲା । କେବଳ ପୁରୁଷ ନୁହନ୍ତି, ରମାଦେବୀ, ମାଳତୀ ଚୌଧୁରୀ ଏବଂ ସରଳା ଦେବୀଙ୍କ ଭଳି ଆହୁରି ଅନେକ ନାରୀନେତ୍ରୀମାନେ ଜେଲ୍ ଯିବା ସହ ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରି ଓଡ଼ିଶାର ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଥିଲେ । ସେହି ମହାନ ଶହୀଦ ଓ ବିପ୍ଳବୀମାନଙ୍କ ନିସ୍ୱାର୍ଥପର ସେବା ଓ ତ୍ୟାଗ ଯୋଗୁଁ ହିଁ ଆଜି ଆମେ ଏକ ମୁକ୍ତ ଓ ସ୍ୱାଧୀନ ପରିବେଶରେ ନିଶ୍ୱାସ ନେଇପାରୁଛୁ, ଯାହା ପ୍ରତିଟି ଓଡ଼ିଆଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ସେହିଭଳି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଶାର ଜଣେ ଯୁଗଜନ୍ମା ଜନନାୟକ, ସାହସୀ ବୈମାନିକ ଏବଂ ଆଧୁନିକ ଓଡ଼ିଶାର ମୁଖ୍ୟ ନିର୍ମାତା ଭାବେ ସାରା ବିଶ୍ୱରେ ପରିଚିତ । ସ୍ୱାଧୀନତା ସଂଗ୍ରାମ ସମୟରେ ନିଜ ଜୀବନକୁ ବାଜି ଲଗାଇ ସେ ଇଣ୍ଡୋନେସିଆର ନେତାମାନଙ୍କୁ ଉଦ୍ଧାର କରିଥିଲେ, ଯେଉଁଥିପାଇଁ ତାଙ୍କୁ ସେହି ଦେଶର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର'ରେ ସମ୍ମାନିତ କରାଯାଇଛି । ତେବେ ଏହି ସଂଗ୍ରାମୀ ତାଲିକାରେ ଅନେକ ନାଁ ସାମିଲ ରହିଛି ଯେଉଁମାନଙ୍କର ଅମୂଲ୍ୟ ଅବଦାନ ପାଇଁ ଓଡ଼ିଶା ମାଟି ସହିତ ଓଡିଆମାନେ ସର୍ବଦା ଗର୍ବ ଅନୁଭବ କରିଥାଆନ୍ତି ।





**ମେଷ:** ଦୂରଯାତ୍ରା, ଶୁଭଖବର, ଅନୁଷ୍ଠାନରୁ ଲାଭ, ବନ୍ଧୁମିଳନ, ଗୃହେ ଉତ୍ସବ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ମାମଲା ସମାଧାନ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ , ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ଆର୍ଥିକ ଚିନ୍ତା,ଶରୀର ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଶୁଭ ସମାଚାର, ଆଶା ସଫଳ, ବନ୍ଧୁମିଳନ, ନୂତନ କାର୍ଯ୍ୟରେ ଲାଭ, ବିଦ୍ୟାରେ ସଫଳତା, କର୍ମକ୍ଷେତ୍ରେ ବିରୋଧ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନହାନି, ଅର୍ଥଚିନ୍ତା,କିଛି ମାମଲାରେ ପଡ଼ିପାରନ୍ତି, ନୂତନ ନିଯୁକ୍ତିରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ ସମ୍ପତ୍ତି ଗଣ୍ଡଗୋଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ୍, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଆର୍ଥିକ ଖୁସି, ଶୁଭଖବର, ନୂତନ କର୍ମେ ଆନନ୍ଦ, ଦ୍ରବ୍ୟ ପ୍ରାପ୍ତି, ବିଦେଶ ଭ୍ରମଣ, ମାମଲା ସମାଧାନ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମାଧାନ, ଭୂସମ୍ପତ୍ତି ଲାଭ, ଆଶା ପୂର୍ଣ୍ଣ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**ସିଂହ:** ଦୂରଯାତ୍ରା, ଲୋକସମ୍ପର୍କରେ ଉନ୍ନତି, କର୍ମେ ଅସନ୍ତୋଷ, ଶତ୍ରୁ ସମସ୍ୟା, ଅର୍ଥଖର୍ଚ୍ଚ, ନୂତନ କର୍ମ ଆରମ୍ଭ, ଯାତ୍ରାରେ ସତର୍କ, ହେଉଥିବା କାର୍ଯ୍ୟେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ନୂତନ ଆୟ, ମାମଲାରେ ବିଜୟ, ଆର୍ଥିକ ସୁଖ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଯାନବାହନ କ୍ରୟ, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ଲକ୍ଷ୍ମୀନୃସିଂହ ।

**ତୁଳା:** ଚିନ୍ତା ବୃଦ୍ଧି, ଅର୍ଥ ସମସ୍ୟା, ଆଶାରେ ବିଫଳ, ଶରୀର ସୁସ୍ଥ, ନୂତନ କର୍ମେ ଖୁସି, ଦୂରଯାତ୍ରା, ବନ୍ଧୁ ସହାୟତା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

**ବିଛା:** ବନ୍ଧୁମିଳନ, ବ୍ୟବସାୟରେ ଲାଭ, ଶୁଭଖବର, ଅର୍ଥ ସମସ୍ୟା ସମାଧାନ, ପରିବହନ କ୍ଷେତ୍ରେ ଲାଭ, ବନ୍ଧୁଲାଭ, ପୁରୁଣା ମାମଲା ସମାଧାନ, ଅନୁଷ୍ଠାନରୁ ଲାଭ, ଭୂସମ୍ପତ୍ତି ଲାଭ, ଦ୍ରବ୍ୟ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ବହୁ ପରିଶ୍ରମ, ଲାଭ କମ୍, ଶରୀର ଅସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, କର୍ମକ୍ଷେତ୍ରେ ସମ୍ମାନଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ରାଧାକୃଷ୍ଣ ।

**ମକର:** ବନ୍ଧୁ ସହଯୋଗ, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, କର୍ମରେ ସଫଳ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଦାମ୍ପତ୍ୟ କଳହ, ପିଲାଙ୍କ ଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ପଦୋନ୍ନତି, କର୍ମକ୍ଷେତ୍ରେ ଖୁସି, ଆଶା ସଫଳ, ଦୂରଯାତ୍ରାରେ ଲାଭ, ବନ୍ଧୁସହଯୋଗ, ଶତ୍ରୁ ସମସ୍ୟା ସମାଧାନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ଭଗବାନ ଶଙ୍କର ।

**ମୀନ:** ଗୁରୁଜନଙ୍କ କୃପା, ବ୍ୟବସାୟରେ ଲାଭ, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟ ସମସ୍ୟା, ଉଚ୍ଚ ସମ୍ମାନ, ଶତ୍ରୁ ପରାଭବ, ଉତ୍ସବ ପ୍ରତି ବିମୁଖ, ସ୍ୱାସ୍ଥ୍ୟ ଲାଭ, ଭୂମିବାହାନ ଲାଭ, ଅଧିକ ଖର୍ଚ୍ଚ ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ଚୈତ୍ର ଶୁକ୍ଳପକ୍ଷ, ଚତୁର୍ଦ୍ଦଶୀ**
**୧.୪.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





# ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା

ବଜେଟରେ ବୟନ ଶିଳ୍ପ ଓ ରେଶମ ବିକାଶ ଯୋଜନାକୁ ୧୦୬.୮୯ କୋଟି

୨୦୨୬-୨୭ ଆର୍ଥିକ ବର୍ଷରୁ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା । କ୍ୟାବିନେଟ୍ ବୈଠକରେ ଲୋକଙ୍କ ସରକାର ଏହି ନୂଆ ଯୋଜନାରେ ମୋହର ମାରିଛନ୍ତି । ରେଶମ ଚାଷୀଙ୍କ ଜୀବନ-ଜୀବିକାକୁ ଅଧିକ ସଶକ୍ତ କରିବା ସହ ଭିତ୍ତିଭୂମି ବିକାଶ ଏବଂ ରେଶମ ଉତ୍ପାଦନରେ ପ୍ରଗତିଶୀଳ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଏହି ଯୋଜନା ପ୍ରଣୟନ ହୋଇଛି । ବୟନ ଶିଳ୍ପ ବିକାଶ ଯୋଜନା ଓ ରେଶମ ବିକାଶ ଯୋଜନା ନିମନ୍ତେ ୨୦୨୬-୨୭ ବଜେଟରେ ୧୦୬.୮୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନଙ୍କର ଆର୍ଥିକ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ । ରେଶମ କୀଟ ପାଳନଠାରୁ ବଜାରରେ ରେଶମବସ୍ତ୍ର ବିକ୍ରୟ ପର୍ଯ୍ୟନ୍ତ ଭାଲ୍ୟୁ-ଚେନ୍‌କୁ ଏହା ସୁଦୃଢ କରିବ । ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଜରିଆରେ ଭିତ୍ତିଭୂମି ବିକାଶ, ରେଶମ ଚାଷୀଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣ ପାଇଁ ପ୍ରୋତ୍ସାହନ ଦିଆଯିବ । ଡିଜାଇନ୍, ପ୍ୟାକିଙ୍ଗ, ଉତ୍ପାଦର ବିବିଧିକରଣ, ବ୍ରାଣ୍ଡିଙ୍ଗ, ଡିଜିଟାଲ ମାର୍କେଟିଙ୍ଗ ଉପରେ ମଧ ଧ୍ୟାନ ଦିଆଯାଇଛି ।

ରେଶମ ଚାଷ ଗ୍ରାମୀଣଆଦିବାସୀମାନଙ୍କୁ ସଶକ୍ତ କରିଛି । ବିଶେଷକରି ଓଡ଼ିଶାରେ ଏହାର ୩ ପ୍ରଜାତିର ଚାଷ ହେଉଛି । ଟସର ସିଲ୍କ ଉତ୍ପାଦନରେ ସମଗ୍ର ଦେଶରେ ଭାରତର ଦ୍ୱିତୀୟ ସ୍ଥାନ ରହିଛି । ମଲବେରୀ ରେଶମ ଗଜପତି ଓ କନ୍ଧମାଳ ଜିଲ୍ଲାରେ ଚାଷ ହେଉଥିବା ବେଳେ ଏରି ରେଶମ ଯାହା କରୁଣା ରେଶମ ଭାବେ ପରିଚିତ, ତାହା ରାଜ୍ୟର ୨୨ଟି ଜିଲ୍ଲାରେ ଚାଷ ହେଉଛି । ପ୍ରାୟ ୫୦ ହଜାର ଆଦିବାସୀ ପରିବାର ଟସର ସିଲ୍କ ଚାଷ ଉପରେ ନିର୍ଭର କରୁଛନ୍ତି । ଟସର ବୁଣା କାର୍ଯ୍ୟରେ ପ୍ରାୟ ୬୦ ପ୍ରତିଶତ ମହିଳା ନିୟୋଜିତ ଅଛନ୍ତି । ଏହି ଚାଷରେ ଚାଷୀମାନଙ୍କୁ ଅଧିକ ଲାଭ ମିଳୁଛି ।

## କେନ୍ଦୁଝରରେ ଦେଶର ପ୍ରଥମ ସିଲ୍କ ପାର୍କ

ମହିଳା ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାର କେନ୍ଦୁଝର ଜିଲ୍ଲାର ଭଗାମୁଣ୍ଡାଠାରେ ଦେଶର ପ୍ରଥମ ଟସର ସିଲ୍କ ପାର୍କ ପ୍ରତିଷ୍ଠା କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନ୍ୟ ଦୁଇଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଖୁଣ୍ଟଗାଁ ଠାରେ ଆଉ ଦୁଇଟି ଟସର ସିଲ୍କ ପାର୍କର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ବର୍ତ୍ତମାନ ରାଜ୍ୟର ୨୪ଟି ଜିଲ୍ଲାରେ ରେଶମଚାଷ କରାଯାଉଛି ।



## ବଲିଉଡ୍ ତାରକା ମାଧୁରୀ ଓଡ଼ିଶା ହସ୍ତତନ୍ତ ବ୍ରାଣ୍ଡ ଆମ୍ବାସଡର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ହସ୍ତତନ୍ତକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେଙ୍କୁ ବ୍ରାଣ୍ଡ ଆମ୍ବାସଡର କରାଯାଇଛି । ବିଶ୍ୱ ବଜାରରେ ଓଡ଼ିଶାର ବୟନ ଓ ହସ୍ତତନ୍ତର ଆଦୃତ କରାଇବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଅଭିନେତ୍ରୀ ମାଧୁରୀଙ୍କୁ ୧.୬ କୋଟି ଟଙ୍କା ଦେବାକୁ ଚୁକ୍ତି କରାଯାଇଛି ।

## ରାଷ୍ଟ୍ରପତି, ସେଲିବ୍ରିଟ୍‌ଙ୍କ ପସନ୍ଦ ଓଡ଼ିଶାର ହସ୍ତତନ୍ତ ଶାଢ଼ି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାର ଝିଅ । ସେ ସବୁବେଳେ ଓଡ଼ିଶାର ହସ୍ତତନ୍ତ ଶାଢ଼ି ପରିଧାନ କରିବାକୁ ପସନ୍ଦ କରିଥାନ୍ତି । କେବଳ ରେଶମ ନୁହେଁ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ଶାଢ଼ି ପିନ୍ଧନ୍ତି । ସେହିପରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ ସଂସଦରେ ଦେଶର ବଜେଟ୍ ଅଧିବେଶନ ଅଭିଭାଷଣ ରଖିବା ସମୟରେ ଓଡ଼ିଶାର ହସ୍ତତନ୍ତ ଶାଢ଼ି ପରିଧାନ କରିଥିବା ନଜିର ରହିଛି । ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମୟରେ ଶ୍ରୀମତୀ ସୀତାରମଣ ସମ୍ବଲପୁରୀ ଶାଢ଼ି ବ୍ୟବହାରକୁ ପସନ୍ଦ କରିଥାନ୍ତି । ଦେଶର ଏକ ନମ୍ବର ଧନୀ ମୁକେଶ ଅମ୍ବାନୀଙ୍କ ପତ୍ନୀ ନୀତା ଅମ୍ବାନୀ ମଧ ଓଡ଼ିଶା କଳା ଚାତୁରୀ ବର୍ଣ୍ଣିତ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହାସହ ବିଭିନ୍ନ ର୍ୟାମ୍ପ୍ ଶୋ'ରେ ସମ୍ବଲପୁରୀ ଶାଢ଼ି ପ୍ରଦର୍ଶିତ ହେଉଛି ।

## ସମ୍ବଲପୁରୀ ଇକତ ଡିଜାଇନରେ ମହିଳା ବୁଣାକାର ସୁକାନ୍ତି

ବରଗଡ଼ ଜିଲ୍ଲା ବରପାଲିର ବୁଣାକାର ସୁକାନ୍ତି ମେହେର । ସେ ତାଙ୍କର ସୃଜନଶୀଳତା ଓ ନୂତନ ଡିଜାଇନ ମାଧ୍ୟମରେ ସମ୍ବଲପୁରୀ ବାନ୍ଧ କଳାକୁ ଆଧୁନିକ ରୂପ ଦେଇଛନ୍ତି । ସୁକାନ୍ତିଙ୍କ କାରୁକାର୍ଯ୍ୟ କେବଳ ପାରମ୍ପରିକ ଡିଜାଇନରେ ସୀମିତ ନୁହେଁ, ବରଂ ସେ ଆଧୁନିକ ଜ୍ୟାମିତିକ ଆକୃତି ସହିତ ମିଶାଇ ନୂତନ ଡିଜାଇନ ସୃଷ୍ଟି କରୁଛନ୍ତ । ତାଙ୍କ ଶାଢ଼ୀ ଗୁଡ଼ିକରେ ଶଙ୍ଖ, ଚକ୍ର ଓ ଫୁଲ ଭଳି ପାରମ୍ପରିକ ଚିହ୍ନ ସହିତ ଆଧୁନିକ ଶୈଳୀର ସମନ୍ୱୟ ଦେଖିବାକୁ ମିଳେ ।

ସେ କେବଳ ଶାଢ଼ୀ ନୁହେଁ, ବରଂ ଡ୍ରେସ୍ ସାମଗ୍ରୀ, ଟେବୁଲ୍ କ୍ଲଥ୍ ଓ କାନ୍ଥରେ ଶୋଭା ପାଇବା ସାମଗ୍ରୀ ମଧ ତିଆରି କରୁଛନ୍ତି । ଓଡ଼ିଆ ବିବାହ ଓ ପାରମ୍ପରିକ ପର୍ବ ଅବସର ଗୁଡ଼ିକୁ ଧ୍ୟାନରେ ରଖି ସେ ବିଶେଷ ଡିଜାଇନ ମଧ ତିଆରି କରିଛନ୍ତି । ସୁକାନ୍ତି ଜଣେ ପ୍ରଶିକ୍ଷକ ଭାବେ ୩୦୦ରୁ ଅଧିକ ମହିଳାଙ୍କୁ ବାନ୍ଧ କଳାରେ ପ୍ରଶିକ୍ଷଣ ଦେଇଛନ୍ତି, ଯାହା ଗ୍ରାମ୍ୟ ଅଞ୍ଚଳରେ ରୋଜଗାର ସୃଷ୍ଟିରେ ସହାୟକ ହୋଇଛି । ତାଙ୍କ ଅସାଧାରଣ କାର୍ଯ୍ୟ ପାଇଁ ସେ ଜାତୀୟ ସ୍ତରର ସମ୍ମାନ ମଧ ଲାଭ କରିଛନ୍ତି । ସମ୍ବଲପୁରୀ ହସ୍ତତନ୍ତକୁ ଜୀବନ୍ତ ରଖିବା ସହିତ ଆଧୁନିକ ମାର୍କେଟରେ ପରିଚିତ କରାଇବାରେ ସେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି । ସୁକାନ୍ତିଙ୍କ ଏହି ପ୍ରୟାସ ସମ୍ବଲପୁରୀ କଳାକୁ ନୂତନ ଉଚ୍ଚତାକୁ ନେବା ସହିତ ଅନ୍ୟାନ୍ୟ ବୁଣକାରଙ୍କ ପାଇଁ ପ୍ରେରଣା ସୃଷ୍ଟି କରୁଛି । ସୁକାନ୍ତି ତାଙ୍କର ଏହି ପ୍ରଚଣ୍ଡ ପ୍ରତିଭା ଓ ପରାକାଷ୍ଠା ତଥା ପରିଶ୍ରମ ପାଇଁ ୨୦୧୧ ମସିହାରେ । ରାଜ୍ୟ ଓ ଜାତୀୟ ପୁରସ୍କାର ପାଇସାରିଛନ୍ତି ।



## ବଜେଟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ପାଇଁ ୩୮୨.୩୪ କୋଟି

ହସ୍ତତନ୍ତ ଓ ହସ୍ତଶିଳ୍ପ ରାଜ୍ୟର ସାଂସ୍କୃତିକ ଗୌରବ ପ୍ରତୀକ ଭାବେ ଉଭା ହୋଇଛି । ବିଶ୍ୱସ୍ତରରେ ଏହାକୁ ସ୍ଥାନିତ କରିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜୀବିକା କ୍ଷେତ୍ରରେ ପରିଣତ କରିବା ଲାଗି ସରକାରଙ୍କ ଲକ୍ଷ୍ୟ ରହିଛି । ଦକ୍ଷତା, ଉନ୍ନତୀ କରଣ , ଡିଜାଇନ ଏବଂ ଉତ୍ପାଦ କ୍ଷେତ୍ରରେ ନବସୃଜନ, ପ୍ରଯୁକ୍ତିବିଦ୍ୟା ଉପଯୋଗ ଏବଂ ନିଶ୍ଚିତ ବଜାର ପ୍ରବେଶ ମାଧ୍ୟମରେ ବୁଣାକାର ଓ କାରିଗରମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖାଯାଇଛି । ଏହାଛଡା ଜିଆଇ ଟ୍ୟାଗ ହୋଇଥିବା ଉତ୍ପାଦ ଏବଂ ପରିବେଶ ଅନୁକୂଳ ଉତ୍ପାଦନ, ମୂଲ୍ୟ ଶୃଙ୍ଖଳାକୁ ମଜଭୁତ କରିବା, ପରିଚୟ ଗଠନ, ରପ୍ତାନୀ ତତସହିତ ମହିଳା ଏବଂ ଯୁବକମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ସରକାର ବିଶେଷ ଗୁରୁତ୍ୱାରୋପ କରୁଛନ୍ତି । ଏଥିପାଇଁ ୨୦୨୬-୨୭ ବଜେଟରେ ୩୮୨.୩୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ।

## ଓଡ଼ିଶା ହସ୍ତଶିଳ୍ପର ନୂତନ ବ୍ରାଣ୍ଡ "ସୃଜନିକା"

ଓଡ଼ିଶା ସରକାର କମନ୍ ଫ୍ୟାସିଲିଟି ସେଣ୍ଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ଯଥା କ୍ରାଫ୍ଟ ଟୁରିଜିମ୍ ସେଣ୍ଟର, କଞ୍ଚାମାଲ ବ୍ୟାଙ୍କ, ବିପଣନ କେନ୍ଦ୍ର, ଗୋଦାମ ଗୃହ, ବ୍ୟାଖ୍ୟାନ କେନ୍ଦ୍ର ଏବଂ ପଥିକ ନିବାସ ନିର୍ମାଣ ମାଧ୍ୟମରେ କାରିଗରମାନଙ୍କୁ ସହାୟତା କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ସମସ୍ତ ସୁବିଧାଗୁଡ଼ିକ ମିଳିତ ଭାବେ "ସୃଜନିକା" ବ୍ରାଣ୍ଡ ଭାବରେ ନାମିତ କରାଯାଇଛି ।

## ତୁମ୍ବା କାରିଗରୀକୁ ହସ୍ତଶିଳ୍ପ ମାନ୍ୟତା

ଓଡ଼ିଶା ସରକାରଙ୍କ ଅନୁମୋଦିତ ହସ୍ତଶିଳ୍ପ ସଂଖ୍ୟା ୫୫ରୁ ୬୪କୁ ବୃଦ୍ଧି ପାଇଛି । ଲାଉ ଖୋଳରୁ ତିଆରି ତୁମ୍ବା କାରିଗରୀକୁ ନୂତନ ହସ୍ତଶିଳ୍ପର ମାନ୍ୟତା ମିଳିଛି । ଲାଉ ଖୋଳରୁ ଗଣେଶ ମୂର୍ତ୍ତି, ଘର କରଣା ସମାଗ୍ରୀ, ବୃକ୍ଷ, ହଂସ, ପେଙ୍ଗୁଇନ୍, ଟେବୁଲ ଲାଇଟ ଆଦି ବିଭିନ୍ନ ଉପକରଣ ପ୍ରସ୍ତୁତ କରାଯାଉଛି ।



## ଟୋଲ ପ୍ଲାଜା ନିକଟରେ ହେବ ଚାନ୍ଦୁଆ ବଜାର

ପିପିଲିର ଚାନ୍ଦୁଆ ହେଉଛି ଏକ ଜିଆଇ ଟ୍ୟାଗପ୍ରାପ୍ତ ହସ୍ତକଳା ସାମଗ୍ରୀ । ରଙ୍ଗୀନ ପାରମ୍ପରିକ ହସ୍ତଶିଳ୍ପ, ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ସହ ଦୃଢ଼ ଭାବରେ ଜଡିତ । ଅନେକ ଶିଳ୍ପି ପରିବାର ଜୀବିକା ପାଇଁ ଏହା ଉପରେ ନିର୍ଭର କରନ୍ତି । ନୂଆ ଜାତୀୟ ରାଜପଥ ଯୋଗୁଁ ଏହି ବଜାର ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହୁଛି । ପୁରୁଣା ପର୍ଯ୍ୟଟକଙ୍କ ଆକୃଷ୍ଟ କରିବା ଏବଂ ପୁରୁଣା ହସ୍ତଶିଳ୍ପକୁ ଏକତ୍ରିତ କରିବା ପାଇଁ ପିପିଲି ଟୋଲ ପ୍ଲାଜା ନିକଟରେ ସମସ୍ତ ଆଧୁନିକ ସୁବିଧା ସହ ଏକ ନୂତନ ପିପିଲି ଚାନ୍ଦୁଆ ବଜାର ନିର୍ମାଣ ପାଇଁ ସରକାର ଯୋଜନା କରିଛନ୍ତି ।

## ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟର ସମ୍ମାନ

କେନ୍ଦ୍ରୀୟ ସିଲ୍କ ବୋର୍ଡ ପକ୍ଷରୁ ଆୟୋଜିତ ମେରା ରେଶମ୍ ମେରା ଅଭିମାନ୍ ପ୍ରତିଯୋଗିତାରେ ସମଗ୍ର ଦେଶରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନୀକାରୀ ରାଜ୍ୟ ଭାବେ ପୁରସ୍କୃତ ହୋଇଛି । ରେଶମ କ୍ଷେତ୍ରରେ ଉତ୍କୃଷ୍ଟ ଜିଲ୍ଲା ଭାବେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ଟସର ଚାଷୀ ଭାବେ (ବେଷ୍ଟ ଆଚିଭର୍ ଆୱାର୍ଡ) ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକ୍ ସରସରା ଟସର ବିପଣନ ସମବାୟ ସମିତିର ଲଛମନ ଡାଙ୍ଗିଲ ପୁରସ୍କୃତ ହୋଇଛନ୍ତି । ସମସ୍ତ ୪ ପ୍ରକାର ରେଶମ (ଏରି, ମଲବେରୀ, ଟସର ଏବଂ ମୁଗା) ଉତ୍ପାଦନରେ ନବସୃଜନ ସହ ଦୀର୍ଘସ୍ଥାୟୀ ଉତ୍ପାଦନ, ସଶକ୍ତ ଜୀବିକା ପ୍ରଦାନ, ଇକୋ-ସିଷ୍ଟମର ସଂରକ୍ଷଣ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଓଡ଼ିଶାକୁ ଏହି ପୁରସ୍କାର ମିଳିଛି ।



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳସାମନ୍ତ ଏବଂ ବିଭାଗୀୟ ସଚିବ ଗୁହା ପୁନମ ତାପସ କୁମାର ଲୋକସେବା ଭବନରେ ଓଡ଼ିଶା ପାଇଥିବା ପୁରସ୍କାର ପ୍ରଦର୍ଶନ କରିଥିବା ବେଳେ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## 'କରୁଣା ସିଲ୍କ': ଓଡ଼ିଶାର ଅଭିନବ ପ୍ରୟାସ

କ୍ରୁରତାଶୂନ୍ୟ ଏବଂ କୃତ୍ରିମ ରଙ୍ଗହୀନ 'କରୁଣା ସିଲ୍କ', ଓଡ଼ିଶାର ଏକ ଅଭିନବ ପ୍ରୟାସ । ରେଶମ ପୋକକୁ ନମାରି କ୍ରୁରତାହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରି ରେଶମ ଚାଷରେ ଓଡ଼ିଶା ନୂଆ ଅଧ୍ୟାୟ ଯୋଡ଼ିଛି । ରେଶମ ସୂତାରେ ଏବେ କୌଣସି ପ୍ରକାର କୃତ୍ରିମ ରଙ୍ଗ ନ ମିଶାଇ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'କରୁଣା ସିଲ୍କ'ର କପଡ଼ା ପ୍ରସ୍ତୁତ କରାଯାଉଛି । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାବିଧିରେ ଅହିଂସା ଉପାୟରେ ପ୍ରସ୍ତୁତ 'କରୁଣା ଖଣ୍ଡୁଆ ପାଟ' ବସ୍ତ୍ର ଅର୍ପଣ କରାଯାଉଛି ।

## ବାନ୍ଧଶିଳ୍ପୀ ଶରତ ପାତ୍ରଙ୍କୁ ପଦ୍ମଶ୍ରୀ



ପାରମ୍ପରିକ ବାନ୍ଧକଳାରେ ଆଧୁନିକତାର ରୂପ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରସିଦ୍ଧ ବାନ୍ଧଶିଳ୍ପୀ ଶରତ ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି । ତାଙ୍କ ହାତ ତିଆରି ଖଣ୍ଡୁଆ ପାଟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଶୋଭାପାଏ । ଚେରମୂଳୀରେ ସମ୍ପୂର୍ଣ୍ଣ ଗୀତ ଗୋବିନ୍ଦକୁ ୫୨ ମିଟର୍ ଶାଢ଼ିରେ ବୁଣି ଉତ୍କଳୀୟ ବୟନ ଉତ୍କର୍ଷତାକୁ ସେ ପ୍ରମାଣ କରିଛନ୍ତି । ୧୯୯୩ ମସିହାରେ ସେ "ଜାତୀୟ ହସ୍ତତନ୍ତ ପୁରସ୍କାର" ପାଇଥିବା ବେଳେ ୨୦୧୫ ମସିହାରେ "ସନ୍ଥ କବୀର ପୁରସ୍କାର" ପାଇଥିଲେ ।

## ଜଗତ ନିୟନ୍ତାଙ୍କ ସେବାରେ ବାସୁଙ୍ଗା ପାଟ

ବାସୁଙ୍ଗା ପାଟ ଏକ ପବିତ୍ର ଓ ଶକ୍ତିଶାଳୀ ରେଶମ ଡୋର ଯାହା ଚତୁର୍ଦ୍ଧାମୂର୍ତ୍ତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ । ୧୯୮୧ ମସିହାରୁ ସେରିଫେଡ୍ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଏହି ବାସୁଙ୍ଗା ପାଟ ଯୋଗାଇ ଆସୁଛି । ୨୦୨୫ ମସିହାରେ ୩୫୦ କିଲୋଗ୍ରାମ ବାସୁଙ୍ଗା ପାଟ ସେରିଫେଡ୍ ପକ୍ଷରୁ ଯୋଗାଇ ଦିଆଯାଇଛି ।

ADVT.



ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜୟନ୍ତୀ ଅବସରରେ ପୋଲିସ କମିଶନରେଟ ନିକଟସ୍ଥ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ,ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବିଧାୟକ ତଥା ବିଶିଷ୍ଟ ଅତିଥି ବୃନ୍ଦ।

### ମାନସିକ ବିକାରଗ୍ରସ୍ତ ମହିଳାଙ୍କ ଲଙ୍କାକାଣ୍ଡ : ଥାନାରେ ଅଟକ

# ହାଇକୋର୍ଟ ପ୍ରାଚୀର ବାହାରେ ଅଗ୍ନିକାଣ୍ଡ : ୪ ଗାଡ଼ି ଭସ୍ମିଭୂତ

କଟକ,(ସବ୍ୟୁ): ହାଇକୋର୍ଟ ପ୍ରାଚୀର ବାହାରେ ଥିବା ପାର୍କିଂରେ ଅଗ୍ନିକାଣ୍ଡ ଘଟି ୪ଟି ଗାଡ଼ି ଭସ୍ମିଭୂତ ହୋଇଯାଇଛି । ଜଣେ ମାନସିକ ବିକାରଗ୍ରସ୍ତ ମହିଳା ମଙ୍ଗଳବାର ପୂର୍ବାହ୍ନରେ ଏହି ଲଙ୍କାକାଣ୍ଡ ଘଟାଇ ପରେ ଲାଲବାଗ ଥାନାରେ ପୁଲିସ ତାଙ୍କୁ ଅଟକ ରଖିଛି । ସମ୍ପୃକ୍ତ ମହିଳାଙ୍କ ଘର ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ବତୀମିରା ଗ୍ରାମରେ ହୋଇଥିବା ବେଳେ ତାଙ୍କ ନାଁ ମୀନତି ସାହୁ ବୋଲି ଜଣାପଡ଼ିଛି । ସେ ପୂର୍ବରୁ ମାନସିକ ରୋଗରେ ପିଡ଼ିତ ଥିଲେ ବୋଲି ପୁଲିସ ସୂଚନା ଦେଇଛି । ମୀନତି ପ୍ଲାଷ୍ଟିକ୍ ବୋତଲରେ ଗଣେଶଘାଟସ୍ଥିତ ସିଏମ୍‌ସି ପେଟ୍ରୋଲ୍ ପମ୍ପରୁ ପେଟ୍ରୋଲ୍ ଆଣି ଏକ ଓଢ଼ଣୀରେ ପକାଇବା ପରେ ସେଥିରେ ନିଆଁ ଲଗାଇ କୋର୍ଟ ପରିସରକୁ ଫୋପାଡ଼ି ଥିଲେ । କିନ୍ତୁ ତାହା କୋର୍ଟ ପରିସରରେ ନପଡ଼ି ପ୍ରଚାରୀ କଡ଼ରେ ରହିଥିବା ଗାଡ଼ି ପାର୍କିଂସ୍ଥଳୀକୁ ଖସି ପଡ଼ିଥିଲା । ଫଳରେ ଗୋଟିଏ ଇଭି ସ୍କୁଟି, ୨ଟି ବାଇକ୍ ଏବଂ ଗୋଟିଏ ସ୍କୋର୍ପିଓ ଘଟଣାସ୍ଥଳରେ ଜଳିପୋଡ଼ି ପାଉଁଶ ହୋଇଯାଇଛି । ପ୍ରଥମେ ଇଭିରେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ପରେ ଏକ ଚାଞ୍ଚଲ୍ୟକର ଭିଡ଼ିଓ ସାମ୍ନାକୁ ଆସିଥିଲା । ଯେଉଁ ଭିଡ଼ିଓରେ ମହିଳା ଜଣକ ଓଢ଼ଣୀରେ ପେଟ୍ରୋଲ୍ ଢାଳି କେମିତି ଫିଙ୍ଗୁଛନ୍ତି, ତାହା କଏଦ ହୋଇ ରହିଛି । ଖବରପାଇ ଘଟଣାସ୍ଥଳରେ ଲାଲବାଗ ଥାନା ପୁଲିସ ପହଞ୍ଚି ଅଗ୍ନିକାଣ୍ଡ ଘଟାଇଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି



। ଅନ୍ୟପଟେ ଆଜି ଏକ ବଡ଼ଧରଣର ବିପତ୍ତି ଟଳି ଯାଇଛି । ହାଇକୋର୍ଟ ପରିସରକୁ ଆଦୌ ନିଆଁ ବ୍ୟାପି ନଥିଲା କିମ୍ବା ଘଟଣାସ୍ଥଳରେ ବହୁ ସଂଖ୍ୟକ ବାଇକ୍ ଓ କାର୍ ପାର୍କିଂ କରାଯାଇଥିବା ବେଳେ ମାତ୍ର ୪ଟି ଗାଡ଼ି ନିଆଁରେ ପୋଡ଼ି ଯାଇଛି ।

ମଙ୍ଗଳବାର ପୂର୍ବାହ୍ନ ୧୧ଟା୩୦ରେ ହାଇକୋର୍ଟ ପ୍ରାଚରୀ କଡ଼ ପାର୍କିଂରେ ହଠାତ୍ ନିଆଁ ଲାଗି ୪ଟି ଗାଡ଼ି ହୁ ହୁ ହୋଇ ଜଳିବାକୁ ଲାଗିଥିଲା । ଏହା ଦେଖି ସେଠାରେ ଉପସ୍ଥିତ ଥିବା ଲୋକମାନେ ପ୍ରଥମେ ମର୍କତନଗର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ମର୍କତନଗର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ଏବଂ ବକ୍ସିବଜାର ଦମକଳ କେନ୍ଦ୍ରର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ୩ଟି ଗାଡ଼ି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବା ସ୍କର୍ପିଓ ଅଧା ଜଳୁଥିଲା । ହେଲେ ବିପଦ ଟଳିନଥିଲା । ଘଟଣାସ୍ଥଳରେ ହାଇକୋର୍ଟ, ଜିଲ୍ଲା କୋର୍ଟ,ରେଭେନ୍ସା କଲିଜିଏଟ୍ ସ୍କୁଲ, ଆରଟିଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି । ଯଦି ନିଆଁ ବ୍ୟାପି ଥାଆନ୍ତା, ଏକ ବଡ଼ଧରଣର କ୍ଷୟକ୍ଷତି ଘଟିଥାଆନ୍ତା । ଅଗ୍ନିଶମ କର୍ମଚାରୀ ପ୍ରଥମେ ଫାୟାର୍ ଏକ୍ସଟିଙ୍ଗୁଇସର ଏବଂ ପରେ ପାଣି ମାଡ଼ କରି ନିଆଁକୁ ଆୟତ୍ତ କରିଥିଲେ । ଅଧଘଣ୍ଟାର ରେସ୍କ୍ୟୁ ଅପରେସନ୍ ପରେ ନିଆଁ ସମ୍ପୂର୍ଣ୍ଣ ଭାବେ ଲିଭିଯାଇଥିଲା । ଏଥିରେ କୌଣସି ପ୍ରାଣହାନୀ ଘଟିନାହିଁ ।

ଅନ୍ୟପଟେ ଉକ୍ତ ମହିଳାଜଣଙ୍କ କାହିଁକି ନିଆଁ ଲଗାଇଲେ, କେଉଁ ପରିସ୍ଥିତିରେ ନିଆଁ ଲଗାଇଲେ, ତାହାର ସଠିକ୍ ଉତ୍ତର ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ଠାରୁ ପୁଲିସ ପାଇ ପାରୁନାହିଁ । ଜେରା ସମୟରେ ମହିଳାଙ୍କ ଉତ୍ତରରେ ଆଦୌ ତାଳମେଳ ନଥିବା ପୁଲିସ କହିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସମଗ୍ର ରାଜ୍ୟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ୍ ଦିଆଯିବାକୁ କଟକଣା ବଳବତ୍ତର ରହିଥିବା ବେଳେ ମ୍ୟୁନିସିପାଲଟି ପେଟ୍ରୋଲ୍ ପମ୍ପ କର୍ମଚାରୀ କେମିତି ପ୍ଲାଷ୍ଟିକ୍ ବୋତଲରେ ସମ୍ପୃକ୍ତ ମହିଳାଙ୍କୁ ପେଟ୍ରୋଲ୍ ବିକ୍ରୟ କଲେ, ତାହା ତଦନ୍ତ ପରିସରଭୁକ୍ତ କରାଯାଇଛି । ପୁଲିସର ଏକ ଟିମ୍ ପେଟ୍ରୋଲ୍ ପମ୍ପରେ ଛାନଭିନ୍ କରି ଫେରିଛି । ସେହିପରି ଯେତେବେଳେ ମହିଳାଜଣକଙ୍କ ନିଆଁ ଲଗାଉଥିଲେ, ସେତେବେଳେ ଜଣେ ବ୍ୟକ୍ତି ଉକ୍ତ ଦୃଶ୍ୟକୁ ମୋବାଇଲ୍‌ରେ ସୁଟିଂ କରୁଥିଲେ । ଯଦି ମାନସିକ ବିକାରଗ୍ରସ୍ତ ମହିଳାଜଣଙ୍କ ଅଗ୍ନିକାଣ୍ଡ ଘଟାଉଥିବା, ସେଠାରେ ଉପସ୍ଥିତ ଥିବା ବ୍ୟକ୍ତି ଜଣକ ତାଙ୍କୁ ବାରଣ'ନକରି କେମିତି ତାହା ସୁଟିଂ କରୁଛନ୍ତି, ତାହାକୁ ପୁଲିସ ଛାନଭିନ୍ କରୁଛି । ଘଟଣା ସମ୍ପର୍କରେ ଜୋନ୍ ଏସିପି ଅନନ୍ୟା ଅଗସ୍ତୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଗ୍ନିକାଣ୍ଡ ଘଟାଇଥିବା ମହିଳାଜଣକ ମାନସିକ ରୋଗରେ ପୀଡ଼ିତ । ତାଙ୍କର ମାନସିକ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ । ମହିଳା ଜଣକ ପ୍ରଧାନମନ୍ତ୍ରୀଙ୍କୁ ଭେଟ କରିବାକୁ ଚାହିଁ ନିରାଶ ହେବା ପରେ ଏଭଳି ଅଗ୍ନିକାଣ୍ଡ ଘଟାଇଥିବା କହିଛନ୍ତି । ପୁଲିସର ତଦନ୍ତ ଜାରି ରହିଥିବା ଏସିପି ଅଗସ୍ତୀ ସୂଚନା ଦେଇଛନ୍ତି ।

# ମିଳିତ ବିରୋଧୀ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ମିଳିତ ବିରୋଧୀ ଦଳର ଏକ ୪୯ ଜଣିଆ ପ୍ରତିନିଧି ଦଳ ଲୋକଭବନରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । କଟକ ବଡ ଡାକ୍ତରଖାନାରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ମୃତ୍ୟୁ ଘଟଣା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ



ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ବିଜେଡିର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ କୁମାର ସାମନ୍ତରା, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ,ସମାଜବାଦୀ ପାର୍ଟି ରାଜ୍ୟ ନେତା ପ୍ରଦୀପ କୁମାର ମିଶ୍ର ଓ ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ସହିତ ବିଭିନ୍ନ ଦଳର ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ ।

ସ୍ମାରକପତ୍ରରେ ମୁଖ୍ୟ ଦାବିଗୁଡ଼ିକ ହେଲା- ଏହି ଅଗ୍ନିକାଣ୍ଡ ଘଟଣା ରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟା । ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ବରଖାସ୍ତ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି । ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସହ ସମସ୍ତ ଦାୟୀ ଅଧିକାରୀଙ୍କୁ ଗିରଫ କରାଯାଉ, ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରକାଶ କରିବା,ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଏବଂ ପରିବାର ର ଜଣେ ସଦସ୍ୟଙ୍କୁ ଚାକିରୀ ଦିଆଯାଉ । ଆହତ ମାନଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପ୍ରଦାନ କରାଯାଉ । ସମସ୍ତ ସରକାରୀ ହସ୍ପିଟାଲରେ ତୁରନ୍ତ ଫାୟାର ସେଫଟି ଅଡିଟ୍ କରାଯାଉ, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଏବଂ ପରିବାର ର ଜଣେ ସଦସ୍ୟଙ୍କୁ ଚାକିରୀ ଦିଆଯାଉ । ଆହତ ମାନଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପ୍ରଦାନ କରାଯାଉ ।

# କେସିଙ୍ଗା ପୋଲିସ ବିରୋଧରେ ନର୍ଲା ବିଧାୟିକାଙ୍କ ଏତଲା

ଭୁବନେଶ୍ୱର, (ସବ୍ୟୁ) : କେସିଙ୍ଗା ପୋଲିସ ବିରୋଧରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଅଭିଯୋଗ କରିଛନ୍ତି । ସେ ଘରେ ନଥିବା ବେଳେ ପୋଲିସ ତାଙ୍କ କ୍ୱାର୍ଟର୍ସକୁ ଆସି ମାତ୍ରାଧିକ କାର୍ଯ୍ୟ କରିବା ସହ ସହାୟିକା ଓ ଝିଅକୁ ଦୁର୍ବ୍ୟବହାର କରିଥିବା ଏତଲାରେ ସେ ଦର୍ଶାଇଛନ୍ତି ।

ତହସିଲଦାରଙ୍କୁ ବିଧାୟିକାଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତି ହତ୍ୟା ଧମକ ଦେଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଖୋଜିବା ପାଇଁ ଭୁବନେଶ୍ୱର ଆସିଥିଲା । ବିଧାୟିକା ଘରେ ନଥିବା ବେଳେ ତାଙ୍କ ଘରେ ପୋଲିସ ପଶି ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ସେ ସାମ୍ବାଦିକ ସମ୍ମିଳନୀ କରି ଥିଲେ ଚାପୁଡ଼ା ମାରିଥାନ୍ତି ବୋଲି କହିଥିଲେ ।

ସେହି ଘଟଣାକୁ ନେଇ ମଙ୍ଗଳବାର ଖାରବେଳନଗର ଥାନାରେ ବିଧାୟିକା ମନୋରମା ଏତଲା ଦାଏର କରିଛନ୍ତି । ତାଙ୍କ ଏତଲାକୁ ପୋଲିସ ଗ୍ରହଣ କରିଥିବା ସୂଚନା ମିଳିଛି । ତଦନ୍ତ ଆଗକୁ ବଢ଼ିଲେ ବିଧାୟିକାଙ୍କ ଅଭିଯୋଗର ସତ୍ୟତାକୁ ନେଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହିଛି ।

# ପିସ୍ତଲ ଦେଖାଇ ହତ୍ୟା ଧମକ : ଜଣେ ଗିରଫ, ସ୍କର୍ପିଓ ଜବତ

ଭୁବନେଶ୍ୱର, (ସବ୍ୟୁ) : ଅଭିଯୋଗକାରୀ ସୁଧାଂଶୁ ଭୂଷଣ କର (୪୦)କୁ ଏକ ଅପରାଧିକ ଗୋଷ୍ଠୀ ଏୟାରପୋର୍ଟରୁ ପିଛା କରିୟୁନିଟ୍-୨ ଅଞ୍ଚଳରେ ତାଙ୍କୁ ପିସ୍ତଲ ଦେଖାଇ ହତ୍ୟା ଧମକ ଦେଇଥିଲେ । ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରଶ୍ମିରଞ୍ଜନ ବାରିକ ନାମକ ସୁନ୍ଦରପଦା ଗାଁର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଅପରାଧରେ ବ୍ୟବହୃତ ସ୍କର୍ପିଓ ପୋଲିସ ଜବତ କରିଥିବା ବେଳେ ପିସ୍ତଲ ଜବତ ହୋଇନାହିଁ । ପୋଲିସ କହିବାନୁଯାୟୀ ସହଯୋଗୀ ଅଭିଯୁକ୍ତମାନେ ଗିରଫ ହେଲେ ପିସ୍ତଲ ଜବତ ହେବ ।

ସୁଧାଂଶୁ ଭୂଷଣ କର ରବିବାର ଦିନ ରାତି ପ୍ରାୟ ସାଢେ ୯ଟା ବେଳେ ତାଙ୍କ ପରିବାର ସହିତ ଏୟାରପୋର୍ଟରୁ ଘରକୁ ଫେରୁଥିଲେ ।ୟୁନିଟ୍-୨ ଅଞ୍ଚଳରେ ତାଙ୍କ ଘରକୁ ଯିବା ଗଳିରେ ଏକ ସ୍କର୍ପିଓ ଗାଡି ସାମ୍ନାପଟରୁ ତାଙ୍କ ଗାଡିକୁ ଅଟକାଇଥିଲା । ଉକ୍ତ ଗାଡିର ଚାଳକ ଓ ସହଯୋଗୀମାନେ ତାଙ୍କୁ ଗାଡି ପଛକୁ ଫେରାଇବାକୁ ଧମକାଇ କହିଥିଲେ । ସେ ଗାଡି ପଛକୁ ନଫେରାଇବାରୁ ତାଙ୍କ ସହ ଝଗଡା ହୋଇଥିଲା । ଏପରିକି ତାଙ୍କ ପରିବାର ସାମ୍ନାରେ ଅତି କଦର୍ଯ୍ୟ ଭାଷାରେ ସେମାନେ ଗାଳିଗୁଲଜ କରିଥିଲେ । ଅଭିଯୋଗକାରୀଙ୍କୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେବା ସହ ଜଣେ ଯୁବକ ତାଙ୍କ ମୁଣ୍ଡ ଆଡକୁ ପିସ୍ତଲ ଦେଖାଇ ହତ୍ୟା ଧମକ ଦେଇଥିଲା ।

ଜୀବନ ପ୍ରତି ବିପଦ ଥିବାରୁ ସେ ଭୟଭୀତ ହୋଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ସମ୍ପୃକ୍ତ ଗାଡିର ମାଲିକର ସନ୍ଧାନ ପାଇଥିଲା । ସେମାନେ ଅପରାଧରେ ବ୍ୟବହାର କରିଥିବା ସ୍କର୍ପିଓ ଗାଡିକୁ ପୋଲିସ ଜବତ କରିଥିବା ବେଳେ ପିସ୍ତଲ ଜବତ ହୋଇନାହିଁ । ହେଲେ ରଶ୍ମିରଞ୍ଜନ ବାରିକ ନାମକ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ଷ୍ଟେସନରେ ଭିଜିଲାନ୍ସ ଟିମ୍ ଚଢଉ କରି ଓଡିଶା ପୋଲିସ ଓ୍ୱେଲଫାୟାର ଆଣ୍ଡ ହାଉସିଂ କର୍ପୋରେସନ୍ (ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଅଟକାଇ ଯାଞ୍ଚ କରିଛି। ତାଙ୍କ ନିକଟରୁ ନଗଦ ୫ଲକ୍ଷ୧୮ ହଜାର ୯୦୦ ଟଙ୍କା ଜବତ ହୋଇଛି। ଏହି ଟଙ୍କା ସମ୍ପର୍କରେ ସେ ସନ୍ତୋଷ ଜନକ ଉତ୍ତର ରଖିନଥିବା ବେଳେ ଏହା ଲାଞ୍ଚ ଟଙ୍କା ବୋଲି ସନ୍ଦେହ କରାଯାଉଛି। ଅନ୍ୟପଟେ ଆୟବର୍ହିଭୂତ



ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗରରେ ଥିବା ତାଙ୍କ ବାସଭବନ ଉପରେ ଚଢଉ କରାଯାଇଛି। ଭୁବନେଶ୍ୱର ରସୁଲଗଡ ଠାରେ ଥିବା ପୋଲିସ କଲୋନୀ କ୍ୱାଟର ନମ୍ବର- ଭି/୧୬ ସ୍ଥିତ ବାସଭବନରୁ ନଗଦ ୫ଲକ୍ଷ ୪୧ହଜାର୭୦୦ଟଙ୍କା ଜବତ ହୋଇଛି। ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିଡିଏ ହାଉସିଂ ବୋର୍ଡର ଏମ୍‌ଆଇଜି କଲୋନୀରେ ଥିବା ତାଙ୍କ ଭଉଣୀଙ୍କ ଘରୁ ୩୪ଲକ୍ଷ୮୧ହଜାର ଟଙ୍କା ଜବତ ହୋଇଛି। ତେବେ ମୋଟ ୪୫ଲକ୍ଷ୪୧ହଜାର ୬୦୦ଟଙ୍କା ଜବତ ହୋଇଛି। ଏହି ଚଢଉ ଜାରି ରହିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ।

### ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ

# ନର୍ଲା ବିଧାୟିକାଙ୍କ ସ୍ୱାମୀ ହାଇକୋର୍ଟରେ

କଟକ,(ସବ୍ୟୁ): ନର୍ଲା ତହସିଲ୍ଦାରଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଶ୍ରୀ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ୍ ଆବେଦନ କରିଛନ୍ତି। ନର୍ଲାର ବ୍ଲକ୍ ଅଧ୍ୟକ୍ଷ ତଥା ବିଧୟିକାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତି ସ୍ଥାନୀୟ ତହସିଲ୍ଦାରଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତହସିଲ୍ଦାରଙ୍କ ଅଭିଯୋଗକ୍ରମେ କେସିଙ୍ଗା ପୁଲିସ୍ ଏକ ମାମଲା ରୁଜୁ କରିଛି। ନିକଟରେ କେସିଙ୍ଗା ପୁଲିସ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଧାୟିକାଙ୍କ କ୍ୱାର୍ଟରରେ ମଧ ଏହି ନୋଟିସ୍ ଦିଆଯାଇଥିଲା । ଫଳରେ ଶ୍ରୀ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଯାଇଥିଲା। ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀ ଆଶଙ୍କାକୁ ଏଡ଼ାଇବା ପାଇଁ ସେ ହାଇକୋର୍ଟକୁ ଆସିଥିବା ଜଣାପଡ଼ିଛି।

## ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

ନିମାପଡା,(ସବ୍ୟୁ): ମଙ୍ଗଳବାର ମଧ୍ୟାହ୍ନ ସମୟରେ ନିମାପଡା-କାକଟପୁର ରାସ୍ତାର ଖେଦରପୁର ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଭୁବନେଶ୍ୱର ଅଂଚଳର ସଂଜୁବାଳା ସାହୁ (୬୨) ତାଙ୍କ ପୁଅଙ୍କ ସହିତ କାକଟପୁର ମା ମଙ୍ଗଳାଙ୍କ ଦର୍ଶନ ସାରି ସ୍କୁଟିରେ ଫେରୁଥିବା ବେଳେ ବିପରିତ ଦିଗରୁ ସ୍କୁଟିରେ ଆସୁଥିବା ଖେଦରପୁର ଗ୍ରାମର ଧିରେନ୍ଦ୍ର ମଲ୍ଲିକଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା।






### ଜନଗଣନା ୨୦୨୬-୨୭ ପ୍ରଶ୍ନାବଳୀକୁ ଚାଲେଞ୍ଜ

# ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, (ସବ୍ୟୁ) : ଆଗାମୀ ୨୦୨୬-୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ପ୍ରଶ୍ନ ଏବଂ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସମାଜସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଦାୟର ଏହି ଆବେଦନରେ ଜନଗଣନା ସମୟରେ ସଂଗ୍ରହ କରାଯାଉଥିବା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ଏବଂ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଯାଇଛି । ଆବେଦନକାରିଣୀ ଦର୍ଶାଇଛନ୍ତି ଯେ ଜନଗଣନା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀରେ ଜନସଂଖ୍ୟା ବ୍ୟତୀତ ଘରର ଚଟାଣ, କାନ୍ଥ, ମାଲିକାନା ସତ୍ତ୍ୱ, ପିଇବା ପାଣିର ଉତ୍ସ ଏବଂ ଘରର ଆସବାବପତ୍ର (ଟିଭି, ଇଣ୍ଟରନେଟ୍, ଗାଡ଼ି) ଭଳି ଅନାବଶ୍ୟକ ପ୍ରଶ୍ନ ରହିଛି, ଯାହା ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଉପରେ ହସ୍ତକ୍ଷେପ ବୋଲି ଅଭିଯୋଗ କରାଯାଇଛି । ସଂଗୃହୀତ ହେବାକୁ ଥିବା ବ୍ୟକ୍ତିଗତ ତଥ୍ୟ ଯେ ଲିକ୍ ହେବ ନାହିଁ କିମ୍ବା କୌଣସି ତୃତୀୟ ପକ୍ଷକୁ ହସ୍ତାନ୍ତର କରାଯିବ ନାହିଁ, ସେ ନେଇ ବିଜ୍ଞପ୍ତିରେ କୌଣସି ସ୍ପଷ୍ଟ ସୁରକ୍ଷା ବ୍ୟବସ୍ଥା ନାହିଁ । ଜନଗଣନା କର୍ମଚାରୀ ସଂଗ୍ରହ କରିଥିବା ତଥ୍ୟର ଏକ ସାର୍ଟିଫାଇଡ୍ ନକଲ ସମ୍ପୃକ୍ତ ନାଗରିକଙ୍କୁ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ, ଯାହା ଭବିଷ୍ୟତରେ ବିବାଦ ସମୟରେ ପ୍ରମାଣ ଭାବେ ବ୍ୟବହାର ହୋଇପାରନ୍ତା । ଜନଗଣନା କାର୍ଯ୍ୟରେ ନିୟୋଜିତ ହେଉଥିବା ବ୍ୟକ୍ତିଙ୍କ ପୁଲିସ ଯାଞ୍ଚ କିମ୍ବା ବ୍ୟାକଗ୍ରାଉଣ୍ଡ ଭେରିଫିକେସନ ପାଇଁ କୌଣସି ନିର୍ଦ୍ଦେଶାବଳୀ ନାହିଁ । ଆବେଦନକାରିଣୀ ପ୍ରାର୍ଥନା କରିଛନ୍ତି ଯେ ଜନଗଣନା ପ୍ରଶ୍ନାବଳୀକୁ ସଂଶୋଧନ କରି କେବଳ ଜନସଂଖ୍ୟା, ବୟସ ଏବଂ ଲିଙ୍ଗ ଭଳି ଆବଶ୍ୟକୀୟ ତଥ୍ୟ ମଧ୍ୟରେ ସୀମିତ ରଖାଯାଉ ।




# ଗେଟ୍ ପ୍ରବେଶିକା ପରୀକ୍ଷାରେ ଦେବପ୍ରସାଦଙ୍କ ସଫଳତା ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା



ଭଂଜନଗର, (ସବ୍ୟୁ): ଗ୍ରାଜୁଏଟ୍ ଆପିଟ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ (ଗେଟ୍) ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରି ଇଞ୍ଜିନିୟରିଂ ଶାଖାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ରାଙ୍କ ହାସଲ କଲେ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବିଡିପୁରର ଗ୍ରାମର ଦେବପ୍ରସାଦ ରଥ । ଏନେଇ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦେବପ୍ରସାଦ ହେଉଛନ୍ତି ବିଡ଼ିପୁର ଶାସନ ଗ୍ରାମର ଉମାଚରଣ ରଥ ଏବଂ ଗୀତାଞ୍ଜଳି ରଥଙ୍କ ପୁତ୍ର । ସେ ନିଜ ଗାଁରୁ ପ୍ରାଥମିକ ଏବଂ ହାଇସ୍କୁଲ ପାଠ ପଢ଼ିବା ପରେ ବ୍ରହ୍ମପୁର ସ୍ଥିତ ଦି ମଦର୍ସ ଇଣ୍ଟରନ୍ୟସନାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ କରିଥିଲେ । ପରେ ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହାପରେ ଗେଟ୍ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରି, ପ୍ରଥମ ହୋଇଛନ୍ତି । ଏଥିପାଇଁ ବିଡିପୁର ପଞ୍ଚାୟତ ସ୍ତରରେ ସମାଜସେବୀ ବିପ୍ର ଚରଣ ବାରିକଙ୍କ ସଂଯୋଜନା । ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟା ଗୀତାରାଣୀ ବାରିକ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଶୂଳପାଣି ଶତପଥୀ, ସରପଞ୍ଚଙ୍କ ପ୍ରତିନିଧି ଶିଶିର କାନ୍ତ ସାହୁ, ପୂର୍ବତନ ସମିତି ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ଜିତେନ୍ଦ୍ର ରଥ, ମଧୁସୂଦନ କର, ବିଜୟ ପ୍ରଧାନ, ଖଦାଳ ସ୍ୱାଇଁ, ଚନ୍ଦ୍ରଶେଖର କୃଷି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ନାୟକ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଗୌଡ଼, ବରିଷ୍ଠ ବୁଦ୍ଧିଜିବୀ ନୀଳାମ୍ବର ରଥ, ବଂଶୀଧର କର, ରାଜେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଦେବପ୍ରସାଦଙ୍କ ଏହି ସଫଳତା, ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ ।




# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ଜଣ ଟ୍ରାନ୍ସଜେଣ୍ଡର ଭାଗ ନେଇଥିଲେ । ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର ସମ୍ବନ୍ଧୀୟ ଜନ ସଚେତନତା ପାଇଁ ଆଜି ସକାଳେ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ଯିବା ସମୟରେ ବିଭିନ୍ନ ପଥପ୍ରାନ୍ତ ନାଟକ ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ତାପରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ କାର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ପୌରହିତ୍ୟ କରି କହିଥିଲେ ଯେ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମାଧ୍ୟମରେ ଟ୍ରାନ୍ସଜେଣ୍ଡରମାନଙ୍କ ସାମାଜିକ, ଆର୍ଥିକ ବିକାଶ ପାଇଁ ସରକାର ରୀତିମତ ପ୍ରଚେଷ୍ଟା ଚଳାଇ ଆସିଛନ୍ତି ଯାହାଦ୍ୱାରା ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରତି ଜନ ସାଧାରଣଙ୍କ ମାନସିକତା ବହୁମାତ୍ରାରେ ପରିବର୍ତ୍ତିତ ହେଲାଣି । ସେଥିପାଇଁ ପୂର୍ବରୁ ସେମାନେ ଯେପରି ନିଜର ଶାରୀରିକ ତଥା ମାନସିକ ଅବସ୍ଥା ବ୍ୟକ୍ତ କରିବା ପାଇଁ ଲଜ୍ଜାବୋଧ କରୁଥିଲେ, ସେପରି ପରିସ୍ଥିତି ଆଉ ପ୍ରାୟତଃ ନାହିଁ । ଏହି ଅବସରରେ ୫ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରଯାଇଥିଲା । ପୁନଶ୍ଚ ବିଭିନ୍ନ ବ୍ଲକରେ ଜନସଚେତନତା ମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିବା ଟ୍ରାନ୍ସଜେଣ୍ଡର ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରଯାଇଥିଲା କାର୍ଯ୍ୟକ୍ରମରେ ଓଡିଶା ଟ୍ରାନ୍ସଜେଣ୍ଡର ସଂଘର ରାଜ୍ୟ ସଭାପତି ସ୍ୱୀଟି ସାହୁ, ଗଞ୍ଜାମ ଜିଲ୍ଲା ଟ୍ରାନ୍ସଜେଣ୍ଡର ସଂଘ ସମ୍ପାଦକ ମନୋଜ ତରାଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ବ୍ରହ୍ମପୁର ଉପଖଣ୍ଡ ସାମାଜକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦଳିତ ମହାସଭା ପକ୍ଷରୁ ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର

ଧରାକୋଟ, (ସବ୍ୟୁ): ଓଡ଼ିଶା ଦଳିତ ମହାସଭା ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଆଜି ଶତାଧିକ ଦଳିତ ବର୍ଗର ପୁରୁଷ ଓ ମହିଳା ସେମାନଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ ଓ ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଆଜି ଅତିରିକ୍ତ ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦଳିତ ମହାସଭାର ଜିଲ୍ଲା ସଭାପତି ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ ନାୟକ, ବ୍ଲକ ସଭାପତି ନିରଞ୍ଜନ ନାୟକ, ଉପ-ସଭାପତି ରୋହିତ ନାୟକ, ସହ ସମ୍ପାଦକ ମିଥୁନ ପରିଚ୍ଛା, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ ଓ ଏଆଇକେଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ନେତୃତ୍ୱରେ ଧରାକୋଟ ବ୍ଲକର ବରଡାବିଲି ପଞ୍ଚାୟତର ହରିପୁର, ପ୍ରତାପୁର, ବରଡାବିଲି, ବନ୍ୟାନଗର ପ୍ରଭୃତି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ତହସିଲଦାରଙ୍କ ସହ ଆଲୋଚନା କରାଯାଇ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କୁ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉନଥିବା ଅଭିଯୋଗ କରିଥିଲେ । ବିଡିଓ ନିରପେକ୍ଷ ଭାବେ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ ।

ପ୍ରକାଶଯୋଗ୍ୟ ଧରାକୋଟ ତହସିଲ ଅନ୍ତର୍ଗତ ବରଡାବିଲି, ଧରାକୋଟ, ବାହାରପୁର, ମାଣିକପୁର, ଜାହାଡା ରାଜସ୍ୱ ସର୍କଲ ଅଧିନସ୍ଥ ବହୁତ ରାଜସ୍ୱ ଗ୍ରାମର ଲୋକେ ଏ ପର୍ଯ୍ୟନ୍ତ ସ୍ଥାୟୀ ଘରପଟ୍ଟା ବିଭିନ୍ନ କାରଣରୁ ପାଇନାହାନ୍ତି । ଏଣୁ ପିଲାଙ୍କ ପାଠ ପଢା ସହ କିଣା ବିକା କାର୍ଯ୍ୟରୁ ସେମାନେ ବଞ୍ଚିତ ହୋଇ ରହିଛନ୍ତି । ସେହିପରି ବହୁ ଗରିବ ପରିବାର ମୁଣ୍ଡ ଉପରେ ଏପର୍ଯ୍ୟନ୍ତ ଛାତ ଟିଏ ନାହିଁ । ଏଣୁ ସରକାର ତୁରନ୍ତ ଉପଯୁକ୍ତ ସର୍ଭେ କରି ସ୍ଥାୟୀ ଘର ପଟ୍ଟା ସହ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ ପାଇଁ ଦଳିତ ମହାସଭା ପକ୍ଷରୁ ଦାବି କରାଯାଇଛି ।

# ରାଜ୍ୟସ୍ତରରେ ଚିନ୍ମୟ ଦାସ ପଟ୍ଟନାୟକ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଅନୁଷ୍ଠିତ ହୋଇଥିବା ଜାତୀୟ ମିଡ଼ିଆ କୋନକ୍ଲେଭ - ୨୦୨୬ ଅବସରରେ ଓଡ଼ିଆ ନାଟକ ତଥା ଚଳଚିତ୍ର ଜଗତରେ ସୁନାମ ଅର୍ଜନ କରିଥିବା ବାରିପଦା ତଥା ମୟୂରଭଞ୍ଜର ଗର୍ବ ଗୌରବ ବିଶିଷ୍ଟ ଲେଖକ, ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ତଥା ଗଣମାଧ୍ୟମର ବିଶିଷ୍ଟ ଗୁଣିଜନଙ୍କ ଗହଣରେ ଉଚ୍ଚ ପ୍ରଶଂସିତ କରିବା ସଙ୍ଗେସଙ୍ଗେ ଉପଢୌକନ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଦାସ ପଟ୍ଟନାୟକ ସମେତ ମଞ୍ଚରେ ଓଡ଼ିଆ ଚଳଚିତ୍ର ଜଗତର ବର୍ଷୀୟାନ ଅଭିନେତା, ଉପସ୍ଥାପକ ଓ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି, ଅଭିନେତା ଲେଖକ ଓ ନିର୍ଦ୍ଦେଶକ ହରିହର ମହାପାତ୍ର, ଉପସ୍ଥାପିକା, ଅଭିନେତ୍ରୀ ଓ ପ୍ରଯୋଜିକା ନୈନା ଦାସ ଓ ବର୍ଷୀୟାନ ଅଭିନେତା ତଥା ସମାଜସେବୀ ଡ. ରୁଷି ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଖ୍ୟାତ ଡାକ୍ତର ଓ ସମାଜସେବୀ ଡଃ ଚିଦାତ୍ମିକା ଖଟୁଆ, ମେଜର ଡ. କଳ୍ପନା ଦାସ, ଡଃ ରଜନୀକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା "ବିକଶିତ ଓଡିଶା ୨୦୨୬/ଭାରତ - ୨୦୪୭ ନିମନ୍ତେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷମାନେ ଅଂଶ ଗ୍ରହଣ କରିଥିଲେ ।



# ଗୁଣି ସନ୍ଦେହରେ ଶାଶୁଙ୍କୁ ପନିକିରେ ହାଣିଲେ ବୋହୂ



ବାରିପଦା, (ସବ୍ୟୁ) : ବୋହୂ ସାଜିଲେ ରାକ୍ଷସୀ । ଗୁଣି ସନ୍ଦେହରେ ଶାଶୁଙ୍କୁ ଅତି ନିର୍ଦ୍ଦୟ ଭାବେ ଘର ଭିତରେ ପନିକିରେ ହାଣିଲା ବୋହୂ । ଆଉ ଏ ସବୁର ଦେଖଣାହାରି ସାଜିଥିଲେ ପୁଅ ।

ଉଦଳା ଥାନା ଏନଏସି ୬ ନମ୍ବର ଓ୍ବାର୍ଡରେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନା ଅନୁସାରେ, ଗ୍ରାମର ସାବିତ୍ରୀ ଦତ୍ତ ସୋମବାର ସନ୍ଧ୍ୟା ସମୟରେ ଘର ବାହାରେ ବସିଥିବା ବେଳେ ଅଚାନକ ବୋହୂ ମାମି ଦତ୍ତ ଘର ଭିତରୁ ବାହାରି ଆସି ସାବିତ୍ରୀଙ୍କୁ ଘର ଭିତରକୁ ଘୋଷାରି ନେଇଥିଲେ । ଏହାପରେ ବେତବାଡ଼ିରେ ନିର୍ଘାତ ମାଡ଼ ମାରିବା ପରେ ପନିକିରେ ପନିକିରେ ଆକ୍ରମଣ କରିଥିଲେ। ଶାଶୁ ସାବିତ୍ରୀଙ୍କ ମୁଣ୍ଡ ଦେହକୁ ପନିକିରେ ହାଣି ଜୀବନରୁ ମାରିଦେବାକୁ ବୋହୂ ମାମି ଉଦ୍ୟମ କରୁଥିବା ବେଳେ ସେଠାରେ ଛିଡା ହୋଇ ଏ ସବୁ ଦେଖୁଥିଲେ ପୁଅ କୁଲୁ ଦତ୍ତ । ହେଲେ ସେ ଏହାକୁ ବାରଣ କରି ନଥିଲେ ।

ତେବେ ଆକ୍ରମଣରେ ଗୁରୁତର ହୋଇ ସାବିତ୍ରୀ ଚିତ୍କାର କରିବାରୁ ପଡିଶା ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହିତ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶାଶୁଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବଳେ ହାଣିଥିବା ବୋହୂଙ୍କୁ ଗିରଫ କରିଛି ପୋଲିସ । ସେପଟେ ଗୁଣି ଗାରେଡି ସନ୍ଦେହରେ ବୋହୂ ହାଣିଥିବା କହିଛନ୍ତି ସାବିତ୍ରୀ । ଅନ୍ୟପଟେ ଦେହରେ ଠାକୁରାଣୀ ଆସିଥିବାରୁ ସେ ଏପରି କରିଥିବା କହିଛନ୍ତି ବୋହୂ ।

# ଆରମ୍ଭ ହେଲା ଅଗ୍ନିରୂପା ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା

ତାଳଚେର/ ସାଉଥବଳଣ୍ଡା, (ସବ୍ୟୁ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଆଜିଠାରୁ ଆରମ୍ଭ ହୋଇଯାଇଛି । ତାହାସହିତ ମା ହିଙ୍ଗୁଳାଙ୍କ ନବ କଳେବର ତଥା ପାଟୁଆରୀ ଉତ୍ସବ ମଧ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେ କ ବର୍ଷ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ବା ବିଷ୍ଣୁ ଦମନକ ଚତୁର୍ଦ୍ଦଶୀରେ ମା ହିଙ୍ଗୁଳାଙ୍କ ନବଦିନାତ୍ମକ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଜି ଯାତ୍ରାର ପ୍ରଥମ ଦିନରେ ପ୍ରାୟ ଚାରି ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇ ମା ହିଙ୍ଗୁଳାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ଅଗ୍ନିରୂପା ମା ହିଙ୍ଗୁଳା ମନ୍ଦିରର ପୂର୍ବ ଦିଗରେ ପ୍ରାୟ ୨୦୦ମିଟର ଦୂରରେ ଥିବା ଅରା ବାଉଁଶ ଜଙ୍ଗଲ ନିକଟରେ ଆର୍ବିଭାବ ହୋଇଛନ୍ତି। ମା'ଙ୍କ ପ୍ରତ୍ୟ କ୍ଷ ଦର୍ଶନ କରିବା ପାଇଁ ଉଭାସ୍ଥଳୀକୁ ଆଜି ବଡି ଭୋରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ସକାଳେ ସମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଜି ପ୍ରତୁ୍ୟଷରୁ ମା'ହିଙ୍ଗୁଳାଙ୍କ ମଙ୍ଗଳ ଆଳତୀ,ବାଳ ଭୋଗ ଆଦି ନୀତି ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ କରାଯାଇଥିଲା । ଏହାପରେ ମାଆ ହିଙ୍ଗୁଳା ନବକଳେବର ଓ ପାଟୁଆରୀ ପୂଜା ଅନୁଷ୍ଠିତ ହୋଇଥିଲା। ତାଳଚେରର ୨୬ତମ ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ଓ ପାଟରାଣୀ ତାଳଚେର ରାଜପ୍ରସାଦରୁ ଏକ ଭବ୍ୟ ଶୋଭାଯାତ୍ରାରେ ହିଙ୍ଗୁଳା ପୀଠକୁ ଆସିଥିଲେ। ସେଠାରେ ପ୍ରଥମେ ଦେହୁରୀଙ୍କ ଘରକୁ ଯାଇ ଦିଅଁଘରେ ମା ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଟୁଆରୀ ଉତ୍ସବ ଓ ମା ହିଙ୍ଗୁଳାଙ୍କ ନବ କଳେବର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଦେହୁରୀ କିଶୋର ଚନ୍ଦ୍ର ଦେହୁରୀ ହିଙ୍ଗୁଳାଙ୍କ ପ୍ରତୀକ ସ୍ୱରୂପ ଖମ୍ବ, ପାଷାଣ, ପାଟ, ଚାନ୍ଦୁଆ ଆଦିକୁ ବିସର୍ଜନ କରି ନୂତନ ଖମ୍ବ,ପାଷାଣ ତଥା ମା ହିଙ୍ଗୁଳାଙ୍କ ପ୍ରତୀକ ଆଲମରେ ନୂତନ ପାଟ



ବସ୍ତ୍ର ଓ ରୂପା ମସ୍ତକ ସ୍ଥାପନ କରି ଜୀବନ୍ୟାସ କରିଥିଲେ। ପରମ୍ପରା ଅନୁଯାୟୀ ଦେହୁରୀ ମହିଳା ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥିଲେ। ଏହାକୁ ପାଟବରୀ ଉତ୍ସବ ବା ପାଟୁଆରୀ ଉତ୍ସବ ବୋଲି କୁହାଯାଇଥାଏ। ଏହି ଉତ୍ସବରେ ରାଜଗୁରୁ ପଙ୍କଜ ଲୋଚନ ପତି ଓ ପଣ୍ଡିତ ପୂର୍ଣ୍ଣେନ୍ଦୁଚନ୍ଦ୍ର ଶତପଥୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଜଣେ ରାଜାଙ୍କ ଜୀବନ କାଳ ମଧ୍ୟରେ ମା ହିଙ୍ଗୁଳାଙ୍କ ନବ କଳେବର ହୋଇଥିବାରୁ ଆଜିର ଯାତ୍ରା ଏକ ବିଶେଷ ମହତ୍ୱ ରଖିଥାଏ। ଏହାପରେ ମା ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ମା ଅଗ୍ନିରୂପାଙ୍କ ଉଭାସ୍ଥଳୀକୁ ନିଆଯାଇଥିଲା। ସେଠାରେ ଦେହିରୀ ଶାବରୀ ମନ୍ତ୍ରରେ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ।

ଆଜି ସକାଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ଆସି ମା ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରି ସମସ୍ତଙ୍କର ମଙ୍ଗଳକାମନା କରିଥିଲେ। ତାଙ୍କ ସହିତ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତପା ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଆସି ମା ହିଙ୍ଗୁଳାଙ୍କ ଆଳତୀ କରିଥିଲେ। ସେହିପରି ଏମସିଏଲ୍ ଅଧ୍ୟକ୍ଷ ଉଦୟ ଅନନ୍ତ କାଓ୍ବଲେ ଯୋଗ ଦେଇ ମା ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ।

ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶିଶୁମାନଙ୍କ ଚୁଟି ମୁଣ୍ଡନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଥିବା ବେଳେ ବହୁ ଶ୍ରଦ୍ଧାଳୁ ଶାଳବଣିଆ ଛକଠାରୁ ଗୋପାଳପ୍ରସାଦ ସିଙ୍ଗଡା ବ୍ରିଜ ପର୍ଯ୍ୟନ୍ତ ରାସ୍ତାକଡର ବିଭିନ୍ନ ସ୍ଥାନରେ ଶିଶୁମାନଙ୍କର ଚୁଟି ମୁଣ୍ଡନ କରାଯାଉଥିବାର ଦେଖାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପରୁ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଉଭାସ୍ଥଳୀ ଓ ମନ୍ଦିର ଚତୁଃପାର୍ଶ୍ୱକୁ କପଡା ଦ୍ୱାରା ସିଲିଂ କରାଯାଇଥିଲା। ଚଳିତ ବର୍ଷ ମା ହିଙ୍ଗୁଳା ଉଭାସ୍ଥଳୀରେ ଦୁଇଟି ବିଶାଳ ବିଶ୍ରାମାଗାର ନିର୍ମାଣ କରାଯାଇଛି। ଉଭାସ୍ଥଳୀ ଓ ମନ୍ଦିରରେ ସ୍ୱତନ୍ତ୍ର ବ୍ୟାରିକେଡ଼ କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଅପରପକ୍ଷରେ ଆଂଚଳିକ ଠିକା ମଜଦୁର ସଂଘ,ତାଳଚେର, ମହାନଦୀ କୋଲଫିଲ୍ଡସ୍ ଠିକାଦାର ଶ୍ରମିକ ସଂଘ, ତାଳଚେର ଓ କଣିହାଁ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ, ମହେଶ କୁମାର ଅଗ୍ରଓ୍ବାଲ,ମା ହିଙ୍ଗୁଳା ଅନ୍ନ ବସ୍ତ୍ର କମିଟି ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଅନ୍ନପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ, ଅନନ୍ତ ଆମ୍ବୁଲାନ୍ସ, ମା ହିଙ୍ଗୁଳା ଆମ୍ବୁଲାନ୍ସ ଡିଭିଜନ ସମେତ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର,ସ୍ଥାନୀୟ କଳମଛୁଇଁ ଓ ଗୋପାଳପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ମା'ଙ୍କ ଉଭାସ୍ଥଳୀରେ ବିଭିନ୍ନ ଭଜନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ଭଜନ ପରିବେଷଣ କରାଯାଇଥିଲା। ଉଭୟ ମନ୍ଦିର ଓ ଉଭାସ୍ଥଳୀରେ ସିସିଟିଭି କ୍ୟାମେରା ଲଗାଯାଇ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି।

ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଭାବାନ କଳାକାର ଯୋଗ ଦେଇ ନିଜର ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିବେ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ପରିସରରେ ଥିବା ପଡିଆରେ ପ୍ରାୟ ଚାରି ଶହ ଷ୍ଟଲ ନିର୍ମାଣ କରାଯାଇଥିବା ବେଳେ ସେଥିରେ ଖାଦ୍ୟ, ଫାଷ୍ଟ ଫୁଡ, ମନୋହରୀ ସାମଗ୍ରୀ, ପଲ୍ଲୀଶ୍ରୀ ମେଳା, ମୀନାବଜାର, ଖେଳନା,ଘରକରଣା ସାମଗ୍ରୀ ତଥା କାଠ ତିଆରି ଘରୋଇ ଉପକରଣ ଆଦି ବିକ୍ରୀ ହେଉଛି। ଜିଲ୍ଲା ପ୍ରଶାସନ ସହ ମା ହଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ର ପୂର୍ବତନ ସଦସ୍ୟମାନଙ୍କ ସକ୍ରିୟ ସହଭାଗିତାରେ ମା'ଙ୍କ ଏହି ଅନନ୍ୟ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆରମ୍ଭ ହୋଇଥିଲା ବେଳେ ଅପ୍ରେଲ ମାସ ୮ ତାରିଖ ଦିନ ସମାପନ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜନଗଣନା ନିଯୁକ୍ତିରେ ଅନିୟମିତତା, ଶିକ୍ଷକ ସଂଘର ଅସନ୍ତୋଷ

ବାରିପଦା, (ସବ୍ୟୁ) : ୨୦୨୭ ଜନଗଣନା ପାଇଁ ସୁପରଭାଇଜର ଓ ଗଣନା ଅଧିକାରୀ ନିଯୁକ୍ତି ପାଇଁ ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶକ୍ଷବଳୀ ପ୍ରକାଶିତ ହୋଇଛି। କିନ୍ତୁ ବିଭିନ୍ନ ସ୍ଥାନରେ ଏହାକୁ ସଠିକ ଭାବରେ ପାଳନ କରାଯାଉ ନାହିଁ। ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ପ୍ରକାଶିତ ତାଲିକାରେ ବ୍ୟାପକ ଅନିୟମିତତା ଦେଖାଯାଇଛି।

ପ୍ରାଥମିକ ଶିକ୍ଷକ ଓ ଦୁଇତିନି ବର୍ଷ ହାଇସ୍କୁଲରେ ଶିକ୍ଷକତା କରିଥିବା ବ୍ୟକ୍ତିଙ୍କୁ ସୁପର ଭାଇଜର ଭାବରେ ନିଯୁଚ୍ଛି ମିଳିଥିବା ବେଳେ ୨୦୦୬ରୁ ନିଯୁକ୍ତି ପାଇ ୨୦ବର୍ଷର ଅଭିଜ୍ଞତା ଥିବା ଶିକ୍ଷକମାନଙ୍କୁ ଏନୁମେରେଟର ଭାବରେ ନିଯୁକ୍ତି ମିଳିଛି।

ଏ ବାବଦରେ ମୟୂରଭଞ୍ଜ ଓଷ୍ଟା ପକ୍ଷରୁ ସଭାପତି ଚିତ୍ତରଞ୍ଜନ ପଲତା ଓ ବ୍ଲକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ ଆଲୋଚନା କରିଥିଲେ। ବରିଷ୍ଠ ମାନେ କୌଣସି ପରିସ୍ଥିତିରେ କନିଷ୍ଠ ମାନଙ୍କ ଅଧୀନରେ କାମ କରିବା ଶୋଭନୀୟ ନୁହଁ ବୋଲି ସେ ଅନୁଭବ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏ ବାବଦରେ ବିହିତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତି ଶ୍ରୁତି ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀ ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଅଛି।

# ଦଣ୍ଡଯାତ୍ରା ପାଇଁ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର

ବୁଗୁଡ଼ା, (ସବ୍ୟୁ) : ସଂପ୍ରତି ଦଣ୍ଡଯାତ୍ରା ଯୋଗୁଁ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ସହ ଚଳଚଞ୍ଚଳ ହୋଇଉଠିଛି । ବୁଗୁଡାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳରେ ମଧ୍ୟ କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନର ସୁଦୃଶ୍ୟ ସାଙ୍ଗକୁ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥିସହ ରାତ୍ରକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି । ଅନ୍ୟପକ୍ଷରେ ଦଣ୍ଡଯାତ୍ରା କାଳରେ ବାନା, ବାଡି, ବେତ, ପିଞ୍ଛମୁଠା, ଫୁଲମାଳ, ନବାତ ଓ ଫଳ ଆଦି ପୂଜା ସାମଗ୍ରୀ କ୍ରୟ ସକାଶେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ବିଭିନ୍ନ ଦୋକାନରେ ଦେଖିବାକୁ ମିଳୁଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ଛବି ପ୍ରତିଫଳିତ ହେଉଥିବା ଦେଖିବାକୁ ମିଳୁଛି ।

# ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଠାକୁରଗଡ଼ , (ସବ୍ୟୁ) ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଂଚଳର ବିକାଶ ପାଇଁ ମଙ୍ଗଳବାର ଦିନ ବଇଣ୍ଡା ନିକଟରେ ବଇଣ୍ଡା ଗ୍ରାମବାସୀମାନେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହଙ୍କ ନେତୃତ୍ୱରେ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଗ୍ରାମବାସି ତାଙ୍କ ଦାବପତ୍ରରେ ଉଲେଖ କରିଛନ୍ତି ଜେ ବଇଣ୍ଡା ଅଂଚଳରେ ଅନେକ ସମସ୍ୟା ଲାଗି ରହିଛି । ବିଶେଷ କରି ବଇଣ୍ଡା ରେଳଷ୍ଟେସନରେ କରୋନା ପୂର୍ବରୁ ରାଜ୍ୟ ବାହାରକୁ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ ଗୁଡିକ ରହୁଥିବା ବେଳେ ବର୍ତ୍ତମାନ ରହୁ ନାହିଁ । ସମସ୍ତ ଏକ୍ସପ୍ରେସ ଟ୍ରେନ ଗୁଡିକ ରହିବା ସହ ବଇଣ୍ଡାର ସମସ୍ତ ବିକାଶ ମୂଳକ କାର୍ଯ୍ୟ ଗୁଡିକ ଶୀଘ୍ର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ନୂତନ ଭାବରେ ନିର୍ମାଣହୋଇ ଥିବା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟକୁ ଉଦଘାଟନ ପାଇଁ ନିମନ୍ତ୍ରଣ କରିବା ସହ ବଇଣ୍ଡା ହାଇସ୍କୁଲ ର କିପରି ବିକାଶ ହେବ ସେ ନେଇ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ସମସ୍ତ ଦାବିଗୁଡିକ ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଗ୍ରାମର ସମ୍ପାଦକ ଲକ୍ଷ୍ମୀ ଧର ବେହେରା, ସହ ସମ୍ପାଦକ ପରୀକ୍ଷିତ ସାହୁ, କୋଷାଧକ୍ଷ ବିନୀତ ସାହା, ମାନସ ସାହୁ, ଜନ୍ମେଶ୍ୱର ସାହୁ, ସନାତନ ପ୍ରଧାନ, ଅମୀୟ ମିଶ୍ର, ବିକ୍ରମ ସାହୁ ଙ୍କ ସମେତ ବହୁ ଅଂଚଳ ବାସି ଉପସ୍ଥିତ ଥିଲେ ।

## ଓପି ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥିରେ ଏକାଧିକ କଲ୍ୟାଣକାରୀ କାର୍ଯ୍ୟକ୍ରମ

# ରକ୍ତଦାନ ଶିବିରରେ ୩୮୦ ୟୁନିଟ ସଂଗ୍ରହ




ଅନୁଗୁଳ,(ସବ୍ୟୁ ): ଓ.ପି ଜିନ୍ଦଲ ଗ୍ରୁପର ଦୂରଦର୍ଶୀ ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲଙ୍କ ୨୧ ତମ ପୁଣ୍ୟତିଥି ଅନୁଗୁଳ ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଓ.ପି ଜିନ୍ଦଲଙ୍କ ପରୋପକାରୀ ଦୃଷ୍ଟିକୋଣ ଓ ମୂଲ୍ୟବୋଧରୁ ପ୍ରେରଣା ନେଇ ଜିନ୍ଦଲ ଷ୍ଟିଲର ସାମଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଥିଲା । ବ୍ଲଡ ବ୍ୟାଙ୍କ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚଏଚ)ର ସହାୟତାରେ ଅନୁଷ୍ଠିତ ହୋଇଥିବା ଏହି ରକ୍ତଦାନ ଶିବିରରେ କର୍ମଚାରୀ, କର୍ମବୀର, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ସଂପ୍ରଦାୟର ସମସ୍ୟମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ସାମୂହିକ ଉଦ୍ୟମ ଫଳରେ ୩୮୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ ଜୋନ) ଦାମୋଦର ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଦୂରଦର୍ଶୀ ପ୍ରତିଷ୍ଠାତା ଶ୍ରୀ ଓ.ପି. ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ରକ୍ତଦାନ ଶିବିରକୁ ଉଦଘାଟନ କରି ପି.କେ ବିଜୁ ନାୟାର କହିଥିଲେ, ମୁଁ ସମସ୍ତ ରକ୍ତଦାତାଙ୍କ ପ୍ରତି କୃତଜ୍ଞ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ଏହି ଉଦ୍ୟମରେ ସାମିଲ ହୋଇ ବାଉଜୀଙ୍କ ୨୧ତମ ପୁଣ୍ୟତିଥି ଅବସରରେ ମାନବସେବାରେ ନିଜ ନିଜ ଯୋଗଦାନ ଦେଇଛନ୍ତି । ଯଦିଓ ପ୍ରତ୍ୟକ୍ଷ ଭାବରେ ବାଉଜୀ ଆମ ପାଖରେ ନାହାଁନ୍ତି ତଥାପି ସମାଜ ପ୍ରତି ତାଙ୍କ ସମର୍ପଣ ଆମକୁ ସବୁବେଳେ ପ୍ରେରଣା ଓ ମାର୍ଗଦର୍ଶନ କରି ଆସୁଛି। ରକ୍ତଦାନ କରି ଦାମୋଦର ମିତ୍ତଲ କହିଥିଲେ, କିଛି ଲୋକ ଆମକୁ କେବେବି ସତରେ ଛାଡି ଯାଆନ୍ତି ନାହିଁ ସେମାନେ ତାଙ୍କ ମହାନ ଚିନ୍ତାଧାରା ଏବଂ ମୂଲ୍ୟବୋଧ ସହିତ ବଞ୍ଚି ରହିଥାନ୍ତ ଏବଂ ବାଉଜୀ ଜଣେ ଏପରି ବ୍ୟକ୍ତିତ୍ୱ ଯିଏ ଏବେ ବି ଆମର କର୍ମଚାରୀଙ୍କ ହୃଦୟ ଏବଂ ମନରେ ବଞ୍ଚି ରହନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ଜିନ୍ଦଲ ଷ୍ଟିଲ, ଜିଲ୍ଲା ଏବଂ ରାଜ୍ୟର ଅସହାୟ ଲୋକଙ୍କୁ ୧୦,୦୦୦ ୟୁନିଟରୁ ଅଧିକ ରକ୍ତ ପ୍ରଦାନ ସାରିଛି । ବର୍ତ୍ତମାନ ସୁଦ୍ଧା ୧୫ ଥର ରକ୍ତଦାନ କରି ମୁଁ ଗର୍ବିତ ଅନୁଭବ କରୁଛି।ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନ ଅନୁଗୁଳର ଅବହେଳିତ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କ ସେବା କରୁଥିବା ଆଶ୍ରୟସ୍ଥଳି, ଅନୁଷ୍ଠାନ ଏବଂ ଗୋଶାଳା ସମେତ ବିଭିନ୍ନ ସାମାଜିକ ସଂଗଠନକୁ ମଧ୍ୟ ସହାୟତା ପ୍ରଦାନ କରିଥିଲା । ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ମଧ୍ୟ ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେବଭୂମି ମନ୍ଦିର ଏବଂ ଜିନ୍ଦଲ ନଗର ଟାଉନସିପରେ ମଧ୍ୟ ଅଖଣ୍ଡ ରାମାୟଣ ପାଠ, ପୂଜା ଏବଂ ହୋମଯଜ୍ଞ ସମେତ ଧାର୍ମିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ନିଷ୍ଠା ଓ ଦୃଢ଼ଇଚ୍ଛାଶକ୍ତି ବଳରେ ଶ୍ରୀ ଓ.ପି. ଜିନ୍ଦଲ, ଜଣେ ସାଧାରଣ କୃଷକ ପରିବାରରୁ ଆସି ବ୍ୟବସାୟ ଏବଂ ସମାଜ ସେବା ଉଭୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ।

ଆତ୍ମନିର୍ଭରଶୀଳ ଭାରତର ଦୂରଦୃଷ୍ଟି ଲକ୍ଷ୍ୟ ନେଇ ସେ ଓ.ପି. ଜିନ୍ଦଲ ଗ୍ରୁପ ପ୍ରତିଷ୍ଠା କରିଥିଲେ, ଯାହା ଭାରତର ଏକ ପ୍ରମୁଖ ଶିଳ୍ପ ଗୋଷ୍ଠୀରେ ପରିଣତ ହୋଇଛି । ଭାରତୀୟ ଇସ୍ପାତ ଶିଳ୍ପରେ ତାଙ୍କର ଅସାଧାରଣ ଅବଦାନ ପାଇଁ ତାଙ୍କୁ ବେଙ୍ଗଲ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରତିଷ୍ଠିତ ଜୀବନବ୍ୟାପୀ ସାଧନା ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା । ହରିୟାଣା ବିଧାନସଭାର ସଦସ୍ୟ, ସଂସଦ ସଦସ୍ୟ ଏବଂ ହରିୟାଣା ସରକାରଙ୍କ ଶକ୍ତି ମନ୍ତ୍ରୀ ଭାବରେ ତାଙ୍କ ସାର୍ବଜନୀନ ଜୀବନ ବେଶ ସଫଳ ଥିଲା ।

# ପାଲଲହଡା ମହୋତ୍ସବ ୨୦୨୬ ଉଦ୍‌ଯାପିତ

## ବଲିଉଡ ଗାୟକ ଦେବ ନେଗୀଙ୍କ ଗୀତରେ ଝୁମିଲେ ଦର୍ଶକ

ପାଲଲହଡା, (ସବ୍ୟୁ ): ପାଲଲହଡା ଷ୍ଟାଡିଅମଠାରେ ଗତ ଶନିବାରଠାରୁ ତିନିଦିନ ଧରି ଚାଲିଥିବା ପାଲଲହଡା କଳା ସଂସ୍କୃତି ଐତିହ୍ୟର କଳା ନୈପୁଣ୍ୟର ମାଧ୍ୟମ ସାଜିଥିବା ପାଲଲହଡା ମହୋତ୍ସବ ୨୦୨୬ ସୋମବାର ଥିଲା ତୃତୀୟ ତଥା ଶେଷ ସନ୍ଧ୍ୟା । ଶେଷ ସନ୍ଧ୍ୟାରେ ଆୟୋଜକ କମିଟିର ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନି ଡ଼କ୍ଟର ମୃଦୁଳା ଠାକୁର ପ୍ରଧାନ, ମୁଖ୍ୟବକ୍ତା ରୂପେ ରାଘନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, କମିଟିର ଆବାହକ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ,ସମ୍ମାନିତ ଅତିଥି ରୂପେ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାଶ ଚନ୍ଦ୍ର ସେଠି,ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୁଶ୍ରୀ ବିଦୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ମାନଚିତ୍ରରେ ପାଲଲହଡା ବିକାଶକୁ ତ୍ୱରାନ୍ୱିତ କରିବାର ସଂକଳ୍ପ ନେଇଥିଲେ । ଉଦଯାପନୀ ଉତ୍ସବରେ ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର ସ୍ୱାଗତ ଭାଷଣ ମାଧ୍ୟମରେ ସ୍ଥାନୀୟ କଳା ସଂସ୍କୃତି ଏଇତିହ୍ୟର ଝଲକ ସାଜିଥିବା ପାଲଲହଡା ମହୋତ୍ସବର ମୁଖ୍ୟ ଉଦେଶ୍ୟ ସମ୍ପର୍କରେ ଅବତାରଣା କରିଥିଲାବେଳେ କମିଟିର ଆବାହକ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ଓ କଳାର ସହର ହେଉଛି ପାଲଲହଡା ଏବଂ ଆମ ପରିଚୟ ଆମ ପାଲଲହଡା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମହୋତ୍ସବ କେବଳ ସଙ୍ଗୀତ ନୁହେଁ ଏହା ଏକ ମୂର୍ଚ୍ଛନା । ପାଲଲହଡାକୁ ବିକାଶର ଶୀର୍ଷରେ ପହଂଚାଇବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବା ଦରକାର ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ପାଲଲହଡ଼ା ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହ ପାଲଲହଡାର ଉନ୍ନତି ପାଇଁ ବହୁତ ଯୋଜନା କରାଯାଉଛି ବୋଲି କହିଥିଲେ । ବଲିଉଡ ସିଂଗିଂ ଷ୍ଟାର ଦେବ ନେଗୀ ଏବଂ ତାଙ୍କ ଦଳଙ୍କ ମେଲୋଡି, କମେଡିଆନ ପ୍ରଜ୍ଞା ଓ ଶଙ୍କରଙ୍କ ଯାଦୁକରୀ କମେଡି ସାଙ୍ଗକୁ ବାରିପଦା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ଛଉନୃତ୍ୟ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା । ଗତକାଲିର ଏହି ଶେଷ ସନ୍ଧ୍ୟାରେ ବଲିଉଡ ଗାୟକଙ୍କ ଗୀତ ଶୁଣିବାକୁ ଆଖପାଖ ଅଞ୍ଚଳର ପ୍ରାୟ କୋଡିଏ ହଜାର ଦର୍ଶକଙ୍କ ସାମଗମ ପରିଲକ୍ଷିତ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଲଲହଡା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

# ପିଜିସିଆଇଏଲ ରେଙ୍ଗାଳି ଠିକା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ରେଙ୍ଗାଳି, (ସବ୍ୟୁ ): କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ପାଓ୍ବାରଗ୍ରୀଡ ସବଷ୍ଟେସନରେ ଛଟେଇ ୬ଜଣ ଠିକା ଶ୍ରମିକଙ୍କୁ ପୁନଃନିଯୁକ୍ତି, ସମସ୍ତ ଠିକା ଶ୍ରମିକଙ୍କୁ ଇଏସଆଇ କାର୍ଡ ପ୍ରଦାନ, ମାସର ସମସ୍ତ କାର୍ଯ୍ୟ ଦିବସରେ କାମ ଦେବା ଦାବୀରେ ଠିକା ଶ୍ରମିକମାନେ ଗତ ୨୬ ମାର୍ଚ୍ଚ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଆସୁଥିଲେ । ଏହି ଆନ୍ଦୋଳନକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ମଧ୍ୟ ସମର୍ଥନ କରିଥିଲେ । ଉପରୋକ୍ତ ଦାବି ସଂପର୍କରେ ପିଜିସିଆଇଏଲ କର୍ତ୍ତୃପକ୍ଷ ଓ ଶ୍ରମିକ ପ୍ରତିନିଧିଙ୍କ ଦୀର୍ଘ ଆଲୋଚନା ପରେ ଆନ୍ଦୋଳନକୁ ୮ ଏପ୍ରିଲ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଯଦି ୮ ଏପ୍ରିଲରେ ଆଲୋଚନା ବିଫଳ ହୁଏ,ତେବେ ପୁନର୍ବାର ୯ ଏପ୍ରିଲ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କୈଳାସ ମାଝି, ବଂଶୀଧର ସାହୁ, ବିନୋଦ ନାଏକ, ଗୌତମ ସେଠୀ, ବିଦ୍ୟାଧର ସାମଲ ପ୍ରମୁଖ ଶ୍ରମିକ ପ୍ରତିନିଧି ମାନେ ଲିଖିତ ଭାବେ ପାଓ୍ବାର ଗ୍ରୀଡ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନଙ୍କୁ ଜଣାଇଛନ୍ତି ।

# ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ପରଜଙ୍ଗ,(ସବ୍ୟୁ ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ୫୩ ନମ୍ବର ଜାତୀୟ ରାଜପଥ ସରାଙ୍ଗ ନିକଟରେ ଏକ କୁକୁର ସହ ମୋଟର ସାଇକେଲ ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ମୁକ୍ତାପଶି ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପୁଅ ପବିତ୍ର ବେହେରା (୩୦) ଏବଂ କହ୍ନେଇ ବଜାର ମୁଣ୍ଡାସାହି ଜୟପୁରୁ କାଟେଣୀ ଗ୍ରାମର ଘନଶ୍ୟାମ କୁଲଡିଙ୍କ ପୁଅ ଗାନ୍ଧୀ କୁଲଡି(୪୦) ତାଙ୍କର ମୋଟର ସାଇକେଲ ଯୋଗେ ମୁକ୍ତାପଶି ଗ୍ରାମରୁ ତାଳଚେରକୁ କୌଣସି କାମରେ ଯାଉଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥ ଦୁର୍ଗା ହୋଟେଲ ସମ୍ମୁଖରେ ଏକ ବୁଲା କୁକୁର ରାସ୍ତା ଉପରକୁ ଧାଇଁ ଆସିବାରୁ ମୋଟର ସାଇକେଲ କୁକୁର ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ କୁକୁରଟି ମୃତ୍ୟୁ ବରଣ କରିଥିବା ବେଳେ ମୋଟର ସାଇକେଲ ପଛରେ ବସିଥିବା ଗାନ୍ଧୀ କୁଲଡି (୪୦ )ଙ୍କର ମୃତ୍ୟୁ ହୋଇଥିଲା । ମୋଟର ସାଇକେଲ ଚାଳକ ପବିତ୍ର ବେହେରା ଗୁରୁତର ଆହତ ହୋଇ ତାଙ୍କ ଗୋଡ଼ ଭାଙ୍ଗି ଯାଇ ରକ୍ତାକ୍ତ ହୋଇଥିଲେ । ଖବର ପାଇ ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ସଦଳେବଳେ ଘଟଣା ସ୍ଥଳରେ ପହଞ୍ଚି କ୍ଷତାକ୍ତ ପବିତ୍ର ବେହେରାଙ୍କୁ ଚିକିତ୍ସା ପାଇଁ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ପଠାଇବା ସଙ୍ଗେ ସଙ୍ଗେ ଶବକୁ ଜବତ କରି ବ୍ୟ ବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ଏ ସମ୍ବନ୍ଧରେ ସରାଙ୍ଗ ଫାଣ୍ଡି ଏକ ମାମଲା ରୁଜ୍ ହୋଇଥିବା ଜଣା ପଡିଅଛି ।

# ପାଇଖାନା ଟାଙ୍କିରେ ଗଳିପଡିଲେ ଗଜରାଜ



ଢେଙ୍କାନାଳ, (ସବ୍ୟୁ ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ଚାଇଁପୁର ଗ୍ରାମରେ ପାଇଖାନା ଟାଙ୍କିରେ ଏକ ହାତୀ ଖସିପଡିଥିଲା । ଫଳରେ ବନବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ହାତୀକୁ ଉଦ୍ଧାର କରିଥିବାର ଜଣାପଡିଛି । ଚାଇଁପୁର ଗ୍ରାମ ନିକଟରେ ଗତ କିଛି ଦିନ ହେବ ବଣୁଆ ହାତୀ ମାନେ ନିକଟସ୍ଥ ଜଙ୍ଗଲରୁ ବାହାରି ମଣିଦେବୀ ଉଚ୍ଚ ବିଦ୍ୟାଳୟ ନିକଟରେ ଯାତାୟତ କରୁଛନ୍ତି ।

ସୋମବାର ରାତିରେଏକ ହାତୀ ମଣିଦେବୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସାହିରେ ଚଳପ୍ରଚଳ କରୁଥିବା ବେଳେ ପାଇଖାନା ଟାଙ୍କି ଉପର ଦେଇ ଯାଉଥିବା ବେଳେ ହଠାତ୍ ଟାଙ୍କିର ଛାତ ଭାଙ୍ଗିଯିବା ଯୋଗୁ ହାତୀ ଟି ଟାଙ୍କି ଭିତରେ ଗଳିପଡିଥିଲା । ଫଳରେ ହାତୀଟି ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଏହା ଦେଖି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ଗଦାଶିଳା ବନବିଭାଗର କର୍ମଚାରୀମାନେ ରାତି ୩ଟା ସମୟରେ ସେଠାରେ ପହଞ୍ଚି ଜେସିବି ସାହାଯ୍ୟରେ ଉଦ୍ଧାର କରିଥିଲେ । ହାତୀ ଟିର ଆନୁମାନିକ ବୟସ ୮ରୁ ୧୦ ବର୍ଷ ହେବ ବୋଲି ବନବିଭାଗ ତରଫରୁ ଜଣାପଡିଛି । ବନବିଭାଗର ତତ୍ପରତା ଯୋଗୁ ହାତୀଟି ସଙ୍ଗେ ସଙ୍ଗେ ଉଦ୍ଧାର ପାଇ ବନକୁ ଚାଲିଯାଇଥିଲା ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ହଜାର ହଜାର ମହିଳାଙ୍କ କଳସ ଯାତ୍ରା



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଭାପୁର ବଜାର ଭବ୍ୟ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ଓ ଚତୁର୍ଦ୍ଧା ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ସ୍ଥାନୀୟ ରାମଲିଙ୍ଗେଶ୍ୱର ପୋଖରୀରୁ ହଜାର ହଜାର ମହିଳା ଭକ୍ତ କଳସ ଧରି ସହର ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ । କଳସ ସ୍ଥାପନ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ଜଗତ ମଙ୍ଗଳ କାମନା କରିଥିଲେ।

ମଙ୍ଗଳବାର ଠାରୁ ବୈଶାଖ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ତଥା ଏପ୍ରିଲ ୩ ତାରିଖ ଶୁକ୍ରବାର ଚାରିଦିନ ଧରି ଅନୁଷ୍ଠିତ ହେବ । ବ୍ରହ୍ମପୁର ମହାନଗର ସ୍ଥିତ ଭାପୁର ବଜାର ଠାରେ ନୂତନ ଭାବେ ନିର୍ମିତ ଶ୍ରୀଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁ ବିଗ୍ରହ ସହିତ ବୈଷ୍ଣବ ପ୍ରାସାଦ ପ୍ରତିଷ୍ଠା ମହା ସମାରୋହରେ ଅନୁଷ୍ଠିତ ହେବ ।

ଏହି ଅବସରରେ ସମସ୍ତ ଭକ୍ତବୃନ୍ଦ ଉକ୍ତ ପ୍ରତିଷ୍ଠା ସମାରୋହରେ ବହୁ ମାତ୍ରାରେ ଯୋଗଦେଇ କାୟ, ମନ, ବାକ୍ୟ ଓ ଅର୍ଥ ସାହାର୍ଯ୍ୟ କରି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ କୃପାଶୀର୍ବାଦ ଲାଭ କରିବା ହେବେ । ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ହେବ ।

ମଙ୍ଗଳବାର ଜଳଯାତ୍ରା, ମଣ୍ଡଳାଧିବାସ ଓ ଅଙ୍କୁରାରୋପଣ, ବୁଧବାର ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣ ବରଣ, ଶାଳା ସଂସ୍କାର, ମଣ୍ଡଳପୂଜା, ବୈଷ୍ଣବାଗ୍ନି ସ୍ଥାପନ ଓ ନାମଯଜ୍ଞାବାସ, ଗୁରୁବାର ଦେବତା ଅବାସ, ମହାସ୍ନାନ, ମଣ୍ଡଳପୂଜା, ଘୃତଯଜ୍ଞ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ, ନାମଯଜ୍ଞାରମ୍ଭ ଓ ଜୀବନ୍ୟାସ, ଶୁକ୍ରବାର ପାଶ୍ୱର୍, ଦ୍ୱାର, ଚକ୍ର ଓ ଧ୍ୱଜ ସ୍ଥାପନ, ଦେବତା ରନି ସିଂହାସନ ଆରୋହଣ, ଯଜମାନ ପ୍ରତିଷ୍ଠା ମହାଧ୍ୱଜ ଭ୍ରମଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି ଭାପୁର ବଜାର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ଲଜ୍ଜା : ପ୍ରେମିକାକୁ ନିଶା ଦେଇ ଗଣ ବଳାତ୍କାର ମାମଲା, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପୁଣିଥରେ ଗଞ୍ଜାମରେ ଲଜ୍ଜା । ପ୍ରେମିକକାକୁ ନିଶା ଦେଇ ନାବାଳିକା ଗଣ ବଳାତ୍କାର ମାମଲାରେ ଗୋଷାଣୀନୂଆଗାଁ ପୋଲିସ ଦୁଇଜଣ ଅଭିଯୁକ୍ତକୁ ମାମଲା ନଂ ୧୧୧/୨୬ରେ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଡିପ ସାହିର ଅର୍ଜ୍ଜୁନ ନାୟକ ୨୨ ଓ ଆଦିତ୍ୟ ନାୟକ ୧୯ । ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଜଣେ ନାବାଳକ ତଥା ପୀଡ଼ିତାଙ୍କ ନାବାଳକ ପ୍ରେମିକ ଙ୍କୁ ପୋଲିସ ଧରିଛି । ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ଜେଜେବିରେ ହାଜର କରାଯାଇଛି । ଏପରିକି ପୀଡ଼ିତାଙ୍କ ସାବତ ବାପାଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍.ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜଣେ ଡିଏସପି ଏବେ ଘଟଣାର ତଦନ୍ତ କରୁଛନ୍ତି । ଘଟଣାରୁ ପ୍ରକାଶ ଯେ, ନାବାଳିକା ଜଣଙ୍କ ଘର ଆନ୍ଧ୍ରପ୍ରଦେଶରେ । ଉକ୍ତ ନାବାଳିକାଙ୍କ ନିଜ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ଦ୍ୱିତୀୟ ବାପାଙ୍କ ପାଖରେ ରହୁଥିଲା । ଏହି ସମୟରେ ଦ୍ୱିତୀୟ ବାପା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବାରୁ ନାବାଳିକା ଜଣଙ୍କ ଗତ ୨୪ତାରିଖରେ ପ୍ରଶାନ୍ତି ଏକ୍ସପ୍ରେସ୍ ଯୋଗେ ବ୍ରହ୍ମପୁର ଆଡ଼କୁ ଆସି ବ୍ରହ୍ମପୁରରେ ଓହ୍ଲାଇଥିଲା । ସେଠାରେ ୪ନମ୍ବର ପ୍ଲାଟଫର୍ମରେ ବୁଲାବୁଲି ପରେ ନିକଟସ୍ଥ ଏକ ଚା ଦୋକାନରେ କାମ କରୁଥିଲା ।

ଏହି ୪ ଦିନ ମଧ୍ୟରେ ସେଠାକାର ଜଣେ ନାବାଳକଙ୍କ ସହ ପ୍ରେମ ହୋଇଥିଲା । ଗତ ୨୯ତାରିଖ ରାତିରେ ନାବାଳିକାଙ୍କୁ ଉକ୍ତ ନାବାଳକ ପ୍ରେମିକ ଡାକି ନେଇ ତାଙ୍କ ସାଙ୍ଗ ସହ ମିଶି କଥାବାର୍ତା ହେବାକୁ ଡାକିଥିଲା । ସେହି ସ୍ଥାନକୁ ଯିବା ପରେ ନାବାଳକ ପ୍ରେମିକ ଜଣଙ୍କ ଶୋଇ ପଡ଼ିଥିଲା । କିଛି ନିଶା ମିଶାଇ ଦେବାରୁ ପ୍ରେମିକ ଜଣକ ଶୋଇପଡ଼ିଥିବା ପୋଲିସ ସନ୍ଦେହ କରୁଛି । ଏଭଳିକି ନାବାଳିକା ଜଣଙ୍କ ମଧ୍ୟ ଅଚେତ ହୋଇଯିବାରୁ ଉକ୍ତ ଦୁଇ ଜଣ ଯୁବକ ସାଙ୍ଗ ତାଙ୍କୁ ସେଠାରେ ବଳାତ୍କାର କରିଥିଲେ । ସେ ସେହି ଅଂଚଳରେ ପଡ଼ି ରହିଥିବା ଦେଖି ସ୍ଥାନୀୟ ଲୋକ ଥାନାରେ ଜଣାଇବାରୁ ପୋଲିସ ଆସି ନାବାଳିକାଙ୍କୁ ପଚରା ଉଚରା କରିଥିଲା । ପୋଲିସ ପୀଡ଼ିତାଙ୍କ ବୟାନ ଆଧାରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପରେ ପୀଡ଼ିତାଙ୍କ ନାବାଳକ ପ୍ରେମିକ ସହ ଦୁଇଜଣ ଯୁବକଙ୍କୁ କାବୁ କରିଥିଲା ବୋଲି କହିଛି ।

ପ୍ରକାଶ ଥାଉକି ଉକ୍ତ ପୋଲିସ ଜିଲ୍ଲାରେ ଗତବର୍ଷ ତିନି ତିନୋଟି ଗଣ ବଳାତ୍କାର ଘଟଣା ରାଜ୍ୟ ତଥା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପୁଣିଥରେ ଚଳିତବର୍ଷ ଆନ୍ଧ୍ରପ୍ରଦେଶର ଜନୈକା ନାବାଳିକା ବ୍ରହ୍ମପୁର ଆସିଥିବା ବେଳେ ତାଙ୍କୁ ଗଣ ବଳାତ୍କାର କରାଯାଇଥିଲା ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୭୨)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ! ନୈନାଂ ପ୍ରାପ୍ୟ ବିମୁହ୍ୟତି ।**
**ସ୍ଥିତ୍ୱାସ୍ୟାମନ୍ତକାଳେପି ବ୍ରହ୍ମନିର୍ବାଣମୃଚ୍ଛତି ॥ ୭୨ ॥**

ହେ ପାର୍ଥ– ବ୍ରହ୍ମଜ୍ୟାନନିଷ୍ଠା ଏହି ପ୍ରକାର, ଏହାକୁ ପାଇ କେହ ପ୍ରାଣୀ କେବେହେଁ ସଂସାରମୋହକୁ ପାଏ ନାହିଁ, କାହିଁକିନା ଅନ୍ତକାଳରେ ମଧ୍ୟ ଏଥିରେ କ୍ଷଣମାତ୍ର ରହିପାରିଲେ ବ୍ରହ୍ମରେ ଲୟପ୍ରାପ୍ତ ହେବାକୁ ହୁଏ ।।୭୨।।

# ଆଉ ଦଶ ବର୍ଷ ପରେ...

ଆଉ ଦଶ ବର୍ଷ ପରେ, ଠିକ୍ ଦଶ ବର୍ଷ ପରେ ଏହି ଏପ୍ରିଲ ପହିଲାରେ ଯେତେବେଳେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରୁଥିବ, ଆମ ମଧ୍ୟରୁ ଅନେକ ହୁଏ ତ ସେତେବେଳେକୁ ନଥିବେ । ଭାରତରେ ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଭାବେ ଗଠିତ ହୋଇଥିଲା ଏହି ଓଡ଼ିଶା, ନବେ ବର୍ଷ ତଳେ– ୧୯୩୬ ଏପ୍ରିଲ ପହିଲାରେ । ସେତେବେଳକୁ ବି ଉତ୍କଳ ବା ଓଡ଼ିଶା ରାଜ୍ୟ ଗଠନର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଆଉ ଜଣେ ସେମାନଙ୍କ ସହଯୋଗୀ ଚୌଧୁରୀ ଭାଗବତପ୍ରସାଦ ସାମନ୍ତରାୟ ମହାପାତ୍ର ଆଖି ବୁଜି ଦେଇଥିଲେ । ଯେଉଁମାନେ ଓଡ଼ିଆ ହୋଇଥିବା ସତ୍ତ୍ୱେ ବିଚ୍ଛିନ୍ନାଞ୍ଚଳରେ ରହିଗଲେ, ସେମାନଙ୍କୁ କେହି ଧ୍ୟାନ ଦେଇ ନାହାନ୍ତି ବେଶୀ–ଏହି ନବେ ବର୍ଷ ମଧ୍ୟରେ । ବିଚ୍ଛିନ୍ନାଞ୍ଚଳରେ ଥାଇ ମଧ୍ୟ ସେମାନେ ନିଜ ଓଡ଼ିଆ ପରମ୍ପରା ଓ ଭାଷା ପ୍ରଭୃତିକୁ ବଞ୍ଚାଇ ରଖିବାକୁ ଚାହିଁଥିଲେ,ଏବେ ଚାହୁଁଛନ୍ତି ମଧ୍ୟ । ମାତ୍ର ସେମାନଙ୍କୁ ପଚାରେ ବା କିଏ ? ଅନେକ ମରି ହଜି ଗଲେଣି ସେମାନଙ୍କ ମଧ୍ୟରୁ– ସେ ହିସାବ ରଖୁଛି କିଏ ?

ଏବେ ବି ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ଶିକ୍ଷକମାନଙ୍କ ପାଖକୁ ରାଜ୍ୟ ସରକାର ସିଧାସଳଖ ଅର୍ଥ ପଠାଉଛନ୍ତି, ମାତ୍ର ସେହି ଅର୍ଥକୁ ମଧ୍ୟ ଅନେକ କୌଶଳକ୍ରମେ ବାଟମାରଣା କରୁଥିବା ଅଭିଯୋଗ ହେଉଛି ।

ଯେଉଁ ଓଡ଼ିଶାକୁ ଭାଷା ଭିତ୍ତିରେ ଭାରତର ପ୍ରଥମ ରାଜ୍ୟ ଭାବେ ଗଠନ କରାଯାଇଥିଲା, ସେ ରାଜ୍ୟର ଅନେକ ଅଞ୍ଚଳ ରହିଗଲା ବିଚ୍ଛିନ୍ନାଞ୍ଚଳରେ । ଦୃଷ୍ଟାନ୍ତସ୍ୱରୂପ ଷଢଇକଳା ଓ ଖରସୁଆଁ ରହିଗଲା ଝାଡଖଣ୍ଡ ରାଜ୍ୟରେ । ତତ୍କାଳୀନ ବିହାରୀ ନେତାଙ୍କ ଚକ୍ରାନ୍ତ ଫଳରେ ଏହା ହୋଇଥିଲା । ଦକ୍ଷିଣ ପଶ୍ଚିମ ମେଦିନପୁର ଜିଲ୍ଲା ମଧ୍ୟ ଏପରି ଚକ୍ରାନ୍ତ ଫଳରେ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଯାଇଥିଲା ।

**'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଦେଶ ସାରା ଚାଲିଥିଲାବେଳେ ରାଜ୍ୟ ସରକାର 'ବନ୍ଦେ ଉତ୍କଳ ଜନନୀ'ର ୧୧୫ ବର୍ଷ ପାଳନ ପାଇଁ ବେଳହୁଁ ତତ୍ପରତା ପ୍ରକାଶ କରିବା ଉଚିତ । ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ନେଇ 'ବନ୍ଦେ ଉତ୍କଳ ଜନନୀ'ର ସମୂହ ଗାନ ପାଇଁ 'ଉତ୍କଳ ଦିବସ' ୨୦୨୬ରୁ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଏକ ଅଭିନବ ପ୍ରୟାସ ବୋଲି ମନେ ହୁଏ । ଓଡ଼ିଶା ବିକଶିତ ପଥରେ ଆଗକୁ ଆଗକୁ ବଢୁ । ଏତିକି କାମନା । ବନ୍ଦେ ଉତ୍କଳ ଜନନୀ ।**

ଏ ଲେଖକ ରାଜ୍ୟ ସରକାରଙ୍କ 'ଉତ୍କଳ ପ୍ରସଙ୍ଗ'ର ମୁଖ୍ୟ ସମ୍ପାଦକ ଦାୟିତ୍ୱରେ ଥିବା ବେଳେ ଯେଉଁ ପରାମର୍ଶ ଦେଇଥିଲା, ତାହା ଫଳରେ ଷଡେଇକଳା ଓ ଖରସୁଆଁ ଅଞ୍ଚଳକୁ ଓ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଅଞ୍ଚଳକୁ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର 'ରଥଯାତ୍ରା' ବିଶେଷାଙ୍କମାନ ସ୍ୱତନ୍ତ୍ର ଗାଡ଼ିରେ ବୁହା ହୋଇ ଯାଉଥିଲା– ମୁଖ୍ୟ ସମ୍ପାଦକ ଦାୟିତ୍ୱରୁ ମୁଁ ଅବ୍ୟାହତି ନେବା ପରେ । ଏଥିପାଇଁ କେହି ପ୍ରଶଂସା କରୁ ବା ନ କରୁ, ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଲୋକଙ୍କ ପାଇଁ ଭଲ କାମଟିଏ କରାଯାଇଥିଲା ବୋଲି ଆତ୍ମସନ୍ତୋଷ ଲାଭ କରିଥିଲି ।

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା ପାଇଁ ଯେଉଁ 'ଉତ୍କଳ ସମ୍ମିଳନୀ'ର ବଳିଷ୍ଠ ଭୂମିକା ରହିଥିଲା, ସେହି 'ଉତ୍କଳ ସମ୍ମିଳନୀ'ର ଦୁର୍ଦ୍ଦଶା କଥା ଏବେ ବିଚାର କଲେ ମନରେ କ୍ଷୋଭ ଆସେ । ଦୁଇ ବା ତତୋଧିକ ଗୋଷ୍ଠୀରେ 'ଉତ୍କଳ ସମ୍ମିଳନୀ' ବିଭକ୍ତ ହୋଇଛି ଏବେ । ଏ ନେଇ ବିଭିନ୍ନ ମାମଲା ମଧ୍ୟ ଅଦାଲତରେ । ଦୁର୍ନୀତିଖୋର ଯେଉଁ କର୍ମକର୍ତ୍ତାମାନଙ୍କ ବିରୋଧରେ ରାଜ୍ୟ ସରକାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତାହା ଶେଷ ହୋଇ ନାହିଁ । ଏହି ସମ୍ମିଳନୀକୁ ଆୟୁଧ କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗ ମଧ୍ୟ ହୋଇ ଆସିଛି ।

ଓଡ଼ିଶା ସରକାର ଏପ୍ରିଲ ପହିଲା 'ଉତ୍କଳ ଦିବସ' ବା 'ଓଡ଼ିଶା ଦିବସ'ରୁ ଓଡ଼ିଆ ନୂଆବର୍ଷ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଯେଉଁ 'ଓଡ଼ିଆ ପକ୍ଷ' ପାଳନ କରି ଆସୁଛନ୍ତି, ତାହା ନୂଆ କଥା । ଏହା ଓଡ଼ିଆ ଲୋକଙ୍କୁ ପ୍ରଭାବିତ କରିବ ନିଶ୍ଚୟ । ମାତ୍ର ଓଡ଼ିଶା ବାହାରେ ବିଚ୍ଛିନ୍ନାଞ୍ଚଳରେ ଯେଉଁମାନେ ମନ ଦୁଃଖରେ ଏ ସମୟରେ ରହିଥିବେ, ସେମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିଛି କରିବା ଉଚିତ । ଏବେ ବି ସେମାନେ ଓଡ଼ିଶା ସରକାରଙ୍କର ବା ଓଡ଼ିଆ ଲୋକଙ୍କର ସହାନୁଭୂତିକୁ ଅପେକ୍ଷା କରି ରହିଛନ୍ତି । ସେମାନେ ନିଜ ନିଜ ଢଙ୍ଗରେ 'ଉତ୍କଳ ଦିବସ' ପାଳନ କରି ଆସୁଛନ୍ତି । ଅବଶ୍ୟ ଓଡ଼ିଶା ବାହାରେ ଅନ୍ୟ କେତେକ ସଂସ୍ଥା ପ୍ରଚାରର ଉଦ୍ଦେଶ୍ୟ ରଖି ଏହି ଦିବସକୁ ପାଳନ କରୁଛନ୍ତି । ରାଜ୍ୟ ସରକାର ସେଥିପାଇଁ ସତର୍କ ଦୃଷ୍ଟି ରଖିବା ଉଚିତ ।

'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଦେଶ ସାରା ଚାଲିଥିଲାବେଳେ ରାଜ୍ୟ ସରକାର 'ବନ୍ଦେ ଉତ୍କଳ ଜନନୀ'ର ୧୧୫ ବର୍ଷ ପାଳନ ପାଇଁ ବେଳହୁଁ ତତ୍ପରତା ପ୍ରକାଶ କରିବା ଉଚିତ । ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ନେଇ 'ବନ୍ଦେ ଉତ୍କଳ ଜନନୀ'ର ସମୂହ ଗାନ ପାଇଁ 'ଉତ୍କଳ ଦିବସ' ୨୦୨୬ରୁ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଏକ ଅଭିନବ ପ୍ରୟାସ ବୋଲି ମନେ ହୁଏ । ଓଡ଼ିଶା ବିକଶିତ ପଥରେ ଆଗକୁ ଆଗକୁ ବଢୁ । ଏତିକି କାମନା । ବନ୍ଦେ ଉତ୍କଳ ଜନନୀ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଓଡ଼ିଶା ଦିବସର ଅନୁଚିନ୍ତା:

# ଆଗାମୀ ଦଶକ ସମୃଦ୍ଧ ଓଡ଼ିଶାର ବର୍ଷ ହେଉ



**ମୋହନ ଚରଣ ମାଝୀ**

ଆଜିର ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ବାର୍ଷିକ କ୍ୟାଲେଣ୍ଡରରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ । ନବେ ବର୍ଷ ତଳେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହୋଇଥିଲା, ଯାହା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଆଖପାଖ ପଡ଼ୋଶୀ ରାଜ୍ୟରେ ଖଣ୍ଡବିଖଣ୍ଡିତ ହୋଇ ମିଶି ରହିଥିବା ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ସମିଶ୍ରଣ କରି ୧୯୩୬ ମସିହା, ଏପ୍ରିଲ ୧ ତାରିଖରେ ଜନ୍ମ ନେଇଥିଲା ଆଜିର ଓଡ଼ିଶା । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସ୍ୱତନ୍ତ୍ର ଓଡ଼ିଶା ଜନ୍ମ ନେଇଥିଲା ବ୍ରିଟିଶ ଶାସନ କାଳରେ ଏବଂ ଏଥିପାଇଁ ଲକ୍ଷ ଲକ୍ଷ ଓଡ଼ିଆ ତ୍ୟାଗ ଓ ବଳିଦାନ ଦେଇ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନର ପୁରୋଧା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, କର୍ମବୀର ଗୌରୀ ଶଙ୍କର ରାୟ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଶାସକ ଶ୍ରୀରାମଚନ୍ଦ୍ର, ସ୍ୱଭାବକବି ଗଙ୍ଗାଧର ମେହେର, ମା' ରମାଦେବୀ, ମାଳତୀ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ପ୍ରାତଃ ସ୍ମରଣୀୟ ।

ଯଦିଓ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ'ର ଗଠନ ସହିତ ଆରମ୍ଭ ହୋଇଥିଲା । ବାସ୍ତବରେ ଏହି ଆନ୍ଦୋଳନ ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ, ଉତ୍କଳ ସମ୍ମିଳନୀ ଗଠନର ବହୁ ପୂର୍ବରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ର ପରିଚୟ ରକ୍ଷା କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଓ ବିକ୍ଷୋଭ ଦେଖା ଦେଇଥିଲା । ୧୮୦୩ ମସିହାରେ ଯେତେବେଳେ ବ୍ରିଟିଶ ସରକାର ଓଡ଼ିଶାକୁ ଶେଷ ଭାରତୀୟ ରାଜ୍ୟ ଭାବେ ଅଧିଗ୍ରହଣ କରିଥିଲେ, ଏହାର ବିଭିନ୍ନ ଅଞ୍ଚଳକୁ ଆଖପାଖ ପଡ଼ୋଶୀ ରାଜ୍ୟରେ ସମ୍ମିଶ୍ରଣ କରିଦେଇଥିଲେ ଯେପରିକି ଉତ୍ତର ଏବଂ ଉପକୂଳ ଓଡ଼ିଶାକୁ ବେଙ୍ଗଲ ପ୍ରେସିଡେନ୍ସି, ଦକ୍ଷିଣ ଓଡ଼ିଶାକୁ ମାଡ୍ରାସ ପ୍ରେସିଡେନ୍ସି ଏବଂ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ରୀୟ ପ୍ରୋଭିନ୍ସ ସହିତ । ଏହାଦ୍ୱାରା ଓଡ଼ିଶା କେବଳ ଭୌଗଳିକ ଦୃଷ୍ଟିକୋଣରୁ ଖଣ୍ଡବିଖଣ୍ଡିତ ହୋଇ ନ ଥିଲା, ଓଡ଼ିଶାର ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।

ଏହି ଭାବନା ଅମୂଳକ ନ ଥିଲା । ୧୮୯୫ ମସିହାର ଏକ ଅଧିସୂଚନା ଫଳରେ କେନ୍ଦ୍ରୀୟ ପ୍ରୋଭିନ୍ସରେ ହିନ୍ଦୀକୁ ସରକାରୀ ଅଫିସ, ବିଚାରାଳୟ ଏବଂ ସ୍କୁଲରେ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଥିଲା । ତେଣୁ, ଏହି ପ୍ରୋଭିନ୍ସରେ ସମ୍ମିଳିତ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାର ଅସ୍ତିତ୍ୱକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକଙ୍କ ମନରେ ଅସନ୍ତୋଷର ଦାନା ବାନ୍ଧିଥିଲା ଯାହା ପରବର୍ତ୍ତୀ ସମୟରେ ଆନ୍ଦୋଳନର ରୂପ ନେଇଥିଲା । ଏହି ନିଷ୍ପତ୍ତି ବିରୁଦ୍ଧରେ ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଧରଣୀଧର ମିଶ୍ର ଦୃଢଭାବେ ସ୍ୱର ଉତ୍ତୋଳନ କରିଥିଲେ । ସମ୍ବଲପୁର ଅଞ୍ଚଳରେ ମଧ୍ୟ ବ୍ରଜ ମୋହନ ପଟ୍ଟନାୟକ, ବଳଭଦ୍ର ସୁକର, ମହନ୍ତ ବିହାରୀ ଦାସ, ମଦନ ମୋହନ ଦାଶଙ୍କ ପରି ଅନେକ ଆନ୍ଦୋଳନକାରୀ ଏହାର ନେତୃତ୍ୱ ନେଇଥିଲେ । ଅନେକ ଝଡଝଞ୍ଜା ଓ ଆନ୍ଦୋଳନ ପରେ ୧୯୦୫ ମସିହାରେ ଆନ୍ଦୋଳନକାରୀଙ୍କ ଉଭୟ ଦାବି ଯଥା ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମିଶ୍ରଣ କରାଯାଇ ଏବଂ ଓଡ଼ିଆକୁ ସରକାରୀ ଭାଷା ଭାବେ ପୁନଃସ୍ଥାପନ କରାଯାଇଥିଲା । ଏହି ନିଷ୍ପତ୍ତିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସୋପାନ ଭାବେ ବିଚାର କରାଯାଇପାରେ ।

ଏହି ଆନ୍ଦୋଳନ ସହିତ ତାଳଦେଇ ଜନ୍ମଲାଭ କରିଥିଲା ଐତିହାସିକ 'ଉତ୍କଳ ସମ୍ମିଳନୀ' । ସେ ସମୟର ନେତୃମଣ୍ଡଳୀଙ୍କ ହୃଦବୋଧ ହୋଇଥିଲା ଯେ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ତିତ୍ୱ ବଞ୍ଚାଇବାକୁ କେବଳ ଗୋଟିଏ ମାତ୍ର ବାଟ ଥିଲା । ତାହା ହେଉଛି, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଗଠନ କରିବା । ଏହା ଏକ ଅଭୂତପୂର୍ବ ନିଷ୍ପତ୍ତି ଥିଲା, କାରଣ ସେ ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହେଉଥିଲା ଏବଂ ଭାଷା-ଭିତ୍ତିକ ରାଜ୍ୟ ଗଠନ ପାଇଁ କେହି କେବେ ଚିନ୍ତା କରି ନ ଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ, ରଣନୀତିରେ ବି ପରିବର୍ତ୍ତନ ହୋଇଥିଲା । କେବଳ ଦରଖାସ୍ତ, ପିଟିସନ ଲେଖା ମାଧ୍ୟମକୁ ଛାଡି, ସ୍ୱତନ୍ତ୍ର ଓଡ଼ିଶା ଗଠନର ଲକ୍ଷ୍ୟକୁ ତୃଣମୂଳ ସ୍ତରରେ ଘରେ ଘରେ ପହଞ୍ଚାଇବା ପାଇଁ ରଣକୌଶଳ ଆରମ୍ଭ ହୋଇଥିଲା । 'ଉତ୍କଳ ସମ୍ମିଳନୀ'ର ମୂଳ ଲକ୍ଷ୍ୟ ଥିଲା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ରକ୍ଷା କରି ଏହାର ବିକାଶ କରିବା, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଗୋଟିଏ ପ୍ରଶାସନିକ ଏକକ ଭାବେ ଗଠନ କରିବା ଏବଂ ନୂତନ ଭାବେ ଗଠିତ ରାଜ୍ୟର ବିକାଶ କରିବା ।

ଉତ୍କଳ ସମ୍ମିଳନୀ ଗଠନର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ସଂଗ୍ରାମ ଅନେକ ଉଚ୍ଚା ନିଚା ପଥ ଦେଇ ଅତିକ୍ରାନ୍ତ କରିଥିଲା । ଅନେକ ଘଟଣା ପ୍ରବାହ ବି ହୋଇଥିଲା ଯେପରିକି ୧୯୨୦ ମସିହାର ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ, ୧୯୩୦ ମସିହାର ଗୋଲ ଟେବୁଲ ବୈଠକରେ ପାରଳାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭାବବିହ୍ୱଳ ଅଭିଭାଷଣ, ୧୯୩୩ ମସିହାର ସୀମା ନିର୍ଦ୍ଧାରଣ ପାଇଁ ହବାକ କମିଶନ ଏବଂ ଶେଷରେ ଏହି ଆନ୍ଦୋଳନର ସୁଖଦ ପରିଣାମ ଥିଲା ଭାରତ ସରକାର ଅଧିନିୟମ, ୧୯୩୫ । ଏହି ଅଧିନୟମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ପରିଚୟ ନେଇ, ନୂତନ ଆଶା ଆକାଂକ୍ଷାର ସଞ୍ଚାର ନେଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଭାଷା-ଆଧାରିତ ରାଜ୍ୟ ଗଠନ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ ।

ମନେରଖିବାକୁ ହେବ, ଯେ ସ୍ୱତନ୍ତ୍ର ଓଡ଼ିଶା ଗଠନ କେବଳ ଏକ ଭୌଗଳିକ ପରିଚୟ ପାଇବା ପାଇଁ ସଂଗ୍ରାମ ନ ଥିଲା । ଏହା ଥିଲା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାର ସଂଗ୍ରାମ । ଯେତେବେଳେ ଓଡ଼ିଶାର ଏକ ସିଂହଭାଗ ବେଙ୍ଗଲ ପ୍ରୋଭିନ୍ସର ଅଂଶବିଶେଷ ଥିଲା, ସେତେବେଳେ ବଙ୍ଗଳାର କିଛି ବୁଦ୍ଧିଜୀବୀ କହୁଥିଲେ,'ଓଡ଼ିଆ ଏକଟା ଭାଷା ନୋଇ' ଅର୍ଥାତ୍ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ, ଏହା ବଙ୍ଗାଳୀ ଭାଷାର ଅଂଶବିଶେଷ । ତେଣୁ, ଏହାର କଡା ଜବାବ ଦେଇଥିଲେ ସେ ସମୟର ଓଡ଼ିଆ ଭାଷାର ସାରସ୍ୱତ ସାଧକ ଯେପରିକି ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀ ଶଙ୍କର ରାୟ । ଏପରିକି ଓଡ଼ିଶା ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ନିଜର ଲେଖନୀ ଚାଳନା କରି ଲୋକଙ୍କ ମନରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଭଲ ପାଇବାକୁ ଉଦବୁଦ୍ଧ କରିଥିଲେ । ଓଡ଼ିଶାର ପ୍ରତ୍ୟେକ ନାଗରିକ ଏହି ସବୁ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ପାଇଁ ନତମସ୍ତକ କରିବା ଉଚିତ ।

ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଏହାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ, ସଂଯୋଗ ହେଉ ବା ଭାଗ୍ୟ ହେଉ, ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ସତୁରୀ ଦଶକ ପର୍ଯ୍ୟନ୍ତ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିକାଶ କାର୍ଯ୍ୟ ଆଗେଇ ପାରି ନ ଥିଲା । ଏହି ସମୟ ମଧ୍ୟରେ ପ୍ରାୟ ସବୁ ସରକାର ନିଜ ନିଜ ସାଧ୍ୟ ଓ ସାମର୍ଥ୍ୟ ମୁତାବକ ରାଜ୍ୟକୁ ବିକଶିତ କରିବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ, ଓଡ଼ିଶା ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ହେବା ପାଇଁ ସବୁ ପ୍ରକାର ଉପାଦାନ ତଥା ଖଣି, ପାଣି, ଲୋକବଳ, ସମୁଦ୍ର ତଟ ଥାଇ ସୁଦ୍ଧା ଆଖି ଦୃଶିଆ ଭାବେ ବିକାଶ ହୋଇ ପରି ନ ଥିଲା । ବୋଧହୁଏ, ଦୂରଦୃଷ୍ଟି ଓ ସ୍ପଷ୍ଟ ଭିଜନର ଅଭାବ ଥିଲା । ଅନେକ ସାମାଜିକ-ଅର୍ଥନୈତିକ ମାନଦଣ୍ଡ ଯେପରିକି ମାତୃ ଓ ଶିଶୁ ମୃତ୍ୟୁହାର, ଦାରିଦ୍ର୍ୟ ସୀମାରେଖା, ରୋଜଗାର, ସାକ୍ଷରତା ହାର, ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶା ଜାତୀୟ ସୂଚକାଙ୍କ ଠାରୁ ଥିଲା ଢେର ପଛରେ ।

ଏହି ସ୍ଥିତିରେ ପରିବର୍ତ୍ତନ ଆଣି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ବିକଶିତ ରାଜ୍ୟ ଭାବେ ଗଢି ତୋଳିବାକୁ ଓଡ଼ିଶାବାସୀ ୨୦୨୪ ସାଧାରଣ ନିର୍ବାଚନରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଚବିଶ ବର୍ଷ ପାଇଁ ନିରନ୍ତର ଶାସନ କ୍ଷମତାରେ ଥିବା ସରକାରଙ୍କୁ ହଟାଇ ଏକ ନୂତନ ସରକାରକୁ ଶାସନ କ୍ଷମତାକୁ ଆଣିଥିଲେ । ଓଡ଼ିଶା ବିକାଶର ନବଜାଗରଣ ଓ ପୁନର୍ବିନ୍ୟାସର କାର୍ଯ୍ୟ ଜୁନ ୧୨, ୨୦୨୪ ତାରିଖରୁ ଆରମ୍ଭ ହୋଇଥିଲା । ସଂଯୋଗର ବିଷୟ ଯେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଭାବେ ତୃତୀୟ ଥର ପାଇଁ ଶପଥ ନେଇଥିଲେ ଶ୍ରୀ ନରେନ୍ଦ୍ର ମୋଦି ଏବଂ ବାସ୍ତବରେ ଓଡ଼ିଶାରେ ମଧ୍ୟ 'ଡବଲ ଇଞ୍ଜିନ' ସରକାରଙ୍କ ପାଳି ଆରମ୍ଭ ହୋଇଥିଲା । ଲୋକଙ୍କ ଅସୁମାରୀ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଉତ୍ସର୍ଗୀକୃତ ଭାବେ ପ୍ରଥମ ଦିନରୁ ହିଁ ଲୋକଙ୍କ ସେବା କରିବା ଆରମ୍ଭ ହୋଇଥିଲା ।

ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ରରେ ଉଦବୁଦ୍ଧ ହୋଇ ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ପ୍ରଣୟନ କରୁଛନ୍ତି । ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାନୀୟ ଜଳ, ସଡ଼କ ଓ ବିଜୁଳି ସଂଯୋଗ ଯୋଗାଇ ଦେବା ଅନ୍ୟତମ । ସ୍ୱାଧୀନତାର ୭୮ ବର୍ଷ ପରେ ବି ଏହି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆମ ଶାସନ ପଦ୍ଧତିରେ ମହିଳା ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯଦି ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ପାରିବ ନାହିଁ, ତେବେ ସମୃଦ୍ଧ ଓଡ଼ିଶା ଗଠନ କରିବା ଅସମ୍ଭବ । ତେଣୁ, ମହିଳାଙ୍କ ବିକାଶ ସହିତ ତାଙ୍କୁ ସଶକ୍ତ କରିବାକୁ ସରକାର ବଦ୍ଧପରିକର । ସାମାଜିକ ସଶକ୍ତିକରଣ ସହିତ ଓଡ଼ିଶାକୁ ଦେଶର ଏକ ଶିଳ୍ପ ରାଜଧାନୀ ଭାବେ ଗଢିତୋଳିବାକୁ ପ୍ରଥମ ଦିନରୁ କାର୍ଯ୍ୟକ୍ରମ ଗ୍ରହଣ କରଯାଇଥିଲା । ପ୍ରାୟ ଦୁଇବର୍ଷର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଆଜି ଓଡ଼ିଶାରେ ଦ୍ୱିତୀୟ ଶିଳ୍ପବିପ୍ଳବ ଦେଖା ଦେଇଛି ଏବଂ ନିବେଶକଙ୍କ ପ୍ରଥମ ପସନ୍ଦ ଭାବେ ଜାତୀୟ ସ୍ତରରେ ଉଭା ହୋଇଛି ।

ରାଜ୍ୟ ସରକାରଙ୍କ ଆଉ ଏକ ସ୍ତମ୍ଭ ହେଉଛି ଓଡ଼ିଆ ଅସ୍ମିତା । ୨୦୨୪ ମସିହାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଲୋକେ ଅଭୂତପୂର୍ବ ସମର୍ଥନ ଦେଇଥିଲେ । ତେଣୁ, ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବା ସହ ଏହାର ପ୍ରଚାର ପ୍ରସାର ପାଇଁ ଆମ ସରକାର ଦୃଢ ସଂକଳ୍ପ ନେଇଛନ୍ତି । ଏହାର ଉଦାହରଣ ହେଉଛି ଓଡ଼ିଶା ଦିବସରୁ ବିଷୁବ ସଙ୍କ୍ରାନ୍ତି ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ । ଗତ ବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ଓଡ଼ିଆ ପକ୍ଷରେ ଓଡ଼ିଆ ଭାଷା, ସଂସ୍କୃତି, ଗୀତ ସଙ୍ଗୀତ, ଖାଦ୍ୟପେୟ, ପୋଷାକର ପ୍ରଚାର ପ୍ରସାର କରାଯାଏ । ଚଳିତ ବର୍ଷ ମଧ୍ୟ ମହା ସମାରୋହରେ ଏହା ପାଳିତ ହେଉଛି । ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ସଚିବାଳୟ ଠାରୁ ବ୍ଲକ ପର୍ଯ୍ୟନ୍ତ ସରକାରୀ ସ୍ତରରେ କେବଳ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ଓଡ଼ିଶା ଗଠନ, ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ତଥା ଦେଶର ସ୍ୱାଧୀନତା ଆନ୍ଦୋଳନ ପାଇଁ ତ୍ୟାଗ ସହିଥିବା ଓଡ଼ିଆ ବରପୁତ୍ର ଓ ବରପୁତ୍ରୀମାନଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢି ତୋଳିବା ପାଇଁ 'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ପରିକଳ୍ପନା କରାଯାଇଛି, ଯାହା ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

୨୦୩୬ ମସିହାରେ ଓଡ଼ିଶା ପାଳନ କରିବ 'ସ୍ୱତନ୍ତ୍ର ପ୍ରଦେଶ ଗଠନ'ର ଶତବାର୍ଷିକୀ । ତେଣୁ, ଓଡ଼ିଶାକୁ ଆଗାମୀ ଏକ ଦଶକ ମଧ୍ୟରେ 'ସମୃଦ୍ଧ ଓଡ଼ିଶା' ଗଠନ କରିବାକୁ ପରିକଳ୍ପନା କରାଯାଇଛି । ଏହି ପରିକଳ୍ପନା ଅନୁସାରେ ଆଗାମୀ ଦଶ ବର୍ଷରେ ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଡବଲ ଇଞ୍ଜିନ ସରକାରଙ୍କ ଉଦ୍ୟମ ଫଳରେ ଓଡ଼ିଶାରେ ହୋଇଛି ପୂର୍ବୋଦୟ । ପୂର୍ବ ଓଡ଼ିଶାର ସବୁଠାରୁ ସମୃଦ୍ଧ ଓ ସଶକ୍ତ ରାଜ୍ୟ ଭାବେ ଉଭା ହେବାକୁ ଯାଉଛି ଓଡ଼ିଶା । ଏହି ସମୟ ସୁଦ୍ଧା ଓଡ଼ିଶା ହେବ ଦେଶର ସବୁଠାରୁ ପାଞ୍ଚଗୋଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମ । ସମସ୍ତଙ୍କ ମିଳିତ ସହଯୋଗରେ ଗଠିତ ହେବ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ମାନନୀୟ ମୋଦୀ ଜୀଙ୍କର ପରିକଳ୍ପିତ 'ବିକଶିତ ଭାରତ' । ଓଡ଼ିଶାରେ ସମ୍ବଳର ଅଭାବ ନାହିଁ, ଓଡ଼ିଶାବାସୀଙ୍କ ମଧ୍ୟରେ ସାମର୍ଥ୍ୟ ଓ ପ୍ରତିଭା ଭରପୁର ଅଛି । ଏହି ସାମର୍ଥ୍ୟ ଓ ସମ୍ବଳକୁ ସଠିକ ଭାବେ ଉପଯୋଗ କରି ରାଜ୍ୟର ବିକାଶ କରିବା ପାଇଁ ବର୍ତ୍ତମାନ ଅଛି 'ଲୋକଙ୍କ ସରକାର' । ସମସ୍ତଙ୍କର ସହଯୋଗରେ ନିଶ୍ଚିତ ଭାବେ ଗଠିତ ହେବ 'ସମୃଦ୍ଧ ଓଡ଼ିଶା' ଏବଂ ଯେତେବେଳେ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ବିକଶିତ ଭାରତ' ଗଠିତ ହେବ, ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ସମସ୍ତ ଓଡ଼ିଶାବାସୀ ଏବଂ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ 'ଓଡ଼ିଶା ଦିବସ'ର ଅଭିନନ୍ଦନ ଓ ଶୁଭେଚ୍ଛା ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

**ଡବଲ ଇଞ୍ଜିନ ସରକାରଙ୍କ ଉଦ୍ୟମ ଫଳରେ ଓଡ଼ିଶାରେ ହୋଇଛି ପୂର୍ବୋଦୟ । ପୂର୍ବ ଓଡ଼ିଶାର ସବୁଠାରୁ ସମୃଦ୍ଧ ଓ ସଶକ୍ତ ରାଜ୍ୟ ଭାବେ ଉଭା ହେବାକୁ ଯାଉଛି ଓଡ଼ିଶା । ଏହି ସମୟ ସୁଦ୍ଧା ଓଡ଼ିଶା ହେବ ଦେଶର ସବୁଠାରୁ ପାଞ୍ଚଗୋଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମ । ସମସ୍ତଙ୍କ ମିଳିତ ସହଯୋଗରେ ଗଠିତ ହେବ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ମାନନୀୟ ମୋଦୀ ଜୀଙ୍କର ପରିକଳ୍ପିତ 'ବିକଶିତ ଭାରତ' ।**

# ଇତିହାସର ପୃଷ୍ଠଭୂମିରେ ଓଡ଼ିଶା



**ଗୁରୁକଲ୍ୟାଣ ମହାପାତ୍ର**

ଇତିହାସର ପୃଷ୍ଠଭୂମିରେ ଗୌରବମୟ ଓଡ଼ିଶା ଏକଦା 'କଳିଙ୍ଗ' ବା 'ଉତ୍କଳ' ନାମରେ ଖ୍ୟାତ ହୋଇଥିଲା । ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଭାରତବର୍ଷରେ ଧର୍ମ, ଦର୍ଶନ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଭୂମିକା ଥିଲା ଅତ୍ୟନ୍ତ ଗୌରବମୟ ଓ ଗାରିମାମଣ୍ଡିତ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦୀ ବଂଶର ରାଜା ଖାରବେଳଙ୍କ ରାଜତ୍ୱ କାଳରେ ଓଡ଼ିଶା ବା ତତ୍କାଳୀନ କଳିଙ୍ଗ ରାଜ୍ୟର ବୀରତ୍ୱ ଭାରତର ଶୀର୍ଷ ସ୍ଥାନରେ ଥିଲା । ଅବଶ୍ୟ ଉତ୍ତର ଭାରତର ଗଙ୍ଗା ନଦୀଠାରୁ ଦକ୍ଷିଣ ଭାରତର ଗୋଦାବରୀ ନଦୀ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟ ସୁବିସ୍ତୃତ ଥିଲା । ପ୍ରାଚୀନ କାଳରେ ଓଡ଼ିଶା 'କଳିଙ୍ଗ' ଓ 'କୋଶଳ' ଭାବେ ପରିଚିତ ଥିଲା । ଏବର ଉପକୂଳବର୍ତ୍ତୀ ଓଡ଼ିଶା କଳିଙ୍ଗର ଅର୍ନ୍ତଭୁକ୍ତ ଥିଲାବେଳେ ଏବର ପଶ୍ଚିମ ଓଡ଼ିଶା କୋଶଳର ଅର୍ନ୍ତଭୁକ୍ତ ଥିବା ଅନୁମିତ ହୁଏ । ଐତିହାସିକ ଓ ଗବେଷକ ଡକ୍ଟର ସଦାନନ୍ଦ ଅଗ୍ରୱାଲଙ୍କ ମତରେ 'ମାତ୍ର ପଶ୍ଚିମାଞ୍ଚଳ ଖାରବେଳଙ୍କ ଶାସନାଧୀନ ହୋଇଥିବାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ ନାହିଁ ।'

ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ମତରେ, ଖାରବେଳଙ୍କ ପରଠାରୁ ଓଡ଼ିଶାର ଯେଉଁ ଧାରାବାହିକ ଇତିହାସ ମିଳେ, ସେଥିରୁ କଳିଙ୍ଗର ସଭ୍ୟତା, ସଂସ୍କୃତି, ଶୌର୍ଯ୍ୟ ଓ ସମୃଦ୍ଧି ଭାରତରେ ବହୁ ପ୍ରସିଦ୍ଧି ଲାଭ କରିଥିବା ସ୍ପଷ୍ଟ ଅନୁମିତ ହୁଏ । ଖ୍ରୀ:ଅ:୭ମ ଶତାବ୍ଦୀରେ କବି କାଳିଦାସଙ୍କ ଆର୍ବିଭାବ ହୋଇଥିଲା ବୋଲି ଐତିହାସିକ ପଣ୍ଡିତମାନେ ମତ ଦିଅନ୍ତି । କାଳିଦାସଙ୍କର ଅମର କାବ୍ୟ 'ରଘୁବଂଶ'ରେ ମଧ୍ୟ ଉତ୍କଳ ଓ କଳିଙ୍ଗର ଉଲ୍ଲେଖ ଅଛି । ତେଣୁ ଖ୍ରୀଷ୍ଟୀୟ ଶତାବ୍ଦୀ ଆରମ୍ଭର ବହୁ ପୂର୍ବରୁ, ବୈଦିକ ଯୁଗର ଆରମ୍ଭରୁ ସୁଦ୍ଧା କଳିଙ୍ଗ ଯେ ଏକ ଇତିହାସ-ପ୍ରସିଦ୍ଧ ଭୂମି ଥିଲା, ତାହା ଏହି ସୂଚନାବଳୀରୁ ସ୍ପଷ୍ଟ । ୧୫୬୮ରେ ଓଡ଼ିଶାର ଇତିହାସ ପ୍ରତି ଦୃଷ୍ଟି ପକାଇଲେ ଓଡ଼ିଶାବାସୀଙ୍କର ଦୁଃଖ ହେବା ସ୍ୱାଭାବିକ । କାରଣ ସେହି ବର୍ଷ ଓଡ଼ିଶାର ସ୍ୱାଧୀନତା ଓ ସ୍ୱତନ୍ତ୍ରତା ଲୋପ ପାଇଥିଲା । ଗୋହିରା ଟିକିରି ଯୁଦ୍ଧରେ ସେହି ବର୍ଷ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ କେବଳ ପରାଜୟ ବରଣ କରି ନଥିଲେ, ଶତ୍ରୁ କବଳିତ ହୋଇ ପ୍ରାଣ ମଧ୍ୟ ହରାଇଥିଲେ । ଭାରତର ଉତ୍ତର ଦିଗରେ ଗଙ୍ଗାନଦୀଠାରୁ ଭାରତର ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବା ଓଡ଼ିଶାର ବିଶାଳ ସାମ୍ରାଜ୍ୟ ସେବେଠାରୁ କ୍ରମଶଃ ଖଣ୍ଡବିଖଣ୍ଡିତ ହୋଇ ଆସିଥିଲା ।

ବିଶିଷ୍ଟ ଐତିହାସିକ ଓ ସାହିତ୍ୟିକ ସ୍ୱର୍ଗୀୟ କେଦାରନାଥ ମହାପାତ୍ରଙ୍କ ମତରେ ମେଦିନୀପୁର, ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ଉପକୂଳ ଭୂଭାଗ ମୋଗଲ ସେନାପତି ମାନସିଂହଙ୍କଦ୍ୱାରା ଅଧିକୃତ ହୋଇ ମୋଗଲବନ୍ଦୀ ନାମ ଧାରଣ କଲା । ଗୋଦାବରୀଠାରୁ ଚିଲିକା ପର୍ଯ୍ୟନ୍ତ ବିସ୍ତୃତ ଦକ୍ଷିଣ ଓଡ଼ିଶାରେ ଗୋଲକୁଣ୍ଡା ସୁଲତାନଙ୍କ ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ଏହି ଦୁର୍ଦ୍ଦିନରେ ସେନାପତି ରାମଚନ୍ଦ୍ର ଦେବ କଟକ ଅଧିକାର କରିବା ପାଇଁ ଚେଷ୍ଟା କରି ଖୋର୍ଦ୍ଧାଠାରେ ନିଜର ରାଜଧାନୀ ପ୍ରତିଷ୍ଠାପୂର୍ବକ ଆଧୁନିକ ଭୁବନେଶ୍ୱର,ଖୋର୍ଦ୍ଧା ଓ ନୟାଗଡ଼ ଅଞ୍ଚଳକୁ ନେଇ ଏକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ପଶ୍ଚିମ ଭାଗରେ ଥିବା ବନ ପର୍ବତ ସଂକୁଳ ବିଶାଳ ଭୂଖଣ୍ଡ କ୍ଷୁଦ୍ର କ୍ଷୁଦ୍ର ଗଡ଼ଜାତରେ ବିଭକ୍ତ ହୋଇ ରହିଥିଲା ।

୧୭୫୭ ମସିହାରେ ବ୍ରିଟିଶ ଶକ୍ତି ବଙ୍ଗଳାରେ କାୟା ବିସ୍ତାର କରିଥିଲା । ବ୍ରିଟିଶ ଶାସକ ଲର୍ଡ କ୍ଲାଇବ୍ ଦିଲ୍ଲୀର ତତ୍କାଳୀନ ମୋଗଲ ସମ୍ରାଟ ଶାହା ଆଲମଙ୍କ ସହିତ ସନ୍ଧି ସ୍ଥାପନ କରିବା ପରେ ଉତ୍ତର ଭାରତରେ ବଙ୍ଗ, ବିହାର ଓ ଓଡ଼ିଶା (ମେଦିନପୁର ଓ ବାଙ୍କୁଡ଼ା) ସମେତ ଦକ୍ଷିଣ ଭାରତରେ ଗୋଦାବରୀ ନଦୀ ଓ ଚିଲିକା ହ୍ରଦର ମଧ୍ୟବର୍ତ୍ତୀ କେତେକ ଉପକୂଳ ଅଞ୍ଚଳକୁ ଦଖଲ କରିଥିଲେ । ପୁଣି ଚିଲିକା ଓ ସୁବର୍ଣ୍ଣରେଖା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ସମେତ ଓଡ଼ିଶାର ଦେଶୀୟ ରାଜ୍ୟ ସମୂହ ନାଗପୁରର ଭୋନସାଲାଙ୍କ ଶାସନ ଅଧୀନରେ ରହିଥିଲା ।

ଅବଶ୍ୟ ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ ଯେତେବେଳ ଭାରତର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ଇଂରେଜ ଶାସନାଧୀନ ଥିଲା । ୧୮୨୮ ସୁଦ୍ଧା ଇଂରେଜମାନେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅଧିକାର କରିଥିଲେ ମଧ୍ୟ ୧୯୩୫ ଏପ୍ରିଲ ପହିଲା ପୂର୍ବରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ପାରି ନଥିଲା କିମ୍ବା ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନଭୁକ୍ତ କରାଯାଇ ପାରି ନଥିଲା । ଓଡ଼ିଶାର କିଛି ଅଂଶ ତତ୍କାଳୀନ ମାନ୍ଦ୍ରାଜରେ, ବଙ୍ଗରେ, ବିହାରରେ ଓ ମଧ୍ୟପ୍ରଦେଶରେ ରହିବାର ଦୁର୍ଭାଗ୍ୟ ଅର୍ଜନ କରିଥିଲା । ଇଂରେଜ ଶାସକମାନଙ୍କ କୂଟନୀତି ଫଳରେ ଦକ୍ଷିଣ ଓଡ଼ିଶାକୁ ମାନ୍ଦ୍ରାଜରେ, ସମ୍ବଲପୁର, ଫୁଲଝର, ସାରଙ୍ଗଗଡ଼ ଓ ରାୟଗଡ଼ ପ୍ରଭୃତି ଅଞ୍ଚଳକୁ ମଧ୍ୟପ୍ରଦେଶରେ, କଟକ, ପୁରୀ, ବାଲେଶ୍ୱର ଜିଲ୍ଲାଗୁଡ଼ିକ ସହିତ ଛୋଟନାଗପୁର ଅଞ୍ଚଳକୁ ବିହାରରେ ଓ ବଙ୍ଗଳାରେ ରଖା ଯାଇଥିଲା । ଊନବିଂଶ ଶତାବ୍ଦୀର ପ୍ରସିଦ୍ଧ ଇଂରେଜ ଐତିହାସିକ ହଣ୍ଟର ସାହେବ ତେଣୁ ଓଡ଼ିଶା ଇତିହାସରେ ଦର୍ଶାଇଛନ୍ତି, ଓଡ଼ିଶାରୁ ଖଜଣା ଟିକସ ଆଦାୟ କରି ଲୋକଙ୍କୁ ଶାସନ କରିବା ଛଡ଼ା ଇଂରେଜମାନଙ୍କର ଓଡ଼ିଶା ପ୍ରତି ଅନ୍ୟ କର୍ତ୍ତବ୍ୟ ନଥିଲା ।

୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ବିହାରରୁ ଅଲଗା ହୋଇ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା ମାତ୍ର ଛଅଟି ଜିଲ୍ଲାକୁ ନେଇ । ସେହି ଜିଲ୍ଲାଗୁଡ଼ିକ ହେଲା କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର । ମାତ୍ର ତାହା ପୂର୍ଣ୍ଣାଙ୍ଗ ଓଡ଼ିଶା ନଥିଲା । ସିଂହଭୂମ, ମେଦିନପୁର, ଫୁଲଝର, ରାୟଗଡ଼, ସାରଙ୍ଗଗଡ଼, ବିନ୍ଦ୍ରା, ନୂଆଗଡ଼, ଇଚ୍ଛାପୁର, ମଞ୍ଜୁଷା ଓ ଟିକାଲୀ ପ୍ରଭୃତି ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଓଡ଼ିଶା ପ୍ରଦେଶରେ ନଥିଲା ।

୧୯୪୮ ମସିହାରେ ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ଓଡ଼ିଶା ପ୍ରଦେଶରେ ମିଶିବା ପରେ ଓଡ଼ିଶାରେ ଅବଶିଷ୍ଟ ସାତଟି ଜିଲ୍ଲା ସଂଯୁକ୍ତ ହୋଇଥିଲା । ସେହି ପରବର୍ତ୍ତୀ ସାତଟି ଜିଲ୍ଲା ହେଲେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ- ଫୁଲବାଣୀ, ଢେଙ୍କାନାଳ, ମୟୂରଭଞ୍ଜ ଓ କେନ୍ଦୁଝର । ଉତ୍କଳ ସମ୍ମିଳନୀର କ୍ରମାଗତ ଆନ୍ଦୋଳନ ଫଳରେ ୧୯୩୬ ଏପ୍ରିଲ ପହିଲାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲେ ହେଁ ସେହି ଆନ୍ଦୋଳନର ଦୁଇ ପ୍ରମୁଖ ନେତା, ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ, ତାହା ଦେଖିବାକୁ ଆଉ ଆମ ଗହଣରେ ନଥିଲେ । 'ଉତ୍କଳ ସମ୍ମିଳନୀ' ଗଠିତ ହେବା ପୂର୍ବରୁ ମଧ୍ୟ ଓଡ଼ିଆମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ପାଇଁ ୧୮୮୨ ମସିହାରେ 'ଉତ୍କଳସଭା' କଟକରେ ଗଠନ କରାଯାଇ ସ୍ଥାନୀୟ ସ୍ୱାୟତ୍ତ ଶାସନ ପାଇଁ ଦାବି ହୋଇଥିଲା । ତା ୨୧.୦୮.୧୮୮୨ ରିଖରେ 'ଉତ୍କଳସଭା'ର ପ୍ରଥମ ଅନଔପଚାରିକ ବୈଠକ କଟକର 'କନିକା ହାଉସ'ଠାରେ ଅନୁଷ୍ଠିତ ହୋଇ ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ସକାଶେ ଦାବି ହୋଇଥିଲା । ତତ୍କାଳୀନ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ଏହି ସଭାର ମୁଖ୍ୟ ପୃଷ୍ଠପୋଷକ ଥିଲେ ଓ ଉତ୍କଳଗୌରବ ମଧୁସୂଦନ ଦାସ ଏହାର ପୃଷ୍ଠପୋଷକ ଥିଲେ । ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଏହାର ସଦସ୍ୟ ଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ଏହି ସଭା ସହ ସଂପୃକ୍ତ ଥିଲେ ।

ତା ୦୩.୦୩.୧୮୮୬ ରିଖରେ କଟକଠାରେ 'ଉତ୍କଳସଭା'ର ଏକ ବୈଠକରେ ୧୮୮୫ରେ ବମ୍ବେଠାରେ ଅନୁଷ୍ଠିତ ପ୍ରଥମ ଭାରତୀୟ ଜାତୀୟ କଂଗ୍ରେସର ପ୍ରସ୍ତାବଗୁଡ଼ିକ ଗୃହୀତ ହୋଇଥିଲା । ଏହାପରେ 'ଉତ୍କଳସଭା' କଂଗ୍ରେସ ସହିତ ଯୋଗସୂତ୍ର ରକ୍ଷା କରି ତାହାର ପ୍ରତିନିଧିମାନଙ୍କୁ କଂଗ୍ରେସ ଅଧିବେଶନମାନଙ୍କୁ ପ୍ରେରଣ କରିଥିଲା । ୧୮୯୪ ମସିହାରେ ଉତ୍କଳଗୌରବ ମଧୁସୂଦନ ଉତ୍କଳସଭାର ସଭାପତି ମନୋନୀତ ହୋଇଥିଲେ । ଏହି ସମୟରେ ପାରଳାଖେମୁଣ୍ଡିର କୁମାର ପଦ୍ମନାଭ ଗଜପତି ଓ ଶ୍ୟାମସୁନ୍ଦର ରାଜଗୁରୁ 'ଉତ୍କଳ ହିତୈଷିଣୀ ସଭା' ଗଠନ କରି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଏକାଠି ହୋଇଥିଲେ । ସେହିପରି ବାଲେଶ୍ୱର ଜାତୀୟ ସଂଗଠନ ଗଠିତ ହୋଇ ଓଡ଼ିଶାର ସ୍ୱାର୍ଥରକ୍ଷା କରି ଆସୁଥିଲା । ଏହାପରେ ଉତ୍କଳ ସମ୍ମିଳନୀ ଜରିଆରେ ମଧୁସୂଦନ, ଗୋପବନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଭୃତି ଓଡ଼ିଶାର ସ୍ୱତନ୍ତ୍ରତା ରକ୍ଷା ଲାଗି ଜୋରଦାର ଆନ୍ଦୋଳନ କରିଥିଲେ ।

ଓଡ଼ିଶାର ମାତୃଭାଷା 'ଓଡ଼ିଆ' ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ଥିଲା । କଲିକତା, ମାନ୍ଦ୍ରାଜ, ନାଗପୁର, ବିହାର ପ୍ରଭୃତି ରାଜ୍ୟଗୁଡ଼ିକ ସହିତ ଖଣ୍ଡବିଖଣ୍ଡିତ ଅବସ୍ଥାରେ ରହିଥିବାରୁ ଊନବିଂଶ ଶତାବ୍ଦୀର ଆଦ୍ୟଭାଗରେ ସମୃଦ୍ଧ ଓଡ଼ିଆ ଭାଷାର ବିଲୋପ ସାଧନ ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା । କଚେରୀ, ସରକାରୀ ଦପ୍ତର ଓ ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନକୁ ଉଚ୍ଛେଦ କରାଯାଇଥିଲା । ଓଡ଼ିଶାକୁ ବଙ୍ଗଳା ଭାଷାର ଏକ ଉପଭାଷା ଭାବରେ ମଧ୍ୟ ଚିତ୍ରଣ କରାଗଲା । ୧୮୭୦ ମେ ମାସ ୪ ତାରିଖରେ ତତ୍କାଳୀନ କଲିକତାସ୍ଥିତ ଏସିଆଟିକ୍ ସୋସାଇଟିର ଏକ ସଭାରେ ଏ ବିଷୟରେ କୁଆଡ଼େ ଦୀର୍ଘ ସମୟ ଧରି ବାଦାନୁବାଦ ଚାଲିଥିଲା ।

ମାତ୍ର ତତ୍କାଳୀନ ଇଂରେଜ ଶାସକ ତଥା ବାଲେଶ୍ୱର ଜିଲ୍ଲାପାଳ ଜନ୍ ବିମସ୍ ଜଣେ ଭାଷା ବିଶେଷଜ୍ଞ ଥିଲେ । ସେହି ସଭାରେ ବିମସ୍ ସାହେବ ଓଡ଼ିଆ ଭାଷାର ପ୍ରାଚୀନତା ଓ ଶ୍ରେଷ୍ଠତା ପ୍ରତିପାଦନ କରିବାରୁ ତତ୍କାଳୀନ ବଙ୍ଗ ଓ ଓଡ଼ିଶା ସରକାର ତାଙ୍କର ମତକୁ ଗୁରୁତ୍ୱ ଦେଇଥିଲେ ଏବଂ ଓଡ଼ିଶାରେ ଶାସନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ ସକାଶେ ଅନୁମତି ପ୍ରଦାନ କରିଥିଲେ । ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସହାନୁଭୂତି ପ୍ରଦାନ କରିଥିଲେ । ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟ ପୂର୍ବପରି ମାନ୍ୟତା ଲାଭ କରିଥିଲା ।

ସେତେବେଳେ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଆଉ ଜଣେ ଇଂରେଜ କର୍ମଚାରୀ ଟି.କେ ମାଲଟବି ୧୮୭୩ ମସିହାରେ 'A Practical Book of the Oriya Language' ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷାର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ଓଡ଼ିଆ ସାହିତ୍ୟ ସୃଷ୍ଟି ଜରିଆରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ମଧ୍ୟ କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ନୀଳମଣି ବିଦ୍ୟାରତ୍ନ, ଖଲିକୋଟର ରାଜା ହରିହର ମର୍ଦ୍ଦରାଜ ଓ ଜୟପୁର ମହାରାଜା ବିକ୍ରମ କେଶରୀ ଦେବ ବର୍ମା ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ପରବର୍ତ୍ତୀ କାଳରେ କବିଶେଖର ଚିନ୍ତାମଣି ମହାନ୍ତି, ପଲ୍ଲୀକବି ନନ୍ଦକିଶୋର ବଳ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ହରେକୃଷ୍ଣ ମହତାବ ପ୍ରଭୃତି ଓଡ଼ିଆ ଭାଷା ଓ ସାହିତ୍ୟକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସକାଶେ ସମୃଦ୍ଧ କରିଥିଲେ ।

( ପିଆଇବି ସୌଜନ୍ୟରୁ)

ଭୁବନେଶ୍ୱର

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀଙ୍କୁ...

ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ୨୦୨୬-୨୭ ବଜେଟ ଆକଳନ ଅନୁଯାୟୀ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ ୧୧.୦୭ ଲକ୍ଷ କୋଟି ହେବ । ରାଜ୍ୟର ଅଭିବୃଦ୍ଧି ହାର ଆଗାମୀ ବର୍ଷରେ ହାରାହାରି ୮ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ରହିବାର ଆଶା କରାଯାଉଛି । ରାଜ୍ୟର ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ କରିବାରେ ଆମ ସରକାର ସଫଳ ହୋଇଛନ୍ତି । ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏହା ଯଥେଷ୍ଟ କମ ରହିଛି । ସରକାରଙ୍କ ସକ୍ରିୟ ନୀତି ଏବଂ ଶିଳ୍ପ ସମର୍ଥିତ ପଦକ୍ଷେପ ଯୋଗୁ ରାଜ୍ୟରେ ଘରୋଇ ନିବେଶରେ ଅଭୂତପୂର୍ବ ଅଭିବୃଦ୍ଧି ପରିଲକ୍ଷିତ ହେଉଛି ।

ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଆଶ୍ୱସନା ଦେଇ କହିଲେ, ଯୁଦ୍ଧ ପରିସ୍ଥିତି ପ୍ରଭାବକୁ ନେଇ ମୁଁ ସମୀକ୍ଷା କରିଛି । ପୂର୍ବରୁ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯୋଗାଣ ଏବଂ ନଗର ଉନ୍ନୟନ ବିଭାଗ ସଚିବ ସମୀକ୍ଷା କରିଛନ୍ତି । କଳାବଜାରୀ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସଜାଗ ଅଛୁ । ଭୟଭୀତ ହୁଅନ୍ତୁ ନାହିଁ, ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବନି । ନିର୍ଭର ପ୍ରତିଶ୍ରୁତି ଦେଉଛୁ, ଯେଉଁ ପରିସ୍ଥିତି ଆସୁ ସରକାର ସାମ୍ନା କରିବାକୁ ପ୍ରସ୍ତୁତ । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ସାର ମହଜୁଦ ଅଛି । କଡ଼ା ପଦକ୍ଷେପ ନେବାକୁ ପଛେଇବୁ ନାହିଁ । ସରକାର ବିରୋଧୀ ଯେଉଁ ଅଭିଯୋଗ ଉଠାଇଲେ ଆତଙ୍କିତ କରାଇବା ଠିକ ନୁହେଁ । ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଆଲୋଚନା କରାଯାଇ ପାରିବ । ଯେଉଁମାନେ ଆଇନ ଶୃଙ୍ଖଳା ଭଙ୍ଗ କରିବେ, ଆଇନ ଅନୁଯାୟୀ ଦଣ୍ଡ ବିଧାନ ହେବେ ।

ଓଡିଶା ବିନିଯୋଗ ବିଲ ଆଲୋଚନା ବେଳେ ବିଜେଡି ଓ କଂଗ୍ରେସକୁ ଟେର୍ଚ୍ଛା ବାଣ ମାରିଛନ୍ତି ମୁଖ୍ୟମନ୍ତ୍ରୀ । ଦୁଇ ଭାଇ ପରି ଏବେ ସରକାରକୁ ବିରୋଧ କରୁଛନ୍ତି ବିଜେଡି ଓ କଂଗ୍ରେସ । ଦୁଇ ଭାଇ ଲୋୟର ପିଏମଜିରେ ବି ଏକାଠି ଶକ୍ତି ପ୍ରଦର୍ଶନ କରିଛନ୍ତି । ଦୁଇ ଭାଇ ଏକାଠି ହେବା ଗଣତନ୍ତ୍ର ପାଇଁ ଶୁଭ ସୂଚନା । ଏକାଠି ହେବା ପୂର୍ବରୁ ନିଜ ବିଧାୟକ ଓ ବିଧାୟିକାଙ୍କୁ ବିଶ୍ୱାସକୁ ନେଇଥିଲେ, ସେମାନେ ଦଳଠୁ ଦୂରେଇ ନଥାନ୍ତେ । ଦୁଇ ଦଳ ମିଶି ଗଲେ ହେଲେ ୧୧ ବିଧାୟକଙ୍କ ବିଶ୍ୱାସ ଜିତି ପାରିଲେ ନାହିଁ । କିନ୍ତୁ, ମୋର ଗୋଟିଏ ନିବେଦନ, ଉଭୟ ଭାଇ ଏକାଠି ହୋଇ ଆସନ୍ତୁ, ବିଧାନସଭା ମଧ୍ୟରେ ସବୁ ସମସ୍ୟାର ଆଲୋଚନା ହେଉ । ଲୋକଙ୍କ ସ୍ୱାର୍ଥ ସାଧିତ ହେଉ ।

ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ଅଛନ୍ତି । ରାଜ୍ୟର ଏକ ପ୍ରମୁଖ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟଣାରେ ବିରୋଧି ଦଳ ସଦସ୍ୟମାନେ ଚିରାଚରିତ ଢଙ୍ଗରେ ଯେଉଁଭଳି ହୋହାଲ୍ଲା କରି ଗୃହର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ୟମ କରି ଆସୁଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ । ତା'ଠୁ ବଡ଼ ଆଶ୍ଚର୍ଯ୍ୟଜନକ ହେଉଛି, ବିଧାନସଭା ଭିତରେ ଦୁର୍ବଳ-ସବଳ ଡ୍ରାମା । ଏହା ଏକ ଗଣତାନ୍ତ୍ରିକ ବ୍ୟବସ୍ଥା, ଲୋକମାନେ ଆମକୁ ନିର୍ବାଚିତ କରିଛନ୍ତି ସେମାନଙ୍କର ସେବା କରିବାକୁ । ଏହି ଘଟଣାରେ ସରକାର ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କ ଉପରେ ପଦକ୍ଷେପ ନେଇଛନ୍ତି । ଯେଉଁମାନେ ସିଧାସଳଖ ଦାୟୀ, ସେମାନଙ୍କ ଉପରେ ଆକ୍ସନ ନନେଇ, ନିଜର ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅର୍ଥ, ଛଳନା ମାଧ୍ୟମରେ ନିଜ ଦାୟିତ୍ୱରୁ ଖସିଯିବା । ଗୋଟିଏ ସମୟ ଥିଲା, ଅଧିକାରୀମାନେ ହିଁ ସରକାରଙ୍କ ପାଇଁ ନିଷ୍ପତ୍ତି ନେଉଥିଲେ । ଛୋଟ ଛୋଟ ଘଟଣାରେ ମନ୍ତ୍ରୀମାନେ ବଳି ପଡ଼ିଛନ୍ତି । କିନ୍ତୁ, ପରୀ, ମମିତା ମେହେର ଓ ମାହାଙ୍ଗା ଡବଲ୍ ହତ୍ୟାକାଣ୍ଡରେ ନୈତିକତା ଚୁଲୀକୁ ଚାଲି ଯାଇଥିଲା । ମୁଁ ଏ ସବୁ ଛଳନାରେ ବିଶ୍ୱାସ କରେନାହିଁ । ଗଣତାନ୍ତ୍ରିକ ପରମ୍ପରା ଓ ପ୍ରଶାସନିକ ନିୟମ ନିଷ୍ଠାକୁ ଦେଖି ପଦକ୍ଷେପ ନିଆଯାଉଛି ଏବଂ ନିଆଯିବ । ମୁଁ ଏ ସବୁ ଛଳନାରେ ବିଶ୍ୱାସ କରେନାହିଁ । ଗଣତାନ୍ତ୍ରିକ ପରମ୍ପରା ଓ ପ୍ରଶାସନିକ ନିୟମ ନିଷ୍ଠାକୁ ଦେଖି ପଦକ୍ଷେପ ନିଆଯାଉଛି ଏବଂ ନିଆଯିବ । ଗତ ସରକାର ସମୟରେ ମୁଖ୍ୟମନ୍ତ୍ରୀ ସବଳ ଥିଲେ କି ଏକ ବିଶେଷ ବାବୁ, ତାହା ସମଗ୍ର ଓଡିଶା ବାସୀ ଜାଣିଛନ୍ତି । ପଛୁଆ ବର୍ଗର ନେତୃତ୍ୱକୁ ଉପହାସ କରୁଛନ୍ତି ଏ କଥାକୁ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଜାଣି ଉଚିତ ଜବାବ ଦେଇଛନ୍ତି । ଲୋକେ କୁହାକୁହି ହେଉଛନ୍ତି, ଏପରିକି ତାଙ୍କ ଦଳର ବିଧାୟକମାନେ ବି ଟୁପୁରୁ ଟାପୁରୁ ହେଉଛନ୍ତି ଯେ, ନିର୍ବାଚନରେ ପରାଜିତ ହେଲାପରେ ବି ମୁଖ୍ୟ ବିରୋଧିଦଳ ସେଇ ସବଳ ବାବୁଙ୍କ ଦ୍ୱାରା ପରିଚାଳିତ ହେଉଛି, ରାଜନୈତିକ ନେତାଙ୍କ ଦ୍ୱାରା ନୁହେଁ । ତେଣୁ କଥାରେ ଅଛି "କହି ଦେଉଥାଉ ପରକୁ, ବୁଦ୍ଧି ନ ଦିଶଇ ନିଜକୁ' । ଆତ୍ମ ସମୀକ୍ଷାର ବେଳ ଆସିଛି । ଆମେ ଲଢ଼େଇ କରିବା ଓଡ଼ିଶାର ସେବା ପାଇଁ ।

ଭିଜନ ଡକ୍ୟୁମେଣ୍ଟରେ ଉଲ୍ଲିଖିତ ୬ ଟି ସ୍ତମ୍ଭ ଉପରେ ଏହି ବଜେଟ ଶତ ପ୍ରତିଶତ ଆଧାରିତ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଏବଂ ଦେଶର ଜିଡିପିରେ ରାଜ୍ୟର ଅବଦାନକୁ ୩ରୁ ୫ ପ୍ରତିଶତକୁ ବୃଦ୍ଧି କରିବା ସହ ହାରାହାରି ବାର୍ଷିକ ଅଭିବୃଦ୍ଧି ହାରକୁ ୭ରୁ ୯.୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏତଦ ବ୍ୟତୀତ ଭାରତର ଭିଜନ୍ ସହିତ ତାଳ ମିଳାଇ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ୨୦୨୬-୨୭ ବାର୍ଷିକ ବଜେଟ ଏହି ସୁପରିକଳ୍ପିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ଭିଜନର ଲକ୍ଷ୍ୟ ହାସଲ ନିମନ୍ତେ ଏକ ସୁଦୃଢ଼ ମୂଳଦୁଆ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

## ସରିଲା...

ବେଶ୍ ହୁଲସ୍ଥୁଲ୍ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଅଧିବେଶନ ବସ୍ତୁତଃ ଅଚଳ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଏସ୍‌ସିବି ନିଆଁ ତାତିରେ ସମ୍ପୂର୍ଣ୍ଣ ଧୋଇ ଯାଇଥିଲା। ବିଜେପି ସାଂସଦ ନୀଶିକାନ୍ତ ଦୁବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ମଧ୍ୟ ଗୃହରେ ହଟ୍ଟଗୋଳ ହୋଇଥିଲା। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନଥିଲା। ବିନା ବିରୋଧୀରେ ଖର୍ଚ୍ଚ ଦାବି ପାରିତ ହୋଇଥିଲା। ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ପରେ ଓଡ଼ିଶା ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ ୨୦୨୬ ବିଲ୍ ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଲ୍‌କୁ ଆଗତ କରି ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ଧ୍ରୁବ ସାହୁ, ଗଣେଶ୍ୱର ବେହେରା, ଅଶୋକ ଦାସ ଓ ସନ୍ତୋଷ ଖଟୁଆ ପ୍ରମୁଖ ଏହି ବିଲ୍ ଉପରେ ନିଜର ମତ ରଖିଥିଲେ। ଏହି ବିଲ୍‌କୁ ଧ୍ୱନୀ ମତରେ ପାରିତ କରାଯାଇଥିଲା। ଏହାପରେ ବିଧାୟକମାନଙ୍କ ଦରମା ସଂଶୋଧନ ବିଲ୍‌କୁ ପ୍ରତ୍ୟାହାର ପାଇଁ ଆଗତ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ କୌଣସି ସରକାରୀ କାର୍ଯ୍ୟ ନଥିବା ଦର୍ଶାଇ ବିଧାନସଭା ଅଧିବେଶନକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ମଧ୍ୟ ପାରିତ ହୋଇଥିଲା।

## ବିଜୁଙ୍କୁ...

ବିଜେଡି ଓ କଂଗ୍ରେସ ସଭ୍ୟ । ଏଥିସହ ଗୃହରେ ନିନ୍ଦା ପ୍ରସ୍ତାବ ଆଲୋଚନା ନେଇ ବାଚସ୍ପତିଙ୍କୁ ନୋଟିସ ଦେଇଛନ୍ତି ବିରୋଧୀ । ଏ ସମ୍ପର୍କରେ ବାଚସ୍ପତି କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇବା ସହ ଆଲୋଚନା କରିବେ ବୋଲି ଗୃହକୁ ଆଶ୍ୱାସନ ଦେଇଥିଲେ ।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭରୁ ଦୀର୍ଘଦିନ ଧରି ଚାଲିଥିବା ଏସ୍‌ସିବି ନିଆଁ ପ୍ରସଙ୍ଗ ଉଭେଇ ଯାଇଥିଲା । ଆଜି ପ୍ରସଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା । ଝାଡ଼ଖଣ୍ଡ ବିଜେପି ସାଂସଦ ନିଶିକାନ୍ତ ଦୁବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିଜେଡି ସାଂସଦ ତୁମ୍ବିତୋଫାନ କରୁଥିବାବେଳେ ବିଧାନସଭାରେ ଜୋରଦାର ବିରୋଧ କରିଛନ୍ତି ବିଜେଡି ଓ କଂଗ୍ରେସ ସଭ୍ୟ । କେବଳ ସେତିକି ନୁହେଁ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଶ୍ରୀ ଦୁବେଙ୍କୁ ସମାଲୋଚନା କରିଛନ୍ତି । ପ୍ରଶ୍ନକାଳ ଆରମ୍ଭ ହେବାକ୍ଷଣି ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ପ୍ରବଳ ହଟ୍ଟଗୋଳ କରିଥିଲେ । ବିଜୁ ବାବୁଙ୍କୁ ଅସମ୍ମାନ ଚଳିବ ନାହିଁ..., ବିଜୁ ବାବୁ ଅମର ରହେ... ନାରାରେ କମ୍ପାଇ ଥିଲେ ଗୃହ । ଫଳରେ ୧୦.୫୨ରୁ ୧୧.୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି ସୁରମା ପାଢ଼ୀ ।

ଶୂନ୍ୟକାଳ ଆରମ୍ଭ ହେବାକ୍ଷଣି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଏହି ଗୃହରେ ଦୀର୍ଘଦିନ ରହିଥିବା ସଦସ୍ୟ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଓଡ଼ିଆଙ୍କୁ ଆଘାତ ଦେଇଛି । ବିଜୁ ପଟ୍ଟନାୟକ ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନ ଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବାଦ ପୁରୁଷଙ୍କ ଅପମାନ ଆଜି ସାରା ଭାରତବର୍ଷ ପ୍ରତିବାଦ କରୁଛି । ଏହି ଗୃହ ନୀରବଦ୍ରଷ୍ଟା ହୋଇ ରହିପାରିବନି । ଚୀନ୍ ସହ ଯୁଦ୍ଧ ସମୟରେ ସେତେବେଳେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ବିଜୁ ବାବୁଙ୍କୁ ଡାକିଥିଲେ ଓ ତାଙ୍କର ପରାମର୍ଶ ନେଇଥିଲେ । ଦେଶକୁ ବିପନ୍ନ ପଡୁଥିଲେ ବିଜୁ ଲୋଡ଼ା ହେଉଥିଲେ । ତେଣୁ ନିନ୍ଦା ପ୍ରସ୍ତାବ ଆଲୋଚନା ପାଇଁ ବାଚସ୍ପତିଙ୍କ ଅନୁମତି ଲୋଡ଼ିଥିଲେ ଶ୍ରୀ ଆଚାର୍ଯ୍ୟ ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ନିଜକୁ ଜଳାଞ୍ଜଳି ଦେଇଛନ୍ତି । ସାଂସଦ ନିଶିକାନ୍ତ ଦୁବେ ଓଡ଼ିଆ ସ୍ୱାଭିମାନ ପ୍ରତି ବାରମ୍ବାର ଅପମାନ ଦେଉଛନ୍ତି । ତେଣୁ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରି ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି । କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀ କହିଥିଲେ, ଜାତି ଧର୍ମ ନିର୍ବିଶେଷରେ ବିଜୁ ବାବୁ ଆମର ସ୍ୱାଭିମାନ । ବିଜୁ ପଟ୍ଟନାୟକ ଦେଶ ନୁହେଁ ଦେଶ ନୁହେଁ ସମ୍ପୂର୍ଣ୍ଣ ବିଶ୍ୱରେ ପରିଚିତ । ଗୋଟିଏ କର୍ପୋରେଟ୍ ହାଉସ୍ ଦଲାଲ ଯଦି କିଛି କୁହନ୍ତି, ବିଜେପି ସଦସ୍ୟ ଏହି କଥାକୁ କିପରି ସମର୍ଥନ କରୁଛନ୍ତି । ଓଡ଼ିଆ ଜାତି ଏହାକୁ କେବେ ବରଦାସ୍ତ କରିବ ନାହିଁ । ସିପିଏମ୍ ନେତା ଲକ୍ଷ୍ମଣ ମୁଣ୍ଡା କହିଲେ, ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ସାଂସଦ ନିଶିକାନ୍ତ ଦୁବେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତା' ଉପରେ ନିନ୍ଦା ପ୍ରସ୍ତାବ ଆଲୋଚନା ହେଉ । ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଗୃହ ଯେଉଁ ଉଦ୍‌ବେଗକୁ ଉପଲବ୍ଧି କରି ନିଷ୍ପତ୍ତି ନନେଲେ ଗୃହରେ ଏହା କଳଙ୍କ ହୋଇଯିବ । ବିଜେପି ସାଂସଦଙ୍କ ଟିପ୍ପଣୀ ଏକ କୁତ୍ସିତ ମାନସିକତା । ଦୁବେଙ୍କ ମୁହଁରେ ତୃତୀୟ ପକ୍ଷଙ୍କ ଜରିଆରେ ଏଭଳି ଅପଶବ୍ଦ କୁହାଯାଇଛି କି ବୋଲି ସେ ପ୍ରଶ୍ନ କରିଥିଲେ ।

ବିଜୁ ବାବୁ ଏପରି ଏକ ବ୍ୟକ୍ତି, ତାଙ୍କ ଶବ ଉପରେ ତିନିଟି ଦେଶର ପତାକା ଯେପରି ଭାରତ, ଇଣ୍ଡୋନେସିଆ ଓ ଋଷିଆ ପତାକା ପଡ଼ିଥିଲା । ଯାହା କୌଣସି ନେତାଙ୍କ ଉପରେ ଏପର୍ଯ୍ୟନ୍ତ ପଡ଼ିନାହିଁ । ତେଣୁ ଏହି ଗୃହରେ ତାଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆସୁ ବୋଲି ସେ ଦାବି କରିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଝାରଖଣ୍ଡର ଜଣେ ସାଂସଦ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଉପରେ ନିନ୍ଦା ପ୍ରସ୍ତାବ ଆଲୋଚନା ହେଉ । ପୂର୍ବ ପୁରୁଷଙ୍କୁ ବଦନାମ କରିବା ପାଇଁ ଏଭଳି ଚକ୍ରାନ୍ତ ହୋଇଛି । ସେପଟେ ବିଜେପି ବିଧାୟକ ସରୋଜ ପ୍ରଧାନ କହିଥିଲେ, ବିଜୁ ପଟ୍ଟନାୟକଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି । ତେବେ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ତାଙ୍କ ପାଇଁ କଣ କରିଛି ବୋଲି ସେ ପ୍ରଶ୍ନ କରିଥିଲେ । ଆଜି ପର୍ଯ୍ୟନ୍ତ ବିଜୁ ଭବନ ବି ନିର୍ମାଣ କରିପାରିନି ବିଜେଡି ବୋଲି ବିରୋଧୀଙ୍କୁ ସମାଲୋଚନା କରିଥିଲେ ଶ୍ରୀ ପ୍ରଧାନ ।

## ପୋଷଣ...

୨.୧୯ କୋଟି ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ସେବା ଦିଆଯାଇଛି ବୋଲି କୁହାଯାଇଥିଲେ ହେଁ ନିୟମ ଅନୁମୋଦିତ ଖର୍ଚ୍ଚ ୫୪୩୦.୭୬ କୋଟି ଟଙ୍କା ତୁଳନାରେ ୪୭୭୭.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଖାଦ୍ୟର ମାନ ଓ ପରିମାଣ ସହ ସାଲିସ ହୋଇଥିବା ସୂଚନା ମିଳୁଛି । ୬ ଜିଲ୍ଲାର ସାମାଜିକ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧.୯୮ ହିତାଧିକାରୀ କୌଣସି ପୋଷଣ ସହାୟତା ପାଇନଥିବା ଜଣାପଡ଼ିଛି । ପିଲାଙ୍କ ଓଜନ ମାପିବା ପାଇଁ କିଣାଯାଇବା ୧୮୨୯୯ ଓଜନ ଯନ୍ତ୍ର ଓ ଅନ୍ୟାନ୍ୟ ଉପକରଣ ନିମ୍ନମାନର ହୋଇଥିବାରୁ ଅଚଳ ଅବସ୍ଥାରେ ଥିଲା । ଅଡିଟ୍ ବେଳେ ୧.୫୭ ଲକ୍ଷ ଶିଶୁ ମଧ୍ୟମ ଧରଣର ଅପପୃଷ୍ଟି ଓ ୪୭୨୩ ଶିଶୁ ସାଂଘାତି ଅପପୃଷ୍ଟିର ଶିକାର ହୋଇଥିଲେ ବୋଲି ଜଣାପଡ଼ିଥିଲା । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଖାଦ୍ୟ ଯୋଗାଣ କ୍ଷେତ୍ରର ପରିବହନ ଏଜେଣ୍ଟ ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଉଳ ଓ ଗହମ ଯୋଗାଣରେ ହରିଲୁଟ୍ ହୋଇଛି । ୫୦ କେଜି ଓଜନର ଚାଉଳ ବସ୍ତାଗୁଡ଼ିକରେ ୧୬.୫ କୋଜି ପର୍ଯ୍ୟନ୍ତ ଚାଉଳ କମ୍ ଥିଲା । ପ୍ରାୟ ୨୦.୮୫ କୋଟି ଟଙ୍କାର ଚାଉଳ ଲୁଟ୍ ହୋଇଥିବା କୁହାଯାଉଛି । ଝାରସୁଗୁଡ଼ା ଜିଲ୍ଲାରେ ପିଲାଙ୍କୁ ଦିଆଯାଉଥିବା ପଚା ଓ ପୋକରା ଚାଉଳ ସମ୍ପୂର୍ଣ୍ଣ ଅଖାଦ୍ୟ ବୋଲି ଜଣାପଡ଼ିଥିଲା । ଗାଉଡ଼ଲାଇନ୍ ଉଲ୍ଲଙ୍ଘନ କରାଯାଇଛି ସୂର୍ଯ୍ୟମୁଖୀ ଓ ରିଫାଇନ୍ ତେଲ ବଦଳରେ ପାମ୍ ଅଏଲ ବ୍ୟବହାର କରାଯାଇଥିଲା । ପ୍ରକ୍ରିୟାକରଣ ଖର୍ଚ୍ଚ ନାମରେ ଏସ୍‌ଏଚ୍‌ଜି ଗୁଡ଼ିକୁ ୫.୭୩ କୋଟି ଅତିରିକ୍ତ ପୈଠ କରାଯାଇଛି । ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଥିବା ୪୨% ଶୌଚାଳୟରେ ବିଦ୍ୟୁତ୍ ସୁବିଧା ନଥିଲା । ଏହା ବ୍ୟତିତ ୧୩୨୫୬ ଅଙ୍ଗନୱାଡି କେନ୍ଦ୍ର ନିଜସବ୍ କକୋଠାରେ କାର୍ଯ୍ୟ କରୁଥିବାବେ ।ଲେ୧୭୦୭ ଅଙ୍ଗନୱାଡ଼ି କେନ୍ଦ୍ର ଭଡା ଘରେ, ୧୬୮୮ଟି କେନ୍ଦ୍ର ବିଦ୍ୟାଳୟ କୋଠାରେ, ୨୦୨୬ଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ଗୋଷ୍ଠୀ କେନ୍ଦ୍ରୀରେ କାର୍ଯ୍ୟ କରୁଥିଲା । ସରକାର ଯୋଗାଇ ଥିବା ୬୫୮୩ ସ୍ମାର୍ଟ ଫୋନ୍ ମାତ୍ର ୧୦ ରୁ ୩୦ ଦିନ ମଧ୍ୟରେ ଅଚଳ ହୋଇପଡ଼ିଥିଲା । ରାୟଗଡା ଜିଲ୍ଲାର ମୁନିଗୁଡ଼ା ବଲକ୍‌ରେ ଦୁଇଟି ସ୍କୁଲର ଅସ୍ତିତ୍ୱ ନଥାଇ ୨୪୮ ଛାତ୍ରଙ୍କ ନାମରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରାଯାଇ ୩.୦୫ ଲକ୍ଷ ଟଙ୍କା ଓ ୫୫.୯୪ କ୍ୱିଣ୍ଟାଲ ଚାଉଳ ହରିଲୁଟ୍ ହୋଇଥିଲା । ବିଭିନ୍ନ କେନ୍ଦ୍ରରେ ୯୨ କୋଟିରୁ ଅଧିକ ଟଙ୍କାର ପାଣ୍ଠି ବେଆଇନ୍ ଭାବେ ପାର୍କିଂ କରି ରଖାଯାଇଥିଲା । କୋଭିଡ ସମୟରେ ସ୍କୁଲ ବନ୍ଦ ଥିବାବେ ଳ ପିଲାଙ୍କୁ ମିଳିବାକୁ ଥିବା ୨୦୪୭ କ୍ୱିଣ୍ଟାଲ ଶୁଖିଲା ଚାଉ ଳ ଓ ୧.୩୪ କୋଟି ଟଙ୍କାର ରନ୍ଧନ ଖାଦ୍ୟ ବଣ୍ଟନ କରାଯାଇଥିଲା । ଗଞ୍ଜାମ ଜିଲ୍ଲାରେ ବିନା କୌଣସି ଚୁକ୍ତିରେ କେତେକ ଏଜେଣ୍ଟ ୪ ବର୍ଷରୁ ଅଧିକ ସମୟ ଧରି ଖାଦ୍ୟ ଯୋଗାଉଥିବାବେଳେ ମୋଟ୍ ନାମ ଲେଖାଇଥିବା ୨.୨୯ କୋଟି ଛାତ୍ରଙ୍କ ମଧ୍ୟରୁ ୪୩%ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅନେକ ସ୍କୁଲରେ ରୋଷେଇ ଘର, ଶୌଚାଳୟ ଓ ପାନୀୟ ଜଳ ଭଳି ସର୍ବନିମ୍ନ ସୁବିଧା ନଥିଲା ଓ ପିଲାମାନେ ଅପରିଷ୍କାର ପରିବେଶରେ ଖାଦ୍ୟ ଗ୍ରହଣ କରୁଥିଲେ ।

BAJAJ FINANCE

**ଖବରକାଗଜରେ ପ୍ରକାଶିତ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସମ୍ପର୍କିତ ସାର୍ବଜନୀନ ବିଜ୍ଞପ୍ତି**

**ବଜାଜ ଫାଇନାନ୍ସ ଲିମିଟେଡ୍**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ୍, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ ସମସ୍ତ ସମ୍ପୃକ୍ତ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି ଯେ, ଯେଉଁ ଋଣଗ୍ରହୀତାମାନେ ଗୋଲ୍ଡ ଲୋନ୍ ନେବା ସମୟରେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଜମା କରିଥିଲେ ଏବଂ ସେମାନେ ଲୋନ୍ ରାଶି ପରିଶୋଧ କରିପାରିନାହାନ୍ତି କିମ୍ବା ଆବଶ୍ୟକ ମାର୍ଜିନ ରାଶି ଜମା କରିପାରିନାହାନ୍ତି, ବାରମ୍ବାର ସୂଚନା ପରେ ମଧ୍ୟ ଯଦି ବିଫଳ ହୁଅନ୍ତି, ତେବେ ସେହି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ "ଯେମିତି ଅଛି, ସେହି ଅବସ୍ଥାରେ" ନିଲାମ ପାଇଁ ଉପସ୍ଥାପନ କରାଯିବ । ନିଲାମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସରଣ କରିବାକୁ ଅନୁରୋଧ ଜଣାଯାଉଛି:

(କ) ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ଲୋନ୍, ଅଳଙ୍କାର, ମୋଟ ଓଜନ, ନିଲାମର ସ୍ଥାନ ଏବଂ ତାରିଖ) ଦେଖିବା ପାଇଁ ପାର୍ଶ୍ୱରେ ଥିବା QR କୋଡ୍ ସ୍କାନ୍ କରନ୍ତୁ।

(ଖ) ଏହି ସାର୍ବଜନୀନ ନିଲାମ ସହ ସମ୍ବନ୍ଧିତ ବିଡରମାନଙ୍କ ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ("T&CS") ପଢିବା ପାଇଁ ନିମ୍ନଲିଖିତ ୱେବଲିଙ୍କକୁ ଭିଜିଟ୍ କରନ୍ତୁ: http://172.30.1.235:3000/?WOUB2QG9WU

(ଗ) ସର୍ତ୍ତ ଓ ନିୟମାବଳୀ ବୁଝିବା ପରେ, ତାହା ଅନୁସାରେ ନିଲାମ ତାରିଖରେ କିମ୍ବା ତାହା ପୂର୍ବରୁ NEFT / RTGS / ବଜାଜ ଗୋଲ୍ଡ ଅକ୍ସନ୍ ଆପ୍ ମାଧ୍ୟମରେ ₹25,000 ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରନ୍ତୁ।

(ଘ) ନିଲାମ ସ୍ଥଳରେ ସକାଳ 10ଟାରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହନ୍ତୁ; ଏବଂ

(ଙ) ନିଲାମ ସ୍ଥଳକୁ ବୈଧ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଆସିବା ଆବଶ୍ୟକ।

(ଚ) ନିଲାମ ତାରିଖରେ ମଧ୍ୟାହ୍ନ 12ଟା ପରେ କୌଣସି ବିଡରଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।

(ଛ) ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଦେଇଥିଲେ ମଧ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମାରେ ଅଂଶଗ୍ରହଣ ନକରିଥିବା ବିଡରମାନଙ୍କୁ ସ୍ୱୀକାର କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଶାଖା ପରିଚାଳକ / ନିଲାମକାରୀଙ୍କ ପାଖରେ ରହିବ।

ସ୍କାନ୍ କରନ୍ତୁ

ନିଲାମର ସ୍ଥାନ ଏବଂ ତାରିଖରେ କୌଣସି ପରିବର୍ତ୍ତନ ହେଲେ, ସେହି ସୂଚନା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବାର ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। ଯେକୌଣସି ପ୍ରକାରର ଜିଜ୍ଞାସା କିମ୍ବା ସ୍ପଷ୍ଟୀକରଣ ପାଇଁ, ନିମ୍ନଲିଖିତ ଇମେଲ୍ ଠିକଣା ମାଧ୍ୟମରେ ଆମ ସହ ସମ୍ପର୍କ କରିପାରିବେ - gold.auction@bajajfinserv.in

(11-05-26) **ଅନୁଗୋଳ - ଗାନ୍ଧୀ ରୋଡ୍:** PJD6SGL16868134, 16980170, 17128817. **ଆଠଗଡ଼ - ବୀରକିଶୋରପୁର:** PCQ8SGL17064503, 17117246. **ବଲାଙ୍ଗୀର - ଗୋପାଳଜୀ ରୋଡ୍ ;** PJD7SGL16892760, 17050844, 17088320, 17208010, 17250632. **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍:** PEI4SGL16879040, 16894380, 17134252, 17297046, 17312382, 17386182. **ବାଲୁଗାଁ - ମେନ୍ ରୋଡ୍:** PCQ9SGL15962534, 16823731. **ବରଗଡ଼ - ଖାରଜଟୀ କାଲା:** PGC3SGL15737435, 16821181, 16823696, 17046462, 17060996, 17178406, 17247121, 17310933. **ବାରିପଦା - KC ସର୍କଲ୍:** PMZ3SGL16124757, 16809950, 17264450, 17341661. (12-05-26) **ବାସୁଦେବପୁର - AB କଲେଜ୍ ଛକ:** PJE1SGL16770769, 16898850, 16891071, 17046955, 17112234, 17224565, 17321455, 17386502. **ବ୍ରହ୍ମପୁର - ଗୋସାନୀ ନୁଆଗାଁ:** PMR7SGL16850100, 17129835, 17162274, 17347513. **ବ୍ରହ୍ମପୁର - କମାପଲ୍ଲି ଛକ:** PB63SGL16050101, 16049657, 16049857, 16049096, 17246209, 17367990. **ଭଦ୍ରକ - ଧାମନଗର ;** PML4SGL16799808, 17263735. **ଭଦ୍ରକ - ସାଲାଣ୍ଡି ବାଇପାସ୍:** PCR1SGL16898834, 17335039. **ଭବାନୀପାଟଣା - ଷ୍ଟାଡିୟମ୍ ରୋଡ୍:** PNU5SGL17038779, 17311580. **ଭୋଗରାଇ - ଥାନା ଛକ:** PLP3SGL16992703, 17241959. (13-05-26) **ଭୁବନ - ନୂଆବଜାର:** POF9SGL16781770, 16806328, 16977129, 17153501, 17216277. **ଭୁବନେଶ୍ୱର - BGL:** PNQ2SGL17086863, 17112014, 17242765. **ଭୁବନେଶ୍ୱର - ସମନ୍ତରପୁର:** POG1SGL17094895. **ବୁଗୁଡ଼ା - ମେନ୍ ରୋଡ୍:** PLH7SGL15781461, 15809004, 15868791, 16120669, 16875690, 16948252, 17060222, 17137958, 17224028, 17242036, 17241052, 17248859, 17268376, 17318956, 17337382, 17338868, 17348492, 17342413. **ଚୌଦ୍ୱାର - କଳିଙ୍ଗ ଛକ:** PLE8SGL16849337, 17015145, 17068569, 17084880, 17183354, 17214320. **କଟକ - ଲିଙ୍କ ରୋଡ୍:** PGG9SGL17061181, 17084438, 17107630, 17209906, 17210243. **ଦେବଗଡ଼ - ଟ୍ରାଫିକ୍ ଛକ ନିକଟରେ:** PPH3SGL17225983, 17261135, 17289312, 17286086. (14-05-26) **ଦିଗପହଣ୍ଡି - ମେନ୍ ରୋଡ୍:** POG4SGL16881301, 17016644, 17341840, 17348573. **ଜଗତସିଂହପୁର - ଦୁର୍ଗାବଜାର:** PU42SGL14762445, 15784681, 15832140, 16832972, 17095497, 17315181, 17348818, 17369000. **ଜଗତସିଂହପୁର - ରହମା;** PML9SGL17337595. **ଯାଜପୁର - ମଙ୍ଗଳପୁର:** PLF4SGL16810660, 17155866. **ଯାଜପୁର - ସିଂହପୁର:** PLS4SGL16799817, 16876037, 17049139, 17068362, 17106531, 17209921. **ଯାଜପୁର - ଟାଉନ୍ ଶୀତଳେଶ୍ୱର:** PJU7SGL17062473, 17157481. **ଯାଜପୁର ରୋଡ୍ - ବ୍ୟାଙ୍କ ଷ୍ଟ୍ରିଟ୍:** PKI2SGL16927407, 17065541. (15-05-26) **ଜଟଣୀ - ମେନ୍ ରୋଡ୍:** PCR2SGL13816592, 15809091, 17133317, 17248301. **ଜୟପୁର - ଏମ୍.ଜି ରୋଡ୍:** PGH2SGL16770761, 16804859, 16826111, 16869863, 16893885, 16950822, 17015191, 17037917, 17135662, 17270530, 17315414, 17341823. **ଝାରସୁଗୁଡ଼ା - ବେହାରମାଲ:** PG62SGL16778819, 16953452, 16947428, 16994406, 16999295, 17176329, 17348759. **କଣିହାଁ - NTPC ବାଇପାସ୍ ରୋଡ୍:** PNU3SGL17165279, 17372866. **କେନ୍ଦ୍ରାପଡ଼ା - କଲେଜ୍ ସ୍କୋୟାର୍:** PGT6SGL16935993, 17313262. **ଖୋର୍ଦ୍ଧା - ମେନ୍ ଟାଉନ୍:** PDA3SGL17210218, 17212880. **କୁଚିଣ୍ଡା - BGL:** POA3SGL16773585, 16805826, 16853667, 17013299, 17061238, 17063259, 17064351, 17117516, 17131477, 17159696, 17261462, 17263086. (18-05-26) **ମଦନପୁର ରାମପୁର - ମେନ୍ ରୋଡ୍:** PLF2SGL16776451, 17116358, 17129600. **ନବରଙ୍ଗପୁର - ପଟେଲ ମାର୍ଗ:** PCR3SGL16946839, 17023617, 17064266, 17063300, 17248012, 17265447, 17311479, 17367498. **ନୟାଗଡ଼ - ଖଣ୍ଡପଡ଼ା ରୋଡ୍:** PMR9SGL16776547, 17013176, 17012790. **ନିଆଳି - ମେନ୍ ରୋଡ୍:** PJD4SGL15863904, 16125265, 16996176, 17015604, 17137962. **ନୀଳଗିରି - ମେନ୍ ରୋଡ୍:** PL08SGL17094026, 17266559. **ନିମାପଡ଼ା - ଗଣେଶ ବଜାର:** PJE2SGL17179716, 17333646. **ନୂଆପଡ଼ା - ମେନ୍ ରୋଡ୍:** P86HSGL16893476, 17013069, 17047365, 17287156, 17344499, 17378223, 17369535. (19-05-26) **ପଟ୍ଟାମୁଣ୍ଡାଇ - ମେନ୍ ରୋଡ୍:** POH6SGL17322493, 17379173. **ଫୁଲବାଣୀ - BGL ;** P93ASGL15637808, 15664891, 15734885, 15782735, 15800446, 15799652, 16798447, 16874736, 16873790, 16897602, 16980223, 16974690, 17136619, 17137080, 17321379. **ପିପିଲି - ହାଟ ଛକ:** PGE1SGL16778139, 17187703. **ପୁରୀ - କୋଣାର୍କ ରୋଡ୍:** POG3SGL17097558, 17118382, 17243041. **ରଘୁନାଥପୁର - ଗୋପାଳପୁର:** POF6SGL17108989, 17238344, 17262845. **ରାଜଗାଙ୍ଗପୁର - ମେନ୍ ରୋଡ୍:** PNV9SGL16797761, 16830941, 17371832. **ରାଜନଗର - ମେନ୍ ରୋଡ୍:** PLJ3SGL15801294, 15802200, 15983663, 16102064, 16946597, 17044737, 17069628, 17066960, 17086457, 17248942, 17344322. (20-05-26) **ରାୟଗଡ଼ - PSR ରୋଡ୍:** PCR4SGL16802180, 16872444, 17186813, 17285124, 17314037, 17326538, 17371048. **ରାଉରକେଲା - ଡେଲି ମାର୍କେଟ୍:** POH1SGL16834683, 16878513, 17157444. **ରାଉରକେଲା - କୋଏଲ ନଗର:** PER3SGL15662391, 16957320, 17075943, 17076019, 17211737, 17264245. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍:** PJU9SGL16770334, 17220979, 17382184. **ତାଳଚେର - ହତାତୋଡା ଛକ:** PJU8SGL17063615, 17221148. **ଟାଙ୍ଗୀ - ମେନ୍ ରୋଡ୍:** PG01SGL16977920, 17084591, 17177828, 17268600, 17348098. **ଉମରକୋଟ - ଗୁଳିପାଟଣା:** PJE3SGL16771693, 17084433, 17159151, 17278273, 17370984.

**ବଜାଜ ଫାଇନାନ୍ସ ଲିମିଟେଡ୍**

15001/15/2526



**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ - ୨୦୨୬**

**୧ ଅପ୍ରେଲ ୨୦୨୬**

**ସକାଳ ୯.୩୦ | ସୁଆଣ୍ଡୋ, ପୁରୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ସାଧାରଣ ସଭା

**ସନ୍ଧ୍ୟା ୫.୩୦ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ

ସାଧାରଣ ସଭା

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**, ସାଂସଦ, ଭୁବନେଶ୍ୱର

**ଶ୍ରୀଯୁକ୍ତ ବାବୁ ସିଂ**, ବିଧାୟକ, ଏକାମ୍ର-ଭୁବନେଶ୍ୱର

**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ବିଧାୟକ, ଭୁବନେଶ୍ୱର (ମଧ୍ୟ)

**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ବିଧାୟକ, ଭୁବନେଶ୍ୱର (ଉତ୍ତର)

ରାଜ୍ୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଏବଂ କୃତୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ରେଡ୍‌କ୍ରସ ସମ୍ମାନ ପ୍ରଦାନ

ସାଂସ୍କୃତିକ କାର୍ଯ୍ୟକ୍ରମ

ଓଡ଼ିଶୀ, ସମ୍ବଲପୁରୀ, ପଲ୍ଲୀନୃତ୍ୟ, ସାହିଯାତ

ସୌଜନ୍ୟ : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସାଦର ଆମନ୍ତ୍ରଣ**

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

OIPR: 15001/15001/2/25-26/0015

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## କଟକ ପେନ୍‌ସନ୍ ଲେନ ନଉଜବାନ କମିଟି ପକ୍ଷରୁ ଇଦ୍ ମିଳନ




କଟକ, (ସବ୍ୟୁ) : ସ୍ଥାନୀୟ ବକ୍ସିବଜାର ମାର୍କେଟ ସ୍ଥିତ ପେନସନ ଲେନ ଗଳି ଛକରେ ପେନସନ ଲେନ ନଉଯବାନ କମିଟି ପକ୍ଷରୁ ପବିତ୍ର ଇଦ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବନେତା ସେକ ଆବିଦ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ ନଉଜବାନ କମିଟି ସ୍ଥାନୀୟ ଅଞ୍ଚଳ ସମେତ କଟକ ସହରର ବିକାଶ ଦିଗରେ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ହୋଇ ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟିକା ଇଂ ସୋଫିୟା ଫିରଦୋଷ ଯୋଗଦେଇ ସାହି ବସ୍ତିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିରନ୍ତର ସହଯୋଗ କରିବେ ବୋଲି କହି କମିଟିର ଭାଇଚାରା କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଶ୍ରୀଦେବୀ ଯୋଗ ଦେଇଥିଲେ । ବରିଷ୍ଠ ଫୁଟବଲ ଖେଳାଳି ଯବିଉଲ୍ଲା ଯୋଗଦେଇ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ କହିଲେ ନଉଜବାନ କମିଟି ଏଦିଗରେ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳର ଝିଅମାନେ କିପରି ଶିକ୍ଷିତ ହେବ ଦିଗରେ ସଚେତନା ସୃଷ୍ଟି କରିଥିଲେ । କମିଟିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଞ୍ଚଳର ସାହି ମୁରବି, ମାନ୍ୟଗଣ୍ୟ ବ୍ୟକ୍ତି ଓ କମିଟିର ଉପଦେଷ୍ଟା ପ୍ରମୁଖଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ କମିଟିର ସମ୍ପାଦକ ସେକ ଗୁଲାମ ମୋହିଉଦ୍ଦୀନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ବେଦାନ୍ତ ଆଲୁମିନିୟମ ଉତ୍କଳ ଦିବସ ଅବସରରେ ଓଡ଼ିଶା ପ୍ରତି ତାର ପ୍ରତିବଦ୍ଧତାକୁ ଦୋହରାଇଛି

## ସାରା ଓଡ଼ିଶାରେ ପାଇପଲାଇନରେ ୧.୮ ଲକ୍ଷ କୋଟିର ନୂଆ ନିବେଶ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ୧୦୦% ମୂଲ୍ୟ ସଂଯୋଜନ କରୁଥିବା ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଉତ୍କଳ ଦିବସ ଅବସରରେ ରାଜ୍ୟ ପ୍ରତି ଏହାର ଦୀର୍ଘକାଳୀନ ପ୍ରତିବଦ୍ଧତା ଘୋଷଣା କରିଛି । ପାଇପଲାଇନରେ ଟ.୧.୮ ଲକ୍ଷ କୋଟିର ଯୋଜନାବଦ୍ଧ ନିବେଶ ଏବଂ ପୂର୍ବରୁ ଟ. ୧ ଲକ୍ଷ କୋଟିରୁ ଅଧିକ ନିବେଶ ସହ କମ୍ପାନି ଆଜି ପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି । ଆଲୁମିନିୟମ, ଲୁହା ଖଣିଜ, ବିଦ୍ୟୁତ ଓ ସଂପୃକ୍ତ ବ୍ୟବସାୟ ସହ ବେଦାନ୍ତର ଓଡ଼ିଶାର କାର୍ଯ୍ୟ ଗୁଡ଼ିକ ବାର୍ଷିକ ରାଜକୋଷରେ ଟ.୯୦୦୦ କୋଟିରୁ ଅଧିକ ଅବଦାନ ରଖି ଆସିଛି ଓ ରାଜ୍ୟ ଜିଡିପିକୁ ୩% ଅବଦାନ ଯୋଗାଏ । କମ୍ପାନି ରାଜ୍ୟରେ ସଂପୂର୍ଣ୍ଣ ସମନ୍ୱିତ ବିଶ୍ୱସ୍ତରୀୟ ଆଲୁମିନିୟମ ସଂପତି ପରିଚାଳନା କରେ, ଯାହା ବକ୍ସାଇଟ ଠାରୁ ଆରମ୍ଭ କରି ସମାପ୍ତ ଆଲୁମିନିୟମ ଉତ୍ପାଦ ଯାଏ ମୂଲ୍ୟ ଶୃଙ୍ଖଳକୁ ବିସ୍ତାର କରେ । ଝାରସୁଗୁଡ଼ାରେ ବୃହତ ଆଲୁମିନିୟମ ପ୍ଲାଣ୍ଟ ଏହା ୧.୮ଏମଟିପିଏ ଓ ଲାଂଜିଗଡ଼ରେ ୫ ଏମଟିପିଏ



ଆଲୁମିନା ରିଫାନାରୀକୁ ପରିଚାଳିତ କରୁଥିବାବେଳେ ବିଶ୍ୱ ଆଲୁମିନା ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ସଂପତି ମଧ୍ୟରୁ ଅନ୍ୟତମ ।

ପରବର୍ତି ପର୍ଯ୍ୟାୟରେ ଆଗକୁ ବଢି ବେଦାନ୍ତ ଓଡ଼ିଶାର ଢେଙ୍କାନାଳ ଓ ରାୟଗଡ଼ା ଜିଲ୍ଲାରେ ଟ.୧.୮ ଲକ୍ଷ କୋଟି ଟଙ୍କାର ଏକ ଗ୍ରୀନ ଫିଲ୍ଡ ପ୍ରକଳ୍ପ ପ୍ରସାର କରୁଛି । ଏଥିରେ ୩ ଏମଟିପିଏ ଆଲୁମିନିୟମ ସ୍ମେଲଟର ଏକ ୪୯୦୦ଏମଡବଲ୍ୟୁ ପାୱାରପ୍ଲାଣ୍ଟ, ଏକ ୬ ଏମଟିପିଏ

- ଆଜି ପର୍ଯ୍ୟନ୍ତ ୧ ଲକ୍ଷ କୋଟି ନିବେଶ: ଆରମ୍ଭରୁ ୫ ଲକ୍ଷ ନିଯୁକ୍ତି ସୃଷ୍ଟି
- ଓଡ଼ିଶା କାର୍ଯ୍ୟରୁ ବାର୍ଷିକ ରାଜକୋଷକୁ ୯,୦୦୦ କୋଟିର ଯୋଗଦାନ
- ଓଡ଼ିଶା ମୋଟ ରାଜ୍ୟ ଘରୋଇ ଉତ୍ପାଦରେ ୩% ଯୋଗଦାନ କରେ

ଆଲୁମିନା ରିଫାଇନାରୀ ଓ ବିଶ୍ୱସ୍ତରୀୟ ଡାଉନଷ୍ଟ୍ରିମ ଆଲୁମିନିୟମ ପାର୍କ ରହିଛି । ପ୍ରସ୍ତାବିତ ବିକାଶ ପ୍ରକ୍ରିୟାରେ ୫୦,୦୦୦ ପର୍ଯ୍ୟନ୍ତ ନିଯୁକ୍ତି ଓ ସମୟ ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି । ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ନିରନ୍ତର ନିବେଶ ବଡ଼ ଧରଣର ଅର୍ଥନୈତିକ ଅଂଶଗ୍ରହଣ, ଶିଳ୍ପ ଗଭୀରତା ଓ ବିଶ୍ୱବଜାର ସମନ୍ୱୟରେ ପରିଣତ ହୋଇଛି । ଏହା ବ୍ୟତୀତ ଅନୁନ୍ନତ ଅଂଚଳରେ ଏହାର ଲକ୍ଷ୍ୟ ନିବେଶ ନୀତି ଆୟୋଗ ଦ୍ୱାରା କଳାହାଣ୍ଡିକୁ ଏକ ବିକଶିତ ଜିଲ୍ଲାରେ ପରିଗଣିତ କରିବା । ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଭାରତର ଭବିଷ୍ୟତ ପାଇଁ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଆର୍ଥିକ ବର୍ଷ ୨୦୪୭ ସୁଦ୍ଧା ଚାହିଦା ଛଅଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି । ଆମେ ସର୍ବବୃହତ ବକ୍ସାଇଟ ଭଣ୍ଡାର ସହ ଓଡ଼ିଶାର ସ୍ୱାଭାବିକ ଭାବରେ ଏହି ଅଭିବୃଦ୍ଧିକୁ ସମର୍ଥନ କରିବାକୁ ପ୍ରସ୍ତୁତ । ଆମର ଆଗାମୀ ଲକ୍ଷ୍ୟ ଭାରତର ଆଲୁମିନିୟମ ଆମ୍ ନିର୍ଭରଶୀଳତାକୁ ସଦୃଢ଼ କରିବା, ବୃହତ ପରିମାଣରେ ନିଯୁକ୍ତି ସୃଷ୍ଟି କରିବା ଓ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଦୃଢ଼ କରିବା । ଆମେ ଓଡ଼ିଶା ସରକାରଙ୍କ ସକ୍ରିୟ ସମର୍ଥନକୁ ପ୍ରଶଂସା କରୁଛୁ ଏବଂ ଉତ୍କଳ ଦିବସରେ ଓଡ଼ିଶାକୁ ବିଶ୍ୱର ଆଲୁମିନିୟମ ରାଜଧାନୀ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପୁନଃନିବେଶ କରୁଛୁ । ଏହାର ଶିଳ୍ପ ପାଦଚିହ୍ନ ବ୍ୟତୀତ ବେଦାନ୍ତ ଆଲୁମିନିୟମ ସାମୁଦାୟିକ ବିକାଶ ପଦକ୍ଷେପରେ ଟ.୫୦୦ କୋଟିରୁ ଅଧିକ ନିବେଶ କରିଛି, ଯାହା ଓଡ଼ିଶାରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି ।

## ଓ.ପି. ଜିନ୍ଦଲଙ୍କ ଶ୍ରାଦ୍ଧ ବାର୍ଷିକୀରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ଓ.ପି ଜିନ୍ଦଲ ଗ୍ରୁପର ସ୍ଥପତି ଏବଂ ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କୁ ତାଙ୍କ ପୁଣ୍ୟତିଥିରେ ମଙ୍ଗଳବାର ଦିନ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗର କର୍ମଚାରୀ, ଶ୍ରମିକମାନେ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

ଏହି ଅବସରରେ ବଡବିଲ୍ କାର୍ଯ୍ୟାଳୟ, ନାରାୟଣପୋଷି ଖଣି, ନୂଆଗାଁ ଖଣି, ଗଣୁଆ ଖଣି ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ସ୍ମାରକୀ ସେବା ଅନୁଷ୍ଠିତ ହୋଇଥିଲା । ଏହି ଦିନଟି ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ସ୍ଥାୟୀ ଐତିହ୍ୟର ପ୍ରତି ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଏବଂ ସାମୂହିକ ସ୍ମୃତିରେ ପାଳନ କରାଯାଇଥିଲା । ବଡବିଲ୍ କାର୍ଯ୍ୟାଳୟରେ, ପ୍ରସନ୍ନ ପଣ୍ଡା (ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ), ଚିତ୍ତରଞ୍ଜନ ବାହାନୀପତି (ଏଚ୍‌ଆର ମୁଖ୍ୟ- ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ), ଏବଂ ରାମ ଶଙ୍କର



ଶର୍ମା (ଅପରେସନ୍ସ ଏବଂ ପ୍ରୋଜେକ୍ଟ ମୁଖ୍ୟ- ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ) ସମେତ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତଃ ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ କର୍ମଚାରୀମାନଙ୍କ ସହିତ ଯୋଗ ଦେଇଥିଲେ । ଏକ ସ୍ମାରକୀ ସେବା ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ କର୍ମଚାରୀମାନେ ଇସ୍ପାତ ଶିଳ୍ପ ଏବଂ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ପ୍ରତିଫଳିତ ହୋଇଥିଲେ । ନାରାୟଣପୋଷି, ନୂଆଗାଁ, ଗଣୁଆ ମାଇନ୍ସ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ସମାନ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଯୁବତୀଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ ଅଭିଯୋଗ : ଯୁବକ ଗିରଫ

ପୁରୀ, (ସବ୍ୟୁ): ଜଣେ ଯୁବତୀଙ୍କ ସହ ଶାରୀରିକ ସଂପର୍କ ରଖିବା, ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁରୀ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଦୋଳମଣ୍ଡପ ସାହିର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତ ଯୁବକ ଜଣଙ୍କ ପରିଚୟ ହେଲା ଟାଉନ ଥାନା ଅଧିନ ଦୋଳମଣ୍ଡପ ସାହିର ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର(୨୨) । ଥାନାରେ ଅଭିଯୋଗ କରି ଥିବା ଅଭିଯୋଗକାରିଣୀ ଯୁବତୀ ଜଣଙ୍କ ଘର ଟାଉନ ଥାନା ଅନ୍ତର୍ଗତ ବାଲିସାହି ଅଟେ । ଅଭିଯୁକ୍ତ ଶ୍ରଦ୍ଧାନନ୍ଦଙ୍କ ସହିତ ପିଡିତା ଯୁବତୀଙ୍କ ବନ୍ଧୁତା ସୋସିଆଲ ମିଡ଼ିଆରେ ସୃଷ୍ଟି ହୋଇ ଥିଲା । କ୍ରମେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇ ଥିଲା । ଉଭୟଙ୍କ ମଧ୍ୟରେ ଶାରୀରିକ ସଂପର୍କ ସ୍ଥାପନ ହୋଇଥିଲା । ତେବେ ଅଭିଯୁକ୍ତ ଯୁବକ ଜଣଙ୍କ ଯୁବତୀଙ୍କ ସରଳତାର ସୁଯୋଗ ନେଇ ଅନ୍ତରଙ୍ଗ ମୁହୂର୍ତ୍ତର କେତେକ ଅଶ୍ଳୀଳ ଫଟୋ ଉଠାଇ ଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଉକ୍ତ ଆପତ୍ତିଜନକ ଫଟୋ ଓ ଭିଡିଓକୁ ୱାଟସଆପରେ ବିଭିନ୍ନ ଲୋକଙ୍କୁ ସେଆର କରି ଥିଲେ । ଏହି ଘଟଣା ଜଣା ପଡିବା ପରେ ଯୁବତୀ ପୁରୀ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏତଲା ଦାୟର କରିଥିଲେ । ଯୁବତୀଙ୍କ ଅଭିଯୋଗ କ୍ରମେ ପୁଲିସ କେସ ନମ୍ବର ୩/୨୬ କ୍ରମେ ଦଫା ୭୭/୩୫୧/୩୫୬ ବିଏନସ ଓ ଆଇ ଟି ଆକ୍ଟ ର ଦଫା ୬୬(ଇ) ଓ ୬୭(ଏ) ବଳରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । କୋର୍ଟ ଅଭିଯୁକ୍ତର ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ତାକୁ ଜେଲକୁ ପଠାଇ ଦେଇଛି ।

## ଅଏଲ୍ ଇଣ୍ଡିଆ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଅଏଲ୍ ଇଣ୍ଡିଆ ଲିମିଟେଡ୍, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ' (ଏନସିଏମ୍‌ଏମ୍) ଅଧୀନରେ ସର୍ବବୃହତ 'କ୍ରିଟିକାଲ୍ ମିନେରାଲ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବେ ସ୍ୱୀକୃତି ପ୍ରାପ୍ତ ସିଏସଆଇଆର--ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି), ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହି ରଣନୈତିକ ସ ହଭାଗିତାର ଲକ୍ଷ୍ୟ ହେଉଛି 'ଆତ୍ମନିର୍ଭର ଭାରତ' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବାରେ ସହାୟକ ହେବା । ଏହି ବୁଝାମଣାପତ୍ର ସ୍ୱାକ୍ଷର ସହିତ, ଅଏଲ୍ ଇଣ୍ଡିଆ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଥିବା ସିଏସଆଇଆର-ଆଇଏମଏମଟିର ପ୍ରଥମ "ଇଣ୍ଡଷ୍ଟ୍ରିସ୍ୱୋକ୍" ହୋଇପାରିଛି, ଯାହା ସାଲୋମା ୟୋମଦୋ ଏବଂ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।



ବିଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ଥାପନ କରିଛି । ଅଏଲ୍ ଇଣ୍ଡିଆର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ଼ ରଞ୍ଜିତ ରଥଙ୍କ ଉପସ୍ଥିତିରେ, ଅଏଲ୍ ଇଣ୍ଡିଆର ନିର୍ଦ୍ଦେଶକ (ଅନ୍ୱେଷଣ ଏବଂ ବିକାଶ) ଏହି ଅବସରରେ ଡ଼ ରଞ୍ଜିତ ରଥ କହିଛନ୍ତି ଯେ, ଏହି ଏମ୍‌ଓୟୁଫଳରେ ଏନସିଏମ୍‌ଏମ୍‌ଅଧୀନରେ କେବଳ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ନୁହେଁ ବରଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅଏଲ୍ ଇଣ୍ଡିଆର ସହଭାଗିତା ବୃଦ୍ଧି ପାଇବ ।

## ଖ୍ରୀଷ୍ଟ କଲେଜର ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଟକ, (ସବ୍ୟୁ):ଖ୍ରୀଷ୍ଟକଲେଜ ଶିକ୍ଷକ ସଂଘ ତରଫରୁ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କଲେଜର ଅଧ୍ୟକ୍ଷା ଶ୍ରୀମତୀ ମଧୁମିତା ପାତ୍ର ସଭାପତିତ୍ୱ କରି ଡଃ ଶୁକ୍ଳଙ୍କର ଓଡ଼ିଆ ପାଠ୍ୟଦାନରେ ପାରଦର୍ଶିତା, କାର୍ଯ୍ୟନିପୁଣତା, ସାହିତ୍ୟସର୍ଜନା ସଂପର୍କରେ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ସଂଘର ସଂପାଦକ ଡଃ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଡଃ ଶୁକ୍ଳଙ୍କର ଜ୍ଞାନ ସମ୍ବଳିତ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଡଃ ଶୁକ୍ଳଙ୍କୁ ସମ୍ବର୍ଦ୍ଧନାସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ଡଃ ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ମାନପତ୍ର ପାଠ କରିଥିଲେ । ଡଃ କ୍ଷଣପ୍ରଭା ନନ୍ଦ, ଡଃ ଦେବଯାନୀ ଦାଶ, ଅଧ୍ୟାପକ ସୁମନ ରଏ, ଡଃ ବିନୀତା ନନ୍ଦ, ଡଃ କୃତିବାସ ଷଡଙ୍ଗୀ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ଆଲୋକ ମିଶ୍ର, ଡଃ ଜେହାରା ଜବୀନ, ଅଧ୍ୟାପିକା ସ୍ୱାତୀ ଦାଶ, ଡଃ କବିତା ଜେନା, ଅଧ୍ୟାପକ ସୁବ୍ରତ ବଳ, ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଡଃ ସଞ୍ଜିତ ବିଶ୍ୱାସ ପ୍ରମୁଖ ଡଃ ଶୁକ୍ଳଙ୍କର ପ୍ରତିଭାଦୀପ୍ତ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହ ସମ୍ପାଦକ ଡଃ ଦୀପକ କୁମାର ଦାଶ ।

## "ମୋ କଟକସୁରକ୍ଷା ମଞ୍ଚ'ର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ ୩ ରେ

କଟକ, (ସ୍ୱପ୍ର) : ଆସନ୍ତା ୩ ତାରିଖ ଶୁକ୍ରବାର "ମୋ କଟକସୁରକ୍ଷା ମଞ୍ଚ'ର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପରେ ଅନୁଷ୍ଠିତ ହେବ । କଟକ ସହର ସମସ୍ୟାର ସମାଧାନ ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ସଦାସର୍ବଦା ଲଢେଇ କରୁଥିବା ଅଗ୍ରଣୀ ସାମାଜିକ ସଙ୍ଗଠନ "ମୋ କଟକ ସୁରକ୍ଷା ମଞ୍ଚ'ର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ କଟକ ସହରର ପୂଜାକମିଟି, ସାହି ମୁରବୀ, ବୁଦ୍ଧିଜୀବୀ, ସାମାଜିକ ସଙ୍ଗଠନ, ରାଜନୈତିକ ଦଳର ବ୍ୟକ୍ତିବିଶେଷ, ମାନବାଧିକାର, ସୂଚନା ଅଧିକାର କର୍ମୀ ଓ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଓ ସଭାପତି ଅକ୍ଷୟ ପଣ୍ଡା ଏକ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି ।

## ଡାକ୍ତର ଲକ୍ଷ୍ମୀକାନ୍ତ ନନ୍ଦ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଚିକିତ୍ସକ ନିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ହୋମିଓପାଥିକ ଚିକିତ୍ସାବିତ୍ ତଥା ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଭୁବନେଶ୍ୱରର ପ୍ରାକ୍ତନ ଅଧ୍ୟକ୍ଷ ଓ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ନନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅବୈତନିକ ବ୍ୟକ୍ତିଗତ ଚିକିତ୍ସକ ଭାବେ ନିଯୁକ୍ତି ପାଇଛନ୍ତି । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏ ସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟର ଡାକ୍ତର ମହଲରେ ଖୁସିର ଲହରି ଖେଳିଯାଇଛି । ରାଜ୍ୟ ତଥା ଦେଶରେ ହୋମିଓପାଥିକ୍ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ପ୍ରଫେସର



ନନ୍ଦନଙ୍କର ବିଶେଷ ଅବଦାନ ରହିଛି । ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ସେ ବହୁ ସୁନାମର ଅଧିକାରୀ । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଫେସର ନନ୍ଦ ଆୟୁଷ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅଧ୍ୟକ୍ଷ ରୂପେ କାର୍ଯ୍ୟ କରି ଆସୁଥିଲେ ।

## ସ୍ୱୟଂ ସଙ୍ଗୀତ ମ୍ୟୁଜିକାଲ ଗ୍ରୁପ୍‌ର ଅଭୁଲା ଅତୀତ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସ୍ୱୟଂ ସଙ୍ଗୀତ ଗ୍ରୁପର ଚତୁର୍ଥ ପଦାର୍ପଣ ଅଭୁଲା ଅତୀତ ମନଛୁଆଁ ଓଡିଆ ସଙ୍ଗୀତ ପରିବେଷଣର କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଡ. ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୋଫିଆ ଆଲମ୍, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଚ୍ଛାୟତ, ପୂର୍ବତନ ସହ ନିର୍ଦ୍ଦେଶିକା ମତ୍ସ୍ୟ ବିଭାଗ, ପ୍ରଭାତ ନଳିନୀ ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ ।

ସୁଲଳିତ ସଙ୍ଗୀତର ଏହି ଅପୂର୍ବ ସନ୍ଧ୍ୟାରେ ହୃଦୟ ସ୍ୱର୍ଣ୍ଣ ଜଣାଣ, ମୋତେ ଭାରି ଲାଜ ଲାଗେରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସପନ



ବିଳାସୀ, ଏ ମୋର ମାନସି, କେତେ ବଜାଉ ବଇଁଶୀ ରେ, ବଧୂ ହସେ ମଧୁ, ସମୀରେ ଶୁରେ ଗାଇ ପ୍ରଭୃତି ମନଛୁଆଁ ସଙ୍ଗୀତର ପରିବେଷଣ ଶ୍ରୋତା ମାନଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା । ସ୍ୱୟ ସଙ୍ଗୀତ ଗ୍ରୁପ୍‌ର ଆୟୋଜକ ଅଜୟ ରଥଙ୍କ ଦିଗ ଦର୍ଶନ ତଥା ସଙ୍ଗୀତ ଚୟନକୁ ଦର୍ଶକ ଭୂରି ଭୂରି ପ୍ରଶଂସା କରିବା ସହିତ ମମତା ରାଉତରାୟ, ବିଷ୍ଣୁ ଚରଣ ନାୟକ, ରଜନି ଶତପଥି, ଅର୍ଚ୍ଚନା ପ୍ରଭୃତିଙ୍କୁ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା ।

### ଏଲ୍‌ପିଜି ସିଲିଣ୍ଡର୍ କଳାବଜାରୀ ରୋକିବା ନେଇ ସମୀକ୍ଷା କଲେ ଜିଲ୍ଲାପାଳ

## ୧୦୨ ସିଲିଣ୍ଡର ଜବତ କରିଛି ଯୋଗାଣ ବିଭାଗ

କଟକ, (ସବ୍ୟୁ): ଜିଲ୍ଲାରେ ଏଲପିଜି ସିଲିଣ୍ଡର କଳାବଜାରୀକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନସିଂ ଜରିଆରେ ବରିଷ୍ଠ ସଂପୃକ୍ତ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ, ହସ୍ପିଟାଲ ଓ ଅଙ୍ଗନବାଡି କେନ୍ଦ୍ରରେ ଗ୍ୟାସ ଅଭାବ ଯୋଗୁ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୋଇନାହିଁ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଘରୋଇ ଉପଭୋକ୍ତାଙ୍କ ସମେତ ବାଣିଜିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟ ଗୁଡିକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଇ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଏଥିସହ ବାଣିଜିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟ ଗୁଡିକୁ ବାଧ୍ୟତାମୂଳକ ଭାବେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗ ନେବାକୁ ଜିଲ୍ଲାପାଳ ମତପ୍ରକାଶ କରିଥିଲେ । ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ



ସଂଯୋଗୀକରଣ ନେଇ ଉପଭୋକ୍ତା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଗ୍ୟାସ କଳାବଜାରୀ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହିପରି କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିୟମିତଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଉପସ୍ଥିତ ପୁଲିସ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପରିସ୍ଥିତିରେ ଜନ ସାଧାରଣ ଯେପରି ଏଲ ପି ଜି ପାଇବାରୁ ବଞ୍ଚିତ ନ ହୋଇ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ ସିଡିଏ ସମେତ କଟକ ସହରର ବିଭିନ୍ନ ଅଞ୍ଚଳରୁ ସମୁଦାୟ ୧୦୨ ଟି ଏଲପିଜି ସିଲିଣ୍ଡର ଜବତ କରିଛି ।

## ଜମି ଜବରଦଖଲ ଯୋଗୁ ୩୪.୩୧ ଲକ୍ଷ କ୍ଷତି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଜବରଦଖଲ ଯୋଗୁ ୩୪.୩୧ଲକ୍ଷ ଟଙ୍କା କ୍ଷତି ହୋଇଥିବା ବଡଗଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସୁଶାନ୍ତ କୁମାର ପାତ୍ର (୫୩)କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୋଗକାରିଣୀ "ମେସର୍ସ କାର୍ଗୋଲାଇନ୍ସ' ଫାର୍ମର ମାଲିକ ହୋଇଥିବାରୁ ୨୦୨୧ ମସିହାରେ ରଘୁନାଥପୁର ମୌଜାରେ ଦୁଇଟି ପ୍ଲଟ୍ କିଣି ଦଖଲରେ ଥିଲେ । ପରେ ଜଣାପଡିଲା ଯେ, କିଛି ଅଭିଯୁକ୍ତ ପରସ୍ପର ମିଶି ଜାଲ୍ ରିଜୋଲ୍ୟୁସନ୍, ସିଲ୍ ଏବଂ ଦସ୍ତଖତ ସହ ଜାଲ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଅଭିଯୋଗକାରିଣୀଙ୍କ ଅଜାଣତରେ ସବ୍‌ରେଜିଷ୍ଟ୍ରର ଅଫିସ୍‌ରେ ପ୍ରତାରଣାତ୍ମକ ଭାବେ ବିକ୍ରୟ ଡିଡ୍ ବାତିଲ କରିଥିଲେ । ନିଜକୁ ଅଧିକୃତ ପ୍ରତିନିଧି ଭାବେ ପରିଚୟ ଦେଇଥିଲେ ।

ପରବର୍ତ୍ତୀ ସମୟରେ ସେମାନେ ପାଓ୍ୱାର ଅଫ୍ ଆଟର୍ଣ୍ଣି ଏବଂ ଡେଭଲପ୍‌ମେଣ୍ଟ ଏଗ୍ରିମେଣ୍ଟ କାର୍ଯ୍ୟକାରୀ କରି ବ୍ୟବସାୟିକ ଲାଭ ଉଦ୍ଦେଶ୍ୟରେ ଜମି ଉପରେ ଅବୈଧ ଦଖଲ କରିଥିଲେ । ଯାହା ଫଳରେ ଅଭିଯୋଗକାରିଣୀଙ୍କୁ ପ୍ରାୟ ୩୪.୩୧ଲକ୍ଷ ଟଙ୍କାର ଆର୍ଥିକ କ୍ଷତି ହେଲା । ଅଭିଯୋଗର ପ୍ରମାଣ ମିଳିବା ପରେ ପୋଲିସ ଅଭିଯୁକ୍ତ ସୁଶାନ୍ତ କୁମାର ପାତ୍ରକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସୋଆ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ଷ୍ଟାର୍ଟ ଅପ୍ ସେରେଣ୍ଡିପିଟି ପ୍ରାଇଭେଟ ଲିମିଟେଡ ମଧ୍ୟରେ ସୋମବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଷ୍ଟାର୍ଟ ଅପ୍ ଅନ୍ତରୀକ୍ଷ ସକ୍ଷମ ପ୍ରଯୁକ୍ତି ଏବଂ ପ୍ଲାଟଫର୍ମ ଉନ୍ନୟନରେ ନିୟୋଜିତ ଅଟେ ଓ ଔଷଧୀୟ ସ୍ଫଟିକୀକରଣ ପାଇଁ ମୋଡ୍ୟୁଲ୍, କ୍ଲାଇନୋଷ୍ଟାଟ ଆଧାରିତ ମାଇକ୍ରୋଗ୍ରାଭିଟି ସିମ୍ୟୁଲେସନ୍ ଏବଂ ଅନ୍ତରୀକ୍ଷରେ କକ୍ଷପଥୀୟ ସ୍ଫଟିକୀକରଣ ମିଶନ୍ ଏହାର ଅନ୍ତର୍ଭୁକ୍ତ । ଗତ ଦୁଇ ଦଶନ୍ଧି ଧରି ନାସା ଦ୍ୱାରା ଶୂନ୍ୟ ଗୁରୁତ୍ୱାକର୍ଷଣରେ ସ୍ଫଟିକୀକରଣ କାର୍ଯ୍ୟ ବ୍ୟାପକ ଭାବେ ଅଗ୍ରଗତି କରିଛି ଓ ଆନ୍ତର୍ଜାତୀୟ ଅନ୍ତରୀକ୍ଷ କେନ୍ଦ୍ର (ଆଇଏସ୍‌ଏସ୍)ର ମାଇକ୍ରୋଗ୍ରାଭିଟି ପରିବେଶରେ ସ୍ଫଟିକ ବଢ଼ାଇବା କାର୍ଯ୍ୟ ହେଉଛି । ଏହା ଦ୍ୱାରା ପୃଥିବୀ ପୃଷ୍ଠ ତୁଳନାରେ ଅଧିକ ଉତମ ଗୁଣମାନର, ଅଧିକ ବଡ଼ ଏବଂ ଅଧିକ ସମ୍ପୂର୍ଣ୍ଣ ଭାବରେ ଗଠନ ଥିବା ସ୍ଫଟିକ ପ୍ରସ୍ତୁତ କରିବା ସମ୍ଭବ ହୋଇଥାଏ ।

ନାସାର ପଦଚିହ୍ନ ଅନୁସରଣ କରି ଡିବିଟି-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍ ଇନ୍‌କ୍ୟୁବେଟରରେ ଅବସ୍ଥିତ ସେରେଣ୍ଡିପିଟି ସ୍ପେସ ପ୍ରାଇଭେଟ ଲିମିଟେଡ୍ ଶୂନ୍ୟ ଗୁରୁତ୍ୱାକର୍ଷଣ (ଜିରୋ ଗ୍ରାଭିଟି) ପରିବେଶରେ ଅନ୍ତରୀକ୍ଷରେ ନୂତନ ସ୍ଫଟିକ ବିକାଶ କରିବାକୁ ସକ୍ଷମ ହୋଇପାରିଛି । ଏହି ପ୍ରକ୍ରିୟାରେ ପ୍ଲାବନ ଜନିତ ପ୍ରବାହ ଏବଂ ଅବସାଦନକୁ ଦୂର କରାଯାଇ ଅଧିକ ବଡ଼, ଏକ ରୂପ ଓ ଅଧିକ ଗୁଣମାନର ଉଚ୍ଚ ସ୍ଫଟିକ ଉତ୍ପାଦନ କରିବା ସମ୍ଭବ ହୁଏ । ଏହା ଦ୍ୱାରା ଔଷଧ ଫର୍ମୁଲେସନ୍‌ର ସ୍ଥିରତା, ଜୀବ-ଉପଲବ୍ଧତା ଏବଂ ସଂରଚନା- ଆଧାରିତ ଔଷଧ ପରିକଳ୍ପନାକୁ ପ୍ରୋତ୍ସାହନ ମିଳିଥାଏ । ଅପର ପକ୍ଷେ, ସୋଆ ବିଶ୍ୱବିଦ୍ୟାଳୟ କ୍ଷୁଦ୍ର ଅଣୁ ସ୍ଫଟିକୀକରଣ ପ୍ରଯୁକ୍ତିରେ ଗବେଷଣା ସାମର୍ଥ୍ୟ, ପ୍ରୟୋଗଶାଳା ଏବଂ ଦକ୍ଷତା ସ୍ଥାପନ କରିଛି । ଦୁଇ ପକ୍ଷ ପ୍ରୟୋଗଶାଳା, ସିମ୍ୟୁଲେଟେଡ ମାଇକ୍ରୋଗ୍ରାଭିଟି ଏବଂ ଅନ୍ତରୀକ୍ଷ ଯାତ୍ରା ପରିବେଶରେ କ୍ଷୁଦ୍ର ଅଣୁଗୁଡ଼ିକୁ ନେଇ ସ୍ଫଟିକୀକରଣ ପରୀକ୍ଷାରେ ସହଯୋଗ କରିବାକୁ ଉଦ୍ଦେଶ୍ୟ ରଖିଛନ୍ତି । ଦୁଇ ସଂସ୍ଥା ଆପଣା ପୂରକ ଦକ୍ଷତାକୁ କାର୍ଯ୍ୟରେ ଲଗାଇ ନୂତନ ଔଷଧ ଉତ୍ପାଦ ବିକାଶ ପାଇଁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଭାରତ ଭୂଷଣ ସୁବୁଦ୍ଧି କହିଛନ୍ତି ।

## ଇସ୍ରାଏଲୀ ସଂସଦରେ କଡା ଆଇନ ଅନୁମୋଦିତ

# ୯୦ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ

## ପାଲେଷ୍ଟାନୀୟଙ୍କ ପାଇଁ କଠୋର ହେଲେ ନେତାନ୍ୟାହୁ

ଜେରୁଜେଲମ : ଇରାନ ଯୁଦ୍ଧ ମଧ୍ୟରେ, ଇସ୍ରାଏଲୀ ସଂସଦ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ଆଇନକୁ ଅନୁମୋଦନ କରିଛି। ଏହି ନୂତନ ଆଇନ ଅନୁଯାୟୀ, ଆତଙ୍କବାଦୀ କାର୍ଯ୍ୟ ପାଇଁ ଦୋଷୀ ସାବ୍ୟସ୍ତ ପାଲେଷ୍ଟାଇନୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଦଣ୍ଡାଦେଶର ୯୦ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ଦିଆଯିବ। ବ୍ୟତିକ୍ରମ କ୍ଷେତ୍ରରେ ଏହାକୁ ୧୮୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହି ଖବର ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ନିଆଁରେ ଘିଅ ଢାଳିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମେତ ୬୨ ଜଣ ସାଂସଦ ଏହି ବିଲ୍ ସପକ୍ଷରେ ଭୋଟ ଦେଇଥିଲେ, ଯାହାକୁ ଇସ୍ରାଏଲର ଦକ୍ଷିଣପନ୍ଥୀ ଦଳଗୁଡ଼ିକ ପାଇଁ ଏକ ବଡ଼ ବିଜୟ ଭାବରେ ଦେଖାଯାଉଛି। ସେମାନେ ଦୀର୍ଘ ଦିନ ଧରି ଏପରି କଠୋର ଆଇନ ପ୍ରଣୟନ ପାଇଁ ଦାବି କରିଆସୁଛନ୍ତି। ନୂତନ ଆଇନ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଇସ୍ରାଏଲ ନାଗରିକଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ହତ୍ୟା କିମ୍ବା ଗୁରୁତର କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରାଯାଏ ତେବେ ତାଙ୍କୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ।



ଏହି ଆଇନ ମୁଖ୍ୟତଃ ୱେଷ୍ଟବ୍ୟାଙ୍କରେ ହୋଇଥିବା ଆକ୍ରମଣ ସହିତ ଜଡିତ ମାମଲାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ। ସାମରିକ ଅଦାଲତରେ ମାମଲାର ଶୁଣାଣି କରାଯିବ, ଯେଉଁଥିରେ ଇସ୍ରାଏଲୀ ନାଗରିକ, ପାଲେଷ୍ଟାଇନୀ ଏବଂ ପୂର୍ବ ଜେରୁସାଲେମର ବାସିନ୍ଦାଙ୍କ ସହିତ ଜଡିତ ମାମଲା ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ। ତଥାପି, ଏହି ଆଇନ ପୂର୍ବ ମାମଲାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ନାହିଁ, ବରଂ କେବଳ ଭବିଷ୍ୟତର ଘଟଣାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ। ଆଇନକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ପ୍ରକାଶ ପାଇଛି, ୟୁରୋପୀୟ ୟୁନିଅନ କହିଛି, ସମାନ ଅପରାଧ ପାଇଁ ଭିନ୍ନ ଭିନ୍ନ ଦଣ୍ଡ ଦେବା ନ୍ୟାୟ ନୀତିର ବିପରୀତ ହୋଇପାରେ। ଆମେରିକା ଇସ୍ରାଏଲର ନିଷ୍ପତ୍ତିକୁ ସମର୍ଥନ କରିଛି । ଆମେରିକାର ବୈଦେଶିକ ବିଭାଗ ଅନୁଯାୟୀ, ଏକ ସାର୍ବଭୌମ ରାଷ୍ଟ୍ର ଭାବରେ, ଇସ୍ରାଏଲର ଆତଙ୍କବାଦ ବିରୋଧରେ କଠୋର ଆଇନ ପ୍ରଣୟନ କରିବାର ଅଧିକାର ଅଛି।

# ଦିଲ୍ଲୀରେ ଭୟଙ୍କର ଆତଙ୍କବାଦୀ ଷଡଯନ୍ତ୍ର ପଣ୍ଡ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସର ସ୍ପେସାଲ୍ ସେଲ୍ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାର ଏକ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି। ପଚରାଉଚରା ସମୟରେ ଶବିର ଅହମ୍ମଦ ଲୋନ୍ ନାମକ ଅଭିଯୁକ୍ତ ରାଜଧାନୀର ପ୍ରମୁଖ ଧାର୍ମିକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକର ଅନୁସନ୍ଧାନ ସମେତ ନିରୀକ୍ଷଣ କାର୍ଯ୍ୟକଳାପ ବିଷୟରେ ଉଦ୍‌ବେଗଜନକ ବିବରଣୀ ପ୍ରକାଶ କରିଥିଲା।

ଆତଙ୍କବାଦୀଙ୍କ ନିଶାଣରେ ଥିବା ସ୍ଥାନଗୁଡ଼ିକ ମଧ୍ୟରେ କାଲକାଜୀ ମନ୍ଦିର, ଲୋଟସ୍ ମନ୍ଦିର ଓ ଛତରପୁର ମନ୍ଦିର ରହିଛି। ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି ଯେ, ଲୋନ୍ ଏହି ସ୍ଥାନଗୁଡିକର ଭିଡିଓ ରେକର୍ଡ କରିଥିଲା ଏବଂ ସେଗୁଡ଼ିକୁ ପାକିସ୍ତାନରେ ଥିବା ହ୍ୟାଣ୍ଡଲରମାନଙ୍କ ପାଖକୁ ପଠାଇଥିଲା। ଦିଲ୍ଲୀର ଅନ୍ୟତମ ବ୍ୟସ୍ତବହୁଳ ବାଣିଜ୍ୟିକ ଜିଲ୍ଲା କନ୍ନଟ୍ ପ୍ଲେସ୍ ଓ ଏହାର ଆଖପାଖରେ କରାଯାଇଥିବା ଅନୁସନ୍ଧାନକୁ ନେଇ ସୁରକ୍ଷା ଏଜେନ୍ସିମାନେ ମଧ୍ୟ ଚିନ୍ତିତ ଅଛନ୍ତି, ଯାହା ଜନଗହଳିପୂର୍ଣ୍ଣ ବେସାମରିକ ଅଞ୍ଚଳକୁ ଟାର୍ଗେଟ୍ କରିବା ପାଇଁ ଏକ ବ୍ୟାପକ ଯୋଜନାକୁ ଦ ର୍ଶା । ଉ ଛି । ପ ଚ ର । ଉ ଚ ର । ରୁ ଜଣାପଡ଼ିଛି ଯେ, ଗିରଫ ଦୁର୍ବୃତ୍ତ ଲସ୍କର କାର୍ଯ୍ୟକର୍ତ୍ତାଙ୍କ ସହ ସମନ୍ୱୟ ରକ୍ଷା କରିବା ସହ ପାକିସ୍ତାନର ଗୁପ୍ତଚର ଏଜେନ୍ସି ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ସହିତ ସମ୍ପର୍କରେ ଥିଲା। ସୂତ୍ରରୁ ଆହୁରି ଜଣାପଡିଛି ଯେ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଢାଞ୍ଚାରେ ବାଂଲାଦେଶରେ ଏକ ନୂତନ ଆତଙ୍କବାଦୀ ସଂଗଠନ ପ୍ରତିଷ୍ଠା କରିବାକୁ ଉଦ୍ୟମ ଚାଲିଛି, ଯାହା ଆଞ୍ଚଳିକ ସୁରକ୍ଷା ଚିନ୍ତା ସୃଷ୍ଟି କରୁଛି। କର୍ତ୍ତୃପକ୍ଷ ଦିଲ୍ଲୀର ସମ୍ବେଦନଶୀଳ ସ୍ଥାନରେ ନିରୀକ୍ଷଣ ଓ ସୁରକ୍ଷା



ପଦକ୍ଷେପକୁ ଜୋରଦାର କରିଛନ୍ତି। ଆତଙ୍କବାଦୀଙ୍କ ନେଟୱାର୍କକୁ ଭାଙ୍ଗିବା ଓ କୌଣସି ସମ୍ଭାବ୍ୟ ବିପଦକୁ ରୋକିବା ପାଇଁ ଏଜେନ୍ସିଗୁଡିକ କାର୍ଯ୍ୟ କରିବା ସହ ଅନୁସନ୍ଧାନ ଜାରି ରଖିଛନ୍ତି।

## ସୁରଟରେ ଭୟଙ୍କର ଅଗ୍ନିକାଣ୍ଡ

# ଶ୍ୱାସରୁଦ୍ଧ ହୋଇ ପରିବାରର ୫ ମୃତ

ସୁରଟ: ଗୁଜୁରାଟର ସୁରଟ ସ୍ଥିତ ଲିମ୍ବାୟତ ଅଞ୍ଚଳରେ ଏକ ହୃଦୟବିଦାରକ ଅଘଟଣ ଘଟିଛି, ଯେଉଁଠାରେ ଏକ ଆବାସିକ ଗୃହରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ଗୋଟିଏ ପରିବାରର ୪ ଜଣ ମହିଳା ଓ ଜଣେ



୪ ବର୍ଷର ଶିଶୁଙ୍କର ମୃତ୍ୟୁ ଘଟିଛି। ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଘର ଭିତରେ ଗଚ୍ଛିତ ଥିବା ବିପୁଳ ପରିମାଣର ଶାଢ଼ି ଓ ପ୍ୟାକେଜିଂ ସାମଗ୍ରୀ ଯୋଗୁଁ ନିଆଁ ଅତି ଶୀଘ୍ର ବ୍ୟାପି ଯାଇଥିଲା। ଅତି ସଂକୀର୍ଣ୍ଣ ସ୍ଥାନରେ ଧୂଆଁ ଅଧିକ ହେବାରୁ ଉଦ୍ଧାର ପାଇବା ପୂର୍ବରୁ ହିଁ ସମସ୍ତଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ କମିଶନର ବଲରାମ ମୀନାଙ୍କ ଅନୁଯାୟୀ, ସର୍ଟ ସର୍କିଟରୁ ସୃଷ୍ଟି ହୋଇଥିବା ସ୍ପାର୍କ ଫୋମ୍ ସଂସ୍ପର୍ଶରେ ଆସିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପିଥିଲା। ଫୋମ୍‌ରେ ଥିବା ରାସାୟନିକ ପଦାର୍ଥ ଯୋଗୁଁ ସମଗ୍ର କୋଠରୀ ଘନ ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିଲା, ଯାହାଫଳରେ ଉଦ୍ଧାରକାରୀ ଦଳକୁ ଭିତରକୁ ପ୍ରବେଶ କରିବାରେ ପ୍ରବଳ ବାଧା ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀର ନିରନ୍ତର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇ କୁଲିଂ ଅପରେସନ୍ ସମାପ୍ତ କରାଯାଇଛି। ବର୍ତ୍ତମାନ ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାର ସଠିକ୍ କାରଣ ନିର୍ଣ୍ଣୟ ପାଇଁ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଆମେରିକା ଲଢୁଆ ବିମାନକୁ ଅବତରଣ ଅନୁମତି ଦେଲାନି ଇଟାଲୀ

ରୋମ୍: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଇଟାଲୀ ଆମେରିକାକୁ ଏକ ବଡ଼ ଝଟକା ଦେଇଛି। ସ୍ଥାନୀୟ ଖବରକାଗଜ କୋରିଏର ଡେଲା ସେରା ଅନୁଯାୟୀ, ଇଟାଲୀ ସରକାର ସିସିଲିରେ ମଧ୍ୟପ୍ରାଚ୍ୟ ଯାଉଥିବା ଏକ ବିମାନକୁ ଅବତରଣ କରିବାରୁ ବାରଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଇଟାଲୀ ସରକାର ଇରାନ ଯୁଦ୍ଧରୁ ନିଜକୁ ଦୂରେଇ ରଖିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଏହା ପ୍ରଥମ ଥର ଯେତେବେଳେ ଚ ପ୍ରଧାନମନ୍ତ୍ରୀ ଜିଓର୍ଜିଓ ମେଲୋନିଙ୍କ ସରକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବିରୋଧରେ ନିଜର ମତ ରଖିଛନ୍ତି।

ସିସିଲିରେ ଆମେରିକୀୟ ବିମାନ ଅବତରଣ ପାଇଁ ଅନୁମତି ନଦେବା ଫଳରେ ଏହି ଅଞ୍ଚଳରେ ଆମେରିକୀୟ



ସାମରିକ କାର୍ଯ୍ୟକଳାପ ପ୍ରଭାବିତ ହୋଇପାରେ। କାରଣ ସିସିଲି ମଧ୍ୟପ୍ରାଚ୍ୟରେ ମିଶନ ପାଇଁ ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ। ଗୋଟିଏ ଦିନ ପୂର୍ବରୁ, ସ୍ପେନ୍ ଆମେରିକା ବିମାନ ପାଇଁ ନିଜର ଆକାଶ ସୀମା ବନ୍ଦ କରିଦେଇଥିଲା। ଇଟାଲୀ ଏବେ ଅବତରଣ ଅନୁମତି ମନା କରିଦେଇଛି। ତେବେ, ଇଟାଲ ମନା କରିବା ଗୁରୁତ୍ୱପୂର୍ଣ୍ଣ କାରଣ ଇଟାଲୀ ଏକ ନାଟୋ ସଦସ୍ୟ ଏବଂ ୟୁରୋପରେ ଏହାର ପ୍ରଭାବ ଯଥେଷ୍ଟ। ଏହା ବ୍ୟତୀତ, ଏହାର ପ୍ରଧାନମନ୍ତ୍ରୀ, ଜିଓର୍ଜିଆ ମେଲୋନିଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତର ବୋଲି ବିବେଚନା କରାଯାଏ। ଟ୍ରମ୍ପଙ୍କ ଶପଥ ଗ୍ରହଣ ସମୟରେ ମେଲୋନି ଏକମାତ୍ର ପ୍ରମୁଖ ୟୁରୋପୀୟ ନେତା ଥିଲେ ଯାହାଙ୍କୁ ହ୍ୱାଇଟ୍ ହାଉସକୁ ନିମନ୍ତ୍ରଣ କରାଯାଇଥିଲା। ମେଲୋନି ଅନେକ ସମୟରେ ଟ୍ରମ୍ପଙ୍କ ପାଇଁ ଢାଲ ଭାବରେ କାର୍ଯ୍ୟ କରିଛନ୍ତି। ଇରାନ ଯୁଦ୍ଧ ସମୟରେ ଇଟାଲୀର ମନୋଭାବ ଆମେରିକାକୁ ଏକ ବଡ଼ ଆଘାତ ଦେଇଛି।

# ବିଭିନ୍ନ ଦେଶରେ ଯୁଦ୍ଧର ପ୍ରଭାବ

ନୂଆଦିଲ୍ଲୀ: ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ବ୍ୟାପି ସଙ୍କଟ ସୃଷ୍ଟି ହୋଇଛି। ଅଶୋଧିତ ତେଲ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ଏହାର ପ୍ରଭାବ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଭାବେ ଅନୁଭୁତ ହେବାରେ ଲାଗିଛି। ମଧ୍ୟପ୍ରାଚ୍ୟରୁ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁଁ ପାଣି ଗରମ କରିବା ପାଇଁ ବିଦ୍ୟୁତ୍ ଅଭାବ ହେଇଛି। ତେଣୁ ଦକ୍ଷିଣ କୋରିଆ ସରକାର ନିଜ ନାଗରିକମାନଙ୍କୁ କମ୍ ସମୟ ପାଇଁ ଗାଧୋଇବାକୁ ଅନୁରୋଧ କରିଛନ୍ତି। ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ହାପ୍ ସାର୍ଟ ପିନ୍ଧିବା ଆରମ୍ଭ କରିଛନ୍ତି ଏବଂ ସମସ୍ତଙ୍କୁ ସେହିପରି କରିବାକୁ ଅନୁରୋଧ କରିଛନ୍ତି। ବିଦ୍ୟୁତ୍ ସଙ୍କଟକୁ ଦୃଷ୍ଟିରେ ରଖି ଥାଇଲାଣ୍ଡ ସରକାର ଏୟାର କଣ୍ଡିସନରର ଆବଶ୍ୟକତା ହ୍ରାସ କରିବାକୁ ଚାହୁଁଛନ୍ତି। ଜୋର୍ଡାନ ମଧ୍ୟ ବିଦ୍ୟୁତ୍, ତେଲ ଏବଂ ଟଙ୍କା ସଞ୍ଚୟ କରିବା ପାଇଁ ସରକାରୀ ଖର୍ଚ୍ଚ କମ୍ କରିବା ଲାଗି ବିଭିନ୍ନ କଟକଣା ଲାଗୁ କରିଛି।

ଦେଶରେ ଶକ୍ତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିବା ଫିଲିପାଇନ୍ସ ସରକାରୀ କର୍ମଚାରୀମାନଙ୍କୁ ଲିଫ୍ଟ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ଦେଇଛି। ଏହା ବ୍ୟତୀତ, ଅନେକ ଦେଶରେ କୃଷି ଏବଂ ଉତ୍ପାଦନ ପ୍ରଭାବିତ ହୋଇଛି। ବ୍ରାଜିଲ ଚିନି କାରଖାନାରେ ଚିନି ଉତ୍ପାଦନ ହ୍ରାସ ପାଇଛି। ଜୈବ ଇନ୍ଧନ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ଯୋଗୁ ବିଶ୍ୱ ସ୍ତରରେ ଚିନିର ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ଇରାନ ଯୁଦ୍ଧ ଯୋଗୁଁ ଅଷ୍ଟ୍ରେଲିଆରେ ଗହମ ବୁଣା ପ୍ରଭାବିତ ହୋଇଛି।

## ଇରାନର ଯୁଦ୍ଧାସ୍ତ୍ର ଡିପୋ ଉପରେ ବୋମାମାଡ

ୱାଶିଂଟନ : ଇରାନ ବିରୋଧରେ ଆଉ ଗୋଟିଏ ବଡ଼ ଆକ୍ରମଣ କରିଛି ଆମେରିକା। ଆଜି ଭୋର ସମୟରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନର ଇସଫାହାନ ସ୍ଥିତ ଯୁଦ୍ଧାସ୍ତ୍ର ଡିପୋରେ କରାଯାଇଛି ଏୟାର ଷ୍ଟ୍ରାଇକ। ଏଠାରେ ଥିବା ଇରାନର ପ୍ରମୁଖ ଯୁଦ୍ଧାସ୍ତ୍ର ଡିପୋ ଉପରେ ଆମେରିକା ମାଡ଼ କରିଛି ୯୦୦ କେଜି ଓଜନର ବଙ୍କର ବିଧ୍ୱଂସକାରୀ ବୋମା। ଏଥିଯୋଗୁ ପୂରା ଅଞ୍ଚଳରେ ଭୟଙ୍କର ବିସ୍ଫୋରଣ ହେବା ସହ ସବୁ କିଛି ମାଟିରେ ମିଶି ଯାଇଛି। ହମଲା ପରେ ହୋଇଥିବା ବିସ୍ଫୋରଣ ଓ ଅଗ୍ନିକାଣ୍ଡର ଭିଡିଓକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ଶେୟାର କରିଛନ୍ତି। ସିରିଜ ବିସ୍ଫୋରଣ ପରେ କେମିତି ପୂରା ଆକାଶକୁ ନିଆଁ ପିଣ୍ଡୁଳା ଉଠୁଛି, ତା'କୁ ଦେଖିବାକୁ ମିଳୁଛି।

# ଏଲପିଜି ସଂକଟ : ମୁମ୍ବାଇ ଓ ସୁରଟରୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ

ମୁମ୍ବାଇ/ସୁରଟ : ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ (ଏଲପିଜି) ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଭାରତର ପ୍ରମୁଖ ଶିଳ୍ପ ସହର ମୁମ୍ବାଇ ଏବଂ ସୁରଟରୁ ଶ୍ରମିକମାନଙ୍କର ଏକ ବଡ଼ ଧରଣର ପଳାୟନ ଆରମ୍ଭ ହୋଇଛି। ଗ୍ୟାସର ପ୍ରବଳ ଅଭାବ ଏବଂ କଳାବଜାରରେ ଏହାର ଦର କିଲୋ ପ୍ରତି ୫୦୦ ଟଙ୍କାକୁ ବୃଦ୍ଧି ପାଇବା ଯୋଗୁଁ ପ୍ରବାସୀ ଶ୍ରମିକମାନେ ଖାଦ୍ୟ ରାନ୍ଧିବାକୁ ଅସମର୍ଥ ହୋଇ ପରିବାର ସହ ନିଜ ଗାଁ ଅଭିମୁଖେ ବାହାରିଛନ୍ତି। ମଙ୍ଗଳବାର ସୁରଟର ଉଦ୍ଧନା ରେଳ ଷ୍ଟେସନ ଏବଂ ମୁମ୍ବାଇର ପ୍ରମୁଖ ଷ୍ଟେସନଗୁଡ଼ିକରେ ହଜାର ହଜାର ଶ୍ରମିକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି, ଯାହାଫଳରେ



ଗୁଜରାଟର ଟେକ୍ସଟାଇଲ୍ ଶିଳ୍ପରେ ଶ୍ରମିକ ଅଭାବ ପରି ଏକ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଛି। ଗ୍ୟାସ ସିଲିଣ୍ଡର ମିଳୁନଥିବାରୁ ଏବଂ ରୁମ୍ ମାଲିକମାନେ କାଠ ଜାଳି ରୋଷେଇ କରିବାକୁ ବାରଣ କରୁଥିବାରୁ ଅନେକ ଶ୍ରମିକ ଦିନ ଦିନ ଧରି ଉପାସ ରହୁଛନ୍ତି। ମୁମ୍ବାଇରୁ ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା କାମାୟନୀ ଏକ୍ସପ୍ରେସ ଓ ହାୱଡା ମେଲ୍ ଭଳି ଟ୍ରେନଗୁଡ଼ିକରେ ଯାତ୍ରୀ ସଂଖ୍ୟା କ୍ଷମତାଠାରୁ ଅଧିକ ରହୁଛି।

ଯଦିଓ ସହରରେ କୌଣସି ସରକାରୀ ନିଷେଧାଦେଶ ବା ଲକ୍ଡାଉନ୍ ନାହିଁ, ତଥାପି ଆବଶ୍ୟକୀୟ ସୁବିଧା ସୁଯୋଗର ଅଭାବ ଓ ଦୈନନ୍ଦିନ ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହୋଇ ଶ୍ରମିକମାନେ ନିଜ ନିରାପତ୍ତା ପାଇଁ ଘରକୁ ଫେରିବାକୁ ଶ୍ରେୟସ୍କର ମଣୁଛନ୍ତି। ଏହି ନିଶବ୍ଦ ପଳାୟନ ବର୍ତ୍ତମାନ ମହାନଗରୀରେ ଶ୍ରମିକଙ୍କ ଜୀବନ ଦୁର୍ବିଷହ ହେବାର ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି। ଆଗକୁ ଗ୍ୟାସ୍ ସଙ୍କଟ କେବେ ଟଳିବ ତାହାକୁ ଶ୍ରମିକମାନେ ଅପେକ୍ଷା କରି ରହିଛନ୍ତି।

# ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ : ଶେଷ ହେବ ଯୁଦ୍ଧ !

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଯୁଦ୍ଧକୁ ଦୀର୍ଘ କରିବା ପାଇଁ ଏବେ କୌଣସି ମନୋଭାବରେ ଆଉ ନାହାନ୍ତି। ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ ନେଇଛନ୍ତି। ପ୍ରଥମେ ଇରାନକୁ ଧ୍ୱଂସ କରିବାକୁ ଶପଥ ନେଇ ଏବେ ହର୍ମୁଜ୍ ପ୍ରସଙ୍ଗରେ ଜିଦ୍ଦୁ ଓହରି ଯାଇଛନ୍ତି। ସେ ତାଙ୍କ ସହଯୋଗୀମାନଙ୍କୁ କହିଛନ୍ତି, ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ବିନା ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ। ଟ୍ରମ୍ପ ଏବଂ ତାଙ୍କ ସହଯୋଗୀମାନଙ୍କ ଅନୁସାରେ ଯଦି ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ଖୋଲାଯିବା ପାଇଁ ସାମରିକ ଆକ୍ରମଣ ଆରମ୍ଭ କରାଗଲେ, ଯୁଦ୍ଧ ଚାରିରୁ ଛଅ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଆମେରିକା ପରବର୍ତ୍ତୀ ସମୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଏକ ପୃଥକ ଅଭିଯାନ ଆରମ୍ଭ କରିପାରେ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଏବେ ନିଷ୍ପତ୍ତି ନେଇଛନ୍ତି ଯେ, ଆମେରିକା ଇରାନର ନୌସେନା ଏବଂ କ୍ଷେପଣାସ୍ତ୍ର ଭଣ୍ଡାରକୁ ଦୁର୍ବଳ କରିବା ତଥା ଯୁଦ୍ଧ ଶେଷ କରିବା ମୁଖ୍ୟ



ଲକ୍ଷ୍ୟ ଉପରେ କାମ କରିବା ଉଚିତ। ଗୁରୁତ୍ୱପୂର୍ଣ୍ଣ ଜଳପଥରେ ମୁକ୍ତ ଭାବରେ ବାଣିଜ୍ୟ ପୁନଃ ଆରମ୍ଭ କରିବା ପାଇଁ ଇରାନ ଉପରେ ଚାପ ପ୍ରୟୋଗ କରାଯିବା ଉଚିତ। ଅଧିକାରୀଙ୍କ ଅନୁଯାୟୀ, ଯଦି ଏହା ବିଫଳ ହୁଏ, ତେବେ ୱାଶିଂଟନ୍ ୟୁରୋପ ଏବଂ ଉପସାଗରରେ ଥିବା ଏହାର ସହଯୋଗୀ ଦେଶଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବାରେ ସାହାଯ୍ୟ କରିବା ପାଇଁ ଚାପ ପକାଇବ।

ଅଧିକାରୀମାନେ ଏହା ମଧ୍ୟ କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ସାମରିକ ବିକଳ୍ପ ଉପଲବ୍ଧ ଅଛି, କିନ୍ତୁ ଏଗୁଡ଼ିକ ତାଙ୍କର ତୁରନ୍ତ ପ୍ରାଥମିକତା ନୁହେଁ। ଏହା ଉଲ୍ଲେଖନୀୟ ଯେ, ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଅନେକ ଭିନ୍ନ ଭିନ୍ନ ବିବୃତି ଜାରି କରିଛନ୍ତି। ସେ ପ୍ରାୟତଃ ପରସ୍ପର ବିରୋଧୀ ବିବୃତି ଦେଉଛନ୍ତି। ଇତିମଧ୍ୟରେ ଇରାନ ପ୍ରଣାଳୀ ଦେଇ ପାର୍ ହେଉଥିବା ଜାହାଜରୁ ଟୋଲ ଆଦାୟ କରିବା ଲାଗି ଏକ ପ୍ରସ୍ତାବକୁ ସଂସଦରେ ପାରିତ କରିଛି।

## ଇରାନର ହର୍ମୁଜ୍ ଟୋଲ ପ୍ଲାନ : ଆମେରିକା -ଇସ୍ରାଏଲ ଜାହାଜ ବ୍ୟାନ

ତେହେରାନ : ବିଶ୍ୱର ପ୍ରମୁଖ ବାଣିଜ୍ୟକ ଜଳମାର୍ଗ ଷ୍ଟ୍ରେଟ ଅଫ ହର୍ମୁଜ ଉପରେ ନିଜର ନିୟନ୍ତ୍ରଣକୁ ଆହୁରି ମଜବୁତ କରିବା ପାଇଁ ବଡ଼ ପଦକ୍ଷେପ ନେଇଛି ଇରାନ। ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଇରାନର ସଂସଦୀୟ ସୁରକ୍ଷା କମିଟି ହର୍ମୁଜ ପାଇଁ ନୂଆ ପରିଚାଳନା ଯୋଜନା ଉପରେ ମୋହର ଲଗାଇଛି। ଏଣିକି ଇରାନ ସରକାର ହର୍ମୁଜ ଅତିକ୍ରମ କରୁଥିବା ମାଲ ବୋଝେଇ ଜାହାଜଗୁଡ଼ିକ ଉପରେ ଟୋଲ ଫି' ଲଗାଇ ପାରିବ।

ସେହିପରି ନୂଆ ଯୋଜନାରେ ଆମେରିକା ଓ ଇସ୍ରାଏଲର ସମସ୍ତ ଜାହାଜ ଉପରେ ସବୁଦିନ ପାଇଁ ବ୍ୟାନ ଲଗା ଯାଇଛି। ଅର୍ଥାତ ଆମେରିକା କିମ୍ବା ଇସ୍ରାଏଲର କୌଣସି ଜାହାଜ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିପାରିବେ ନାହିଁ।

ଜାତୀୟ ସୁରକ୍ଷା କମିଶନରେ ଥିବା ଜଣେ ସଦସ୍ୟ ବିଧିବଦ୍ଧ ଭାବେ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ନୂଆ ଯୋଜନାରେ ହର୍ମୁଜ ପ୍ରଣାଳୀରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା, ଜାହାଜ ସୁରକ୍ଷା ପ୍ରୋଟୋକଲ୍, ପରିବେଶ ସୁରକ୍ଷା ଉପାୟ ଓ ଗୋଟିଏ ଟୋଲ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଅନୁମତି ମିଳିଛି। ଆମେରିକା ଓ ଇସ୍ରାଏଲ ଜାହାଜ ବ୍ୟତୀତ ଏହି ନୂତନ ଯୋଜନାରେ ଇରାନ ଉପରେ ଏକପାଖିଆ କଟକଣା ଲଗାଇଥିବା ସମସ୍ତ ଦେଶର ଜାହାଜଗୁଡ଼ିକୁ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରିବାରୁ ଅନୁମତି ମିଳିବ ନାହିଁ। ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ସାର୍ବଭୌମ ନିୟନ୍ତ୍ରଣକୁ ଏହି ନୂଆ ଯୋଜନା ଆହୁରି ମଜବୁତ କରିଛି। ଏହାବାଦ ଓମାନ ସହିତ ଏହି ଜଳପଥ ପାଇଁ ଗୋଟିଏ ଆଇନଗତ କାର୍ଯ୍ୟକ୍ରମ ପ୍ରତିଷ୍ଠା କରିବାକୁ ମଧ୍ୟ ଇରାନ ଲକ୍ଷ୍ୟ ରଖିଛି।

## ସ୍ୱିଡେନରେ ସ୍ତ୍ରୀଙ୍କୁ ୧୨୦ ପୁରୁଷଙ୍କୁ ବିକିଥିଲେ ସ୍ୱାମୀ

ଷ୍ଟକହୋମ୍ : ୟୁରୋପୀୟ ଦେଶ ସ୍ୱିଡେନରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବାର ଅଭିଯୋଗ ଆସିଛି। ପବ୍ଲିକ୍ ପ୍ରସିକ୍ୟୁସନ୍ ଅନୁଯାୟୀ, ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଦୀର୍ଘ ଦିନ ଧରି ଯୌନ କାର୍ଯ୍ୟକଳାପ କରିବାକୁ ବାଧ କରିଥିଲେ। ୧୨୦ ପୁରୁଷଙ୍କ ସହିତ ସମ୍ପର୍କ ରଖିବାକୁ ସ୍ୱାମୀ ବାଧ କରିଥିଲେ। ଏହି ଘଟଣା ସ୍ୱିଡେନରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ମାମଲାକୁ ଫରାସୀ ମହିଳା ଗିସେଲ୍ ପେଲିକୋଟଙ୍କ ସହିତ ତୁଳନା କରାଯାଉଛି, ଯାହାଙ୍କ ସ୍ୱାମୀ ଡୋମିନିକ୍ ପେଲିକୋଟଙ୍କୁ ୨୦୨୪ ମସିହାରେ ୨୦ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ସେହି ମାମଲାରେ, ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ନିଶା ଦେଇ ଅନ୍ୟମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଏହି ସ୍ୱିଡିସ୍ ମାମଲାରେ, ମହିଳା ଜଣକ ୨୦୨୫ ଅକ୍ଟୋବରରେ ତାଙ୍କ ୬୨ ବର୍ଷୀୟ ସ୍ୱାମୀଙ୍କ ବିରୋଧରେ ଏକ ଅଭିଯୋଗ ଦାୟର କରିଥିଲେ। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୋଗ କରିଛନ୍ତି ଯେ ସେ ତାଙ୍କ ସ୍ତ୍ରୀଙ୍କୁ ବର୍ଷ ବର୍ଷ ଧରି ଏଭଳି କରିବାକୁ ବାଧ କରିଥିଲେ ଏବଂ ଅନ୍ୟମାନଙ୍କୁ ସ୍ତ୍ରୀଙ୍କର ବିବାହ ପ୍ରସ୍ତାବ ଦେଇ ଆର୍ଥିକ ଲାଭ ହାସଲ କରିଥିଲେ।ଅଭିଯୁକ୍ତଙ୍କ ବିରୋଧରେ ଅନଲାଇନରେ ବିଜ୍ଞାପନ ଦେବା , ଗ୍ରାହକଙ୍କ ସହିତ ଯୋଗାଯୋଗ କରିବା ଆଦି ବିଭିନ୍ନ ଅଭିଯୋଗ ରହିଛି। ତାଙ୍କ ବିରୋଧରେ ହିଂସା, ଧମକ ଏବଂ ମହିଳାଙ୍କ ନିଶା ଦେଇ ଶୋଷଣ କରିବାର ମଧ୍ୟ ଅଭିଯୋଗ ଅଛି।

ପବ୍ଲିକ ପ୍ରସିକ୍ୟୁଟର ଇଡା ଆନର୍ଷ୍ଟେଡ୍ଟଙ୍କ ଅନୁଯାୟୀ, ମହିଳା ଜଣକ ଏପରି କାର୍ଯ୍ୟକଳାପରେ ଲିପ୍ତ ହେବାକୁ ଇଚ୍ଛୁକ ଥିଲେ। ଯେତେବେଳେ ସେ ମନା କରିଥିଲେ, ସେତେବେଳେ ମଧ୍ୟ ତାଙ୍କ ଉପରେ ଚାପ ପକାଯାଇଥିଲା।ସ୍ୱିଡିସ୍ ଆଇନ ଅନୁଯାୟୀ, ଯୌନ ସେବା ଏକ ଅପରାଧ।ଏହି ପ୍ରକ୍ରିୟାରେ ସହାୟତା କରିବା ବେଆଇନ। ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ତେବେ ଅଭିଯୁକ୍ତ ସ୍ୱାମୀ ଏହାକୁ ଅସ୍ୱୀକାର କରିଛନ୍ତି।

# ନକ୍ସଲମୁକ୍ତ ଭାରତ : ୫୬ ବର୍ଷ ସଂଘର୍ଷର ଅନ୍ତ

ନୂଆଦିଲ୍ଲୀ : ଭାରତ ୩୧ ମାର୍ଚ୍ଚ ୨୦୨୬ରେ ନକ୍ସଲବାଦମୁକ୍ତ ହେଉଥିବାରୁ ଗତ ୫୬ ବର୍ଷ ଧରି ଚାଲିଥିବା ସଶସ୍ତ୍ର ସଂଘର୍ଷର ଅନ୍ତ ଘଟିଛି। ୨୦୧୪ରେ ୧୨୬ ଥିବା ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୨୦୨୬ ସୁଦ୍ଧା କମି ୨ରେ ପହଞ୍ଚିଛି। ଏପରିକି ଗୁରୁତର ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୫ରୁ ହ୍ରାସ ପାଇ ଶୂନ ହୋଇଯାଇଛି। ନକ୍ସଲ ସଂଗଠନର ସମସ୍ତ ୨୧ କେନ୍ଦ୍ରୀୟ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟମାନେ ନିହତ ହୋଇଛନ୍ତି କିମ୍ବା ଆତ୍ମସମର୍ପଣ କରିଛନ୍ତି। ଏଥି ସହିତ ସହରୀ ନକ୍ସଲମାନଙ୍କ ବିରୋଧରେ ସରକାର ଶୂନ ସହନଶୀଳତା ନୀତି ଅନୁସରଣ କରି ସେମାନଙ୍କ ଛାମୁଆ ସଂଗଠନ ଓ ସହାୟକ ନେଟୱାର୍କକୁ ସମ୍ପୂର୍ଣ୍ଣରୁପେ ଧ୍ୱଂସ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଗୃହ ମନ୍ତ୍ରୀ ଅମିତ ଶାହ। ଦିନ ଥିଲା ଯେତେବେଳେ ଦେଶର ୧୨ଟି ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୂଭାଗ ନକ୍ସଲବାଦର କରାଳ ଛାୟାରେ ଥିଲା, ଯାହା ପ୍ରାୟ ୨୦ କୋଟି ନାଗରିକଙ୍କୁ ପ୍ରଭାବିତ କରିଥିଲା। ସାଧାରଣରେ ଧାରଣା ଥିଲା ଯେ ଦାରିଦ୍ର୍ୟ ହିଁ ନକ୍ସଲବାଦର ମୁଖ୍ୟ କାରଣ`କିନ୍ତୁ ୧୯୬୦ ଦଶକର ତଥ୍ୟ ଏହି ଭ୍ରାନ୍ତ ଧାରଣାକୁ ଭୁଲ ପ୍ରମାଣିତ କରିଛି। ତଥ୍ୟ ଅନୁସାରେ ସେତେବେଳେ ନକ୍ସଲବାଡ଼ି ଅଞ୍ଚଳର ମୁଣ୍ଡପିଛା ଆୟ ସହର୍ଶା ପରି ଅଣ-ପ୍ରଭାବିତ ଅଞ୍ଚଳ ତୁଳନାରେ ଅଧିକ ଥିଲା। ଏଥିରୁ ସ୍ପଷ୍ଟ ହୁଏ ଯେ, ଏହି ଆନ୍ଦୋଳନ ପଛରେ ଦାରିଦ୍ର୍ୟ ନୁହେଁ; ବରଂ ଏକ ନିର୍ଦ୍ଦିଷ୍ଟ ବିଚାରଧାରା କାର୍ଯ୍ୟ କରୁଥିଲା।

ଦେଶରେ ନକ୍ସଲବାଦ ୨୦ ହଜାରରୁ ଅଧିକ ଜୀବନ ନେଇଛି। ଏଥିରେ ୫୦୦୦ରୁ ଅଧିକ ସୁରକ୍ଷାକର୍ମୀ ଅଛନ୍ତି। ସାଧାରଣ ଜନତାଙ୍କଠାରୁ ନକ୍ସଲମାନେ ବର୍ଷକୁ ୨୪୦ କୋଟିର ତଥାକଥିତ ଟିକସ ଆଦାୟ କରୁଥିଲେ। ସେହିପରି ନକ୍ସଲମାନେ ବ୍ୟବହାର କରୁଥିବା ପ୍ରାୟ ୯୨ ପ୍ରତିଶତ ଅସ୍ତ୍ରଶସ୍ତ୍ର ଥାନା ଓ ଅସ୍ତ୍ରାଗାରରୁ



ଲୁଟ ହୋଇଥିଲା। ୨୦୦୫ରେ ନକ୍ସଲମାନେ ଜାହାନାବାଦ ଜେଲ ଓ ସିଆରପିଏଫ ଶିବିର ଉପରେ ଆକ୍ରମଣ କରିବା ୩୮୯ ଜଣ ବନ୍ଦୀଙ୍କୁ ଛାଡ଼ିଦେଇଥିଲେ। ନକ୍ସଲମାନେ କେବଳ ଜଙ୍ଗଲରେ ରହି ଲଢୁନଥିଲେ, ବରଂ ହର୍ଷ ମନ୍ଦର, ବିନାୟକ ସେନଙ୍କ ପରି ସହରୀ ନକ୍ସଲଙ୍କ ଦ୍ୱାରା ସେମାନଙ୍କୁ ବୌଦ୍ଧିକ ଓ ନୀତିଗତ ସହାୟତା ପ୍ରଦାନ କରାଯାଉଥିଲା। ଦେଶକୁ ନକ୍ସଲମୁକ୍ତ କରିବା ପଛରେ ସୁରକ୍ଷାବାହିନୀର ବଡ଼ ହାତ ରହିଛି। ନକ୍ସଲମାନଙ୍କ ବିରୋଧରେ ସୁରକ୍ଷାବାହିନୀ ପକ୍ଷରୁ କରାଯାଇଥିବା କେତେକ ଉଲ୍ଲେଖନୀୟ ଅପରେସନ ହେଲା ବିହାରରେ ଅପରେସନ ଅକ୍ଟୋପସ୍, ଝାଡ଼ଖଣ୍ଡରେ ଅପରେସନ ଥଣ୍ଡରଷ୍ଟର୍ମ ଓ ଅପରେସନ ଡବଲବୁଲ୍, ଛତିଶଗଡ଼ରେ ଅପରେସନ ବ୍ଲାକ୍ ଫରେଷ୍ଟ। ଏସବୁ ଅପରେସନରେ ସୁରକ୍ଷା ବାହିନୀକୁ ସହାୟତା କରିବାକୁ ଅତ୍ୟାଧୁନିକ ଉପକରଣ ସମେତ ଡ୍ରୋନ, ସାଟେଲାଇଟ୍ ଚିତ୍ର, ଏଆଇ ଭିତ୍ତିକ ତଥ୍ୟ ଅନୁଶୀଳନ ପରି ଜ୍ଞାନକୌଶଳର ବ୍ୟବହାର କରାଯାଇଥିଲା। ଦେଶର ଆଦିବାସୀ ଅଧ୍ୟୁଷିତ ମାଓ ଅଞ୍ଚଳରେ ବିକାଶ ପାଇଁ ସରକାର ୧୨ ହଜାର କିଲୋମିଟର ସଡ଼କ ଓ ୫୦୦୦ ମୋବାଇଲ ଟାଓ୍ୱାର ବସାଇଛନ୍ତି। ଏସବୁ ଅଞ୍ଚଳରେ ସଡ଼କ ଭିତ୍ତିଭୂମିର ବିକାଶ ପାଇଁ ସରକାର ୨୦,୮୧୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିପରି ଅତିରିକ୍ତ ୮୦୦୦ ଟାୱାର ବସାଇବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ଗତ ୧୨ ବର୍ଷରେ ୧୮୦୪ ବ୍ୟାଙ୍କ ଶାଖା, ୧୩୨୧ଟି ଏଟିଏମ ଓ ୬୦୦୦ରୁ ଅଧିକ ଡାକଘର ଖୋଲାଯାଇଛି। ଆତ୍ମନିଯୁକ୍ତି ପାଇଁ ମହିଳାମାନଙ୍କୁ ୨ ଲକ୍ଷ ଓ ପୁରୁଷ ମାନଙ୍କୁ ୫ ଲକ୍ଷ ଋଣ ଯୋଗାଇ ଦିଆଯାଉଛି। ଶିକ୍ଷାର ସୁବିଧା ପାଇଁ ୨୫୯ ଏକଲବ୍ୟ ସ୍କୁଲ ଓ ମଡେଲ ଆଇଟିଆଇ, ଦକ୍ଷତା ବିକାଶ ପ୍ରତିଷ୍ଠାନ ଖୋଲାଯାଇଛି। ଏସବୁ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଜଗଦଲପୁରରେ ୨୪୦ ଶଯ୍ୟା ହସ୍ପିଟାଲ ଖୋଲାଯାଇଛି। ଏ ଅଞ୍ଚଳରେ କ୍ରୀଡ଼ା ଓ ସଂସ୍କୃତିର ବିକାଶ ଉପରେ ବି ଗୁରୁତ୍ୱ ଦିଆଯାଉଛି। ବସ୍ତର ଅଲମ୍ପିକ୍ସରେ ୫.୫ ଲକ୍ଷ ଓ ବସ୍ତର ପାଣ୍ଡମରେ ୧.୨ ଲକ୍ଷ ଜନଜାତି ଜନତା ସାମିଲ ହୋଇଥିଲେ। ଗୁଳିର ଜବାବ ଗୁଳି ଓ ସମସ୍ତଙ୍କ ଲାଗି ବିକାଶ ଆଭିମୁଖ୍ୟ ମାଧ୍ୟମରେ ଏ ଅଞ୍ଚଳରେ ଆଇନର ଶାସନ ସୁନିଶ୍ଚିତ କରାଯାଇଛି।

# ଆଇପିଏଲ ମହାସମର

## ଗୁଜୁରାଟକୁ ହରାଇଲା ପଞ୍ଜାବ





ଚଣ୍ଡିଗଡ଼: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୬ର ଚତୁର୍ଥ ମୁକାବିଲାରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ପଞ୍ଜାବ କିଙ୍ଗ୍ସ ୩ ୱିକେଟରେ ବିଜୟୀ ହୋଇଛି। ୧୬୩ ରନର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୯.୧ ଓଭରରେ ପୂରା କରିଛି। ଦଳ ୭ଟି ୱିକେଟ୍ ହରାଇ ୧୬୫ ରନ୍ କରିଛି। ଏହି ମ୍ୟାଚରେ କୋପର ନାୟକ ସାଜିଛନ୍ତି। ଦଳର ଜଣେ ପରେ ଜଣେ ଖେଳାଳି ଯେତେବେଳେ ଆଉଟ୍ ହେଉଥିଲେ, ସେ ସ୍ଥିର ମନ ନେଇ ଖେଳି ଚାଲିଥିଲେ।

ପଞ୍ଜାବ ପାଇଁ କୋନଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଅପରାଜିତ ୭୨ ରନ୍ ସଂଗ୍ରହ କରିଛନ୍ତି। ୪୪ଟି ବଲ୍ ଖେଳି ସେ ୫ଟି ଚୌକା ଏବଂ ୫ଟି ଛକା ମାରିଛନ୍ତି। ପ୍ରଭସିମରନ ସିଂହ ୨୪ଟି ବଲ୍ ଖେଳି ୩୭ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଚୌକା ଏବଂ ୪ଟି ଛକା ମାରିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କ ବ୍ୟାଟକୁ ୧୮ ରନ୍ ସଂଗ୍ରହ ହୋଇଥିଲା। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ।

ଚଣ୍ଡିଗଡ଼ସ୍ଥିତ ଯଦବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିଣି ଆୟୋଜକ ପଞ୍ଜାବ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ବ୍ୟାଟିଂ କରିବାକୁ ପଡ଼ିଆରେ ଓହ୍ଲାଇଥିଲା। ଗୁଜରାଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଛି। ଫଳରେ ଏହି ମ୍ୟାଚ୍ ବିଜୟ ପାଇଁ ପଞ୍ଜାବକୁ ୧୬୩ ରନର ଲକ୍ଷ୍ୟ ଦେଇଥିଲା।

ଗୁଜରାଟର ପାଳି ଆରମ୍ଭ କରିଥିଲେ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ। ଉଭୟ ପ୍ରାରମ୍ଭିକ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୩୭ ରନର ଭାଗିଦାରୀ ହୋଇପାରିଥିଲେ। ସାଇ ସୁଦର୍ଶନ ୧୩ ରନ୍ କରି ପାଭିଲିଅନକୁ ଫେରିଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ଅଧିନାୟକ ଦ୍ୱିତୀୟ ୱିକେଟରେ ଜୋସ୍ ବଟଲରଙ୍କ ସହିତ ୪୪ ରନର ଭାଗିଦାରୀ କରିଥିଲେ। ଗିଲ୍ ୨୭ଟି ବଲ୍ ଖେଳି ୬ଟି ଚୌକା ସହାୟତାରେ ବ୍ୟକ୍ତିଗତ ଭାବେ ୩୯ ରନ୍ କରିଥିଲେ।

ବିସ୍ଫୋରକ ବ୍ୟାଟର ଗ୍ଲେନ ଫିଲିପ୍ସ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କ୍ରିଜରେ ତିଷ୍ଠି ପାରି ନଥିଲେ। ସେ ୧୭ଟି ବଲ୍ ସାମ୍ନା କରିଥିଲେ ଏବଂ ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ। ସେହିପରି ୱାସିଂଟନ ସୁନ୍ଦରଙ୍କ ବ୍ୟାଟରୁ ଗୁଜରାଟକୁ ୧୮ ରନ୍ ମିଳିଥିଲା। ସେ ୧୬ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ।

### ଆଜିର ମ୍ୟାଚ

- ଲକ୍ଷ୍ନୌ- ଦିଲ୍ଲୀ
- ସ୍ଥାନ- ଲକ୍ଷ୍ନୌ
- ସମୟ- ସନ୍ଧ୍ୟା ୭ ଟା ୩୦
- ପ୍ରସାରଣ: ଷ୍ଟାର ନେଟୱର୍କ

## ଆଜିଠୁ ଉପକନିଷ୍ଠ ଜାତୀୟ ହକି ଚାମ୍ପିଅନସିପ୍

ରାଞ୍ଚି, ୩୧।୩ (ଏଜେନ୍ସି) : ୧୬ତମ ହକି ଇଣ୍ଡିଆ ଉପକନିଷ୍ଠ ମହିଳା ଜାତୀୟ ହକି ଚାମ୍ପିଅନସିପ୍ ବୁଧବାରଠାରୁ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂ ହକି ଷ୍ଟାଡିୟମରେ ଆରମ୍ଭ ହେବ। ତିନୋଟି ଡିଭିଜନ ଫର୍ମାଟରେ ଅନୁଷ୍ଠିତ ହେବାକୁ ଥିବା ଏକି ପ୍ରତିଯୋଗିତାରେ ମୋଟ ୨୯ ଦଳ ଅଂଶଗ୍ରହଣ କରୁଛନ୍ତି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ସିଧାସଳଖ ପ୍ରତିଯୋଗିତାର ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏହି ଡିଭିଜନରେ ୧୨ଟି ଦଳ ଅଛନ୍ତି ଓ ସେଗୁଡ଼ିକୁ ଚାରିଟି ପୁଲରେ ବିଭକ୍ତ କରାଯାଇଛି। ପୁଲ୍ 'ବି'ରେ ଓଡ଼ିଶା ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶ ରହିଛନ୍ତି। ସେହିପରି ଡିଭିଜନ'ବି' ଓ 'ସି' ର ଶ୍ରେଷ୍ଠ ଦୁଇଟି ଦଳ ନିଜ ସ୍ତରରୁ ଉପର ଡିଭିଜନକୁ ଉଠିପାରିବେ ଓ ନିମ୍ନ ସ୍ଥାନରେ ଥିବା ଦଳ ଦୁଇଟି



ପରବର୍ତ୍ତୀ ସଂସ୍କରଣରେ ନିମ୍ନ ଡିଭିଜନକପ। ଏହି ପ୍ରତିଯୋଗିତାର ନକ୍‌ଆଉଟ୍ ପର୍ଯ୍ୟାୟ ଏପ୍ରିଲ ୯ରୁ ଆରମ୍ଭ ହେବ ଓ ଏପ୍ରିଲ ୧୨ରେ ଫାଇନାଲ ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ଉପକନିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିଅନସିପ୍ ମଧ୍ୟ ଏପ୍ରିଲ ୧ରୁ ଆରମ୍ଭ ହୋଇ ଏପ୍ରିଲ ୧୨ରେ ଶେଷ ହେବ। ଏହି ପ୍ରତିଯୋଗିକାକୁ ବିହାରର ରାଜଗୀରରେ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାର ଡିଭିଜନ 'ଏ'ର ପୁଲ୍ 'ଡି'ରେ ଓଡ଼ିଶା, କେରଳ ଓ ମଧ୍ୟପ୍ରଦେଶ ଅଛନ୍ତି।

## ନୂଆ ସ୍ଥାନରେ ଟେଷ୍ଟ ମ୍ୟାଚ୍ ଆୟୋଜନ ହେଉ : ଗାଙ୍ଗୁଲି

କୋଲକାତା, ୩୧।୩(ଏଜେନ୍ସି) : ଗୁଆହାଟୀ, ରାଞ୍ଚି ପରି ନୂଆ ନୂଆ ସ୍ଥାନରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ସପକ୍ଷରେ ମତ ଦେଇଛନ୍ତି ପୂର୍ବତନ ଅଧିନାୟକ ତଥା ବେଙ୍ଗଲ୍ କ୍ରିକେଟ୍ ସଂଘ (ସିଏବି) ସଭାପତି ସୌରଭ ଗାଙ୍ଗୁଲି। ସେ କହିଛନ୍ତି ଯେ ଜଣେ ପୂର୍ବତନ ଖେଳାଳି ଓ ଏବିର ସଭାପତି ଭାବରେ ମୁଁ ଚାହିବି ଯେ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ମ୍ୟାଚ୍ ଇଡେନ ଗାର୍ଡେନ୍ସରେ ଆୟୋଜନ ହେଉ। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ, ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଆୟୋଜନ ହୋଇଛି ଓ ଆଇପିଏଲ୍ ମ୍ୟାଚ୍ ଖେଳାଯାଉଛି। କିନ୍ତୁ ଟେଷ୍ଟ କ୍ରିକେଟ୍ ଅନ୍ୟସ୍ଥାନରେ ବି ପହଞ୍ଚିବା ଦରକାର। ସାରା ଭାରତର ଷ୍ଟାଡିୟମଗୁଡ଼ିକ ଭଲ। ଏଣୁ ଚେନ୍ନାଇ ପରି ଗୁଆହାଟୀ ଓ ରାଞ୍ଚିରେ ବି ଟେଷ୍ଟ ଆୟୋଜନ ନେଇ ମୁଁ ଖୁସି। କାରଣ ସେଠାରେ ବି ଭଲ ସୁବିଧା ଅଛି। ଗତ ସପ୍ତାହରେ ବିସିସିଆଇ ପକ୍ଷରୁ ୨୦୨୬-୨୭ ଋତୁ ପାଇଁ ସୂଚୀ ଜାରି କରାଯାଇଥିଲା। ଏହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଭାରତ-ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି। ଏହି ଶୃଙ୍ଖଳାର ତୃତୀୟ ଓ ଚତୁର୍ଥ ଟେଷ୍ଟ ଯଥାକ୍ରମେ ଗୁଆହାଟୀ ଓ ରାଞ୍ଚିରେ ଆୟୋଜନ ହେବ।

## ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିଅନସିପ

ଆଠଗଡ, (ସବ୍ୟୁ): ଖୋ-ଖୋ, ଓଡ଼ିଶା ସଂଘ ଆନୁକୂଲ୍ୟରେ ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିଅନସିପ ଆଠଗଡ଼ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଆଠଗଡ ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଉଦ ଘାଟନ କରିଥିଲେ । ଏହି ଅବସରରେ ଖୋ-ଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ସଭାପତିତ୍ୱରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ଉଦଘାଟନି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପୋଦ୍ୟୋଗୀ ସବ୍ୟସାଚୀ ମିଶ୍ର,ଉତ୍କଳ ଆନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରତ୍ୟୁଷ ବେହେରା,ସହ-ପ୍ରତିଷ୍ଠାତା ପ୍ରଗତି ବେହେରା, ଓଡ଼ିଶା କ୍ରୀଡା ସଂସଦର ସମ୍ପାଦକ ଜି ଏସ ପଟ୍ଟନାୟକ,ଆଠଗଡ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା , ସଚ୍ଛୋସେବୀ ସଂଗଠନର ସଭାପତି ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱୋଳନ କରି ଟୁର୍ଣ୍ଣାମେଣ୍ଟରେ ଶୁଭାରମ୍ଭ କରିଥିଲେ । ଉକ୍ତ ଖୋ ଖୋ ଖେଳରେ ଦେଶର ୩୦ ରାଜ୍ୟ ରୁ ୬୦ ରୁ ଅଧିକ ଦଳ ଏଥିରେ ଯୋଗଦେଇଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ନୃତ୍ୟାଭିନୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଖୋ-ଖୋ ଭାରତ ସଂଘର ସଭାପତିନୋଦ କୁମାର ସିଂ, ବରିଷ୍ଠ ଉପଦେଷ୍ଟା ସୁରେଶ ଶର୍ମାଙ୍କୁ ଓଡିଶା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ବିକ୍ରମ ବିକାଶ ରାୟ ସାମନ୍ତଙ୍କ ସଂଯୋଜନା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପ-ସଭାପତି ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସନରାଇଜ ବ୍ୟାଡମିଣ୍ଟନ କ୍ଲବର ନୂଆ କର୍ମକର୍ତ୍ତା

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଶହୀଦ ନଗର ସନରାଇଜ ବ୍ୟାଡମିଣ୍ଟନ କ୍ଲବର ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଦିନ ଇନ୍ଦିରା ପାର୍କରେ ଅନୁଷ୍ଠିତ ହୋଇଯାଇଛି । ସିକ୍ରେଟ ଭୋଟ ଦ୍ୱାରା ଏହି ନିର୍ବାଚନ ହୋଇଥିଲା ମୋଟ ୫୪ ଜଣ ସଭ୍ୟଙ୍କ ମଧ୍ୟରୁ ୩୭ ଜଣ ସଭ୍ୟ ଭୋଟ ଦେଇଥିଲେ। ଭୋଟ ଗଣତି ପରେ ଶ୍ୟାମ ସୁନ୍ଦର ମହାନାତ୍ର -ସଭାପତି, ସୁନୀଲ କୁମାର ମହାପାତ୍ର -ସମ୍ପାଦକ , ପ୍ରଶାନ୍ତ କୁମାର ବିଶ୍ୱାଳ -ଯୁଗ୍ମ ସମ୍ପାଦକ , ଶଶାଙ୍କ ଶେଖର ଜେନା-କୋଷାଧ୍ୟକ୍ଷ , ମୃତ୍ୟୁଞ୍ଜୟ ସାମନ୍ତି ସିଂହାର - ଯୁଗ୍ମ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ପରିଚାଳନ କମିଟି ପାଇଁ ଆସନ୍ତା ୫ ତାରିଖରେ ନିର୍ବାଚନ ହେବ। ଉକ୍ତ ନିର୍ବାଚନକୁ ୩ ଜଣିଆକମିଟିର ବେଦବ୍ରତ ଦାସ, ବିକ୍ରମ ସିଂହ ଓ ସୁଶ୍ରୀ ସୁଦିପ୍ତା ପରିଡ଼ା ପରିଚାଳନା କରିଥିଲେ।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ବାବାସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲ, ଭୁବନେଶ୍ୱର

VFS.GLOBAL

ଭିସା ଆବେଦନ କେନ୍ଦ୍ରର ଶୁଭାରମ୍ଭ

୦୧ ଅପ୍ରେଲ ୨୦୨୬ | ଅପରାହ୍ନ ୪.୦୦ | ବିଏସ୍‌ଏବିଟି, ଭୁବନେଶ୍ୱର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭିସା ସେବା ଉପଲବ୍ଧ

- ୟୁନାଇଟେଡ୍ କିଙ୍ଗଡମ୍, ଅଷ୍ଟ୍ରିଆ ଓ ସ୍ୱିଜରଲ୍ୟାଣ୍ଡ → ୦୭ ଅପ୍ରେଲ ୨୦୨୬ ଠାରୁ
- ଆୟରଲ୍ୟାଣ୍ଡ, ଇଟାଲୀ, ଜାପାନ ଓ ଇଷ୍ଟୋନିଆ → ୧୦ ଅପ୍ରେଲ ୨୦୨୬ ଠାରୁ
- ଇଜିପ୍ଟ ଓ ମରକ୍କୋ → ୧୭ ଅପ୍ରେଲ ୨୦୨୬ ଠାରୁ
- ମାଲ୍ଟା (ଡ଼ି-ଭିସା) → ୨୪ ଅପ୍ରେଲ ୨୦୨୬ ଠାରୁ
- ଅନ୍ୟାନ୍ୟ ଦେଶ → ଆସନ୍ତା ମାସଠାରୁ

ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର

OIPR: 15001/15001/2/25-26/0016 15001/16/2526


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି